# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ (୧୬ ପୃଷ୍ଠା) Sambalpur, Friday, February 1/ 2019 ★★

୧୫ଶ ଭାଗ ୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





DSPL - 377

ଓଡ଼ିଶା ସରକାର



ବିଜୁ ଯୁବ ବାହିନୀ
Biju Yuva Vahini

# ଯୁବ ସମାବେଶ

## ସ୍ୱେଚ୍ଛାସେବାର ଉତ୍ସବ

## ସମ୍ବଲପୁର, ୧ ଫେବୃଆରୀ ୨୦୧୯

'ବିଜୁ ଯୁବ ବାହିନୀ' ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ

ଜିଲ୍ଲା: ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ବରଗଡ଼

ଦେଶ ଗଠନ
ସମାଜ ନିର୍ମାଣ
ଗୋଷ୍ଠୀ ଉନ୍ନୟନ
ପରିବର୍ତ୍ତନର ବାହକ
ସ୍ୱେଚ୍ଛାକୃତ ସେବା
ନେତୃତ୍ୱ
କ୍ରୀଡ଼ା
କଳା ଓ ସଂସ୍କୃତି
ସକ୍ରିୟ ନାଗରିକତା
ଯୁବଶକ୍ତି

ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା ସରକାର

Follow us: @odishabyv @odishabyv



29002/13/0006/1819

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ (୧୬ ପୃଷ୍ଠା) Sambalpur, Friday, February 1/ 2019 ★★

୧୫ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DADLS - 263

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ସମ୍ବଲପୁର ଜିଲ୍ଲା ଗସ୍ତ

**୧ ଫେବୃଆରୀ ୨୦୧୯ || ଶୁକ୍ରବାର**

**ମଧ୍ୟାହ୍ନ: ୧୨.୦୦**





### ଶୁଭ ଉଦ୍‌ଘାଟନ

**ନେଲ୍‌ସନ୍ ମାଣ୍ଡେଲା ଛକଠାରେ**
**୧୧୭.୭୨ କୋଟି ଟଙ୍କା ବ୍ୟୟରେ**
**ମହାନଦୀ ଉପରେ ନିର୍ମିତ ହାଇଲେଭ୍‌ଲ ସେତୁ**

ଦେଢ଼ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ଚ୍ଵାଉଁରପୁର, ଗୋଶାଳା ଏବଂ ଚିପିଲିମା ଅଞ୍ଚଳବାସୀଙ୍କୁ ସମ୍ବଲପୁର ସହର ସହ ସିଧାସଳଖ ସଂଯୁକ୍ତ କରିବ ଏବଂ ସଂପୃକ୍ତ ଅଞ୍ଚଳର ଗ୍ରାମବାସୀଙ୍କ ଜୀବନ ଜୀବିକା ନିମନ୍ତେ ସହାୟତା ପ୍ରଦାନ କରି ଅଞ୍ଚଳବାସୀଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ସହାୟକ ହେବ ।

ଏଥିସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲାରେ **୧୦୦ କୋଟି** ଟଙ୍କା ବ୍ୟୟରେ ନିର୍ମିତ ୧୯ଟି ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହ **୩୩୮ କୋଟି** ଟଙ୍କା ବ୍ୟୟ ଅଟକଳରେ ୧୪ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ବିଜୁ ଯୁବ ବାହିନୀ Biju Yuva Vahini

ବିଜୁ ଯୁବବାହିନୀ ଆଞ୍ଚଳିକ ସମାବେଶରେ ଯୋଗଦାନ ଏବଂ ଉଦ୍‌ବୋଧନ

15001/13/0566/1819










ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

**ସୂଚନା ଓ ଲୋକସମ୍ପର୍କ ବିଭାଗ**

@CMO_Odisha | CMO.Odisha | @Naveen_Odisha

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧/୨୦୧୯



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଓମ୍
ପରିବାରବର୍ଗ


ସାଇ
ପରିବାରବର୍ଗ


ପିହୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-65528

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

70,000/- booking ଦେଇ Xavier University ପାଖରେ (1200 sqft.) plotର ମାଲିକ ହୁଅନ୍ତୁ। 6371481421. D-65458

Plot on lowest budget Brahmanajharilo, 9km. from BBSR, 16km. from Cuttack 250/- sqft. 7809525452. D-65808

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Investment plot in BDA commercial zone Pitapali Chaka, sqft.-199/-, 9348048204. D-65348

ପ୍ଲଟ ବିକ୍ରିହେବ। ମୌଜା ବିଜୟ ଚନ୍ଦ୍ରପୁର, ପାରାଦୀପ ଜମି- ଏ୦- ୨୨ ୧/୨ଡି ଓ ଏ୦- ୨୫ଡି ମୋଟ ଏ୦.୪୭ ୧/୨ଅଧେ, ପ୍ଲଟ ୪୭୧ ଖାତା ୩୭, କଛ ନଂ ୩୧ ବିକ୍ରିହେବ। ଯୋଗାଯୋଗ: 7008727988, 9437318118. D-10848




ଭୁବନେଶ୍ୱରରେ ଆଜବେଷ୍ଟସ ଘର 3 phase line ସହ ଖୋଲା ଜାଗା ଆବଶ୍ୟକ। 8018172594. D-59529

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10803

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ମୁଁ ଗିରିଧାରୀ ପ୍ରଧାନ, ମୌଜା- ମଞ୍ଚେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ- ୫୪୦/୯୨୫, ପ୍ଲଟ ନଂ. ୧୬୭୫, ଏସି.୦.୦୨୭.୫ ଡେସିମିଲର ମୂଳ ଆର.ଏସ୍.ଡି ନଂ. ୧୧୦୮୧୬୦୩୮୪, ଆଇଡି. ନଂ. ୧୦୮୧୬୦୩୯୦୩ ତା୦୪।୦୪।୨୦୧୬ ରିଖ ରେ ହୋଇଥିଲା ଯାହା ହଜିଯାଇଛି। ଯଦି କେହି ପାଆନ୍ତି, ଯୋଗାଯୋଗ କରନ୍ତୁ: ୯୪୩୭୬୩୧୨୫୯. ଧ-୧୦୮୪୯

### AFFIDAVIT

I Swati Ashok Khandelwal, D/o of- Ashok Khandelwal by occupation housewife, R/o- Maa Rukamani Sadan near Sarbahal Railway crossing Jharsuguda, Dist./Po- Jharsuguda, 768201 Odisha have changed my name to Swati Sakunia, W/o- Naresh Kumar Sakunia after marriage for all future purposes vide affidavit no- 7627, Dated- 10.11.2018. The above two name Swati Sakunia and Swati Ashok Khandelwal relates to one and same lady i.e. deponent herself and none else. D-10851

### ପ୍ରଥମ ବାର୍ଷିକ ଜନ୍ମଦିବସ



(ସାଇ)
**ନବଜ୍ୟୋତି ପତି**
ଭିଲିଶାସନ, ନିମାପଡା
ତୁମେ ଦୀର୍ଘାୟୁ ହୁଅ ଓ ତୁମ ଚଲାପଥ ସଦା କୁସୁମିତ ହେଉ, ଆଜି ଏ ପବିତ୍ର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ। ଧ-୫୬୧୬୫

### ଷଷ୍ଠ ଜନ୍ମବାର୍ଷିକ ଶୁଭେଚ୍ଛା



**ଓମ୍ ଶତପଥି**
୧୧୮୧, ବମିଖାଲ
ତୋର ଆଜି ଷଷ୍ଠ ଜନ୍ମଦିନରେ ଶ୍ରୀଶ୍ରୀଜଗନ୍ନାଥ ଭଲ ମଣିଷ କରି ଦିଅନ୍ତୁ, ଏହା ଆମର ପ୍ରାର୍ଥନା। ତୋର ପାପା, ମାମା, ନାନ୍, ଦର୍ଶିଲ, ସିମି, କାକୁମାନେ, ନାନୀ ଓ ପିଉସାମାନେ, ଅଜା, ଆଇ, ମାମୁ, ନନା, ମା ଓ ପରିବାରବର୍ଗ। ଧ-୧୦୭୫୧

### ଜନ୍ମଦିନ ଶୁଭେଚ୍ଛା



**ପିହୁ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେମା, ଆଇ, ବଡବାପା, ବଡମାମା, ବାବା, ମାମା, କୁନ୍‌ମୁନ୍ ଅପା, ଆଦିଭାଇ, ଇଶୁଭାଇ ଓ ପଟ୍ଟନାୟକ ପରିବାରବର୍ଗ। ଧ-୧୦୮୫୬

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ରଜନିକାନ୍ତ ମହାନ୍ତି**
ଆବିର୍ଭାବ: ମାଘମାସ ଶୁକ୍ଳ ପକ୍ଷ ନବମୀ
ତିରୋଧାନ: ମାଘ କୃଷ୍ଣ ପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା।
ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ କଷ୍ଟଦାୟକ।
ତୁମର ଆତ୍ମା ଚିରଶାନ୍ତି ଲାଭ କରୁ।
ତୁମର ହତଭାଗ୍ୟ ପରିବାରବର୍ଗ।
ଧ-୧୦୮୦୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଚର୍ତୁଭୁଜ ପ୍ରଧାନ**
ଆବିର୍ଭାବ: ୧୦।୧୧।୧୯୪୧
ତିରୋଧାନ: ୨୨।୦୧।୧୯
ବାପା ଆପଣଙ୍କର ତିରୋଧାନରେ ସମସ୍ତେ ମର୍ମାହତ। ଆରପାରିରେ ଥିଲେ ସୁଦ୍ଧା ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମ ଉପରେ ଅଜାଡି ହୋଇପଡୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: **ପୁତ୍ର-ବୈରାଗୀ ଚରଣ, ମାନସ ରଞ୍ଜନ, ରାହାସ ରଞ୍ଜନ, ନାତି-ଦେବବ୍ରତ, ଅମିତ୍, ରାହୁଲ, ଋଷିକେଶ୍ ଓ ସମସ୍ତ ପରିବରରବର୍ଗ।** ଧ-୧୦୮୫୨


## କାଳିଆ ଯୋଜନା: 'ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଅର୍ଥ ଫେରାଇ ଅଣାଯିବ'

ଭୁବନେଶ୍ୱର,୩୧।୧(ବ୍ୟୁରୋ)

କାଳିଆ ଯୋଜନାରେ ବିଭିନ୍ନ ନେତା ଓ ମନ୍ତ୍ରୀଙ୍କ ସମ୍ପର୍କୀୟ ଏବଂ ଧନୀ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବା ଅଭିଯୋଗ ହେଉଛି। ସେମାନଙ୍କ ଆକାଉଣ୍ଟକୁ ଏହି ଯୋଜନା ଅର୍ଥ ଯାଇଥିବା କୁହାଯାଉଛି। ଏଭଳି ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକ ସଶକ୍ତୀକରଣ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଯଦି କୌଣସି ଭୁଲବଶତଃ ଅଣ ହିତାଧିକାରୀମାନଙ୍କ ଆକାଉଣ୍ଟକୁ କାଳିଆ ଯୋଜନା ଟଙ୍କା ଯାଇଥିବ ତେବେ ତାହା ଫେରାଇ ଅଣାଯିବ। କାଳିଆ ଯୋଜନା ପାଇଁ ଜାନୁୟାରୀ ୧ ତାରିଖରେ ଡିଠା ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ଏଥିରେ ୨୨ ଲକ୍ଷ ହିତାଧିକାରୀ ତାଲିକାଭୁକ୍ତ ହୋଇଥିଲେ। ଏହି ତାଲିକା ପ୍ରତ୍ୟେକ ପଞ୍ଚାୟତରେ ଝୁଲାଯିବା ସହ ୱେବ୍‌ସାଇଟରେ ମଧ ଦିଆଯାଇଥିଲା। ଅଯୋଗ୍ୟ ହିତାଧିକାରୀମାନଙ୍କୁ ନାଲି ଫର୍ମ ପୂରଣ କରି ଦେବାକୁ କୁହାଯାଇଥିଲା। ଯେଉଁମାନେ ସରକାରୀ ଚାକିରି କରିଛନ୍ତି, ଯେଉଁ ବ୍ୟକ୍ତିଙ୍କର ୫ ଏକରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି ଏବଂ ଯେଉଁମାନେ ଆୟକର ଦେଉଛନ୍ତି କିମ୍ବା ମୃତ୍ୟୁ ଘଟିଥିଲେ ସେମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ ଦେବାକୁ କୁହାଯାଇଛି। ଏ ନେଇ ବହୁ ନାଲି ଫର୍ମ ଆବେଦନ ହସ୍ତଗତ ହୋଇଛି। ପ୍ରାୟ ୧.୫ ଲକ୍ଷ ଲୋକ ସ୍ୱଇଚ୍ଛାରେ ନାଲି ଫର୍ମ ଜରିଆରେ ଏହି ଯୋଜନାରୁ ନିଜକୁ ବାହାର କରି ନେଇଛନ୍ତି ବୋଲି ଗର୍ଗ କହିଛନ୍ତି। ୨୨ ଲକ୍ଷ ତାଲିକାରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ନାମ ଥାଇପାରେ। ତେବେ କେବଳ ୧୨.୪୫ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଅର୍ଥ ପଠାଇବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରାଯାଇଥିବା ସଚିବ କହିଛନ୍ତି। ଯଦି ଭୁଲବଶତଃ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଥିବ ତାହା ସଂଶୋଧନ କରାଯିବ। ୨୨ ଲକ୍ଷରୁ ୭ ଲକ୍ଷ ଚାଷୀ ୫ ହଜାର ଟଙ୍କା ବଦଳରେ ୧ ଟଙ୍କା ପାଇଥିବା ରିପୋର୍ଟ ଆସିଛି। ଆକାଉଣ୍ଟ ଯାଞ୍ଚ କରାଯାଉଛି। ୧୨.୪୫ ଲକ୍ଷ ଚାଷୀଙ୍କ ଆକାଉଣ୍ଟରେ ସହାୟତା ରାଶି ଜମା କରାଯାଇ ପାରି ନ ଥିଲା। ଗତ ଜାନୁୟାରୀ ୨୫ ତାରିଖରେ ୨୦ ହଜାର ଚାଷୀଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମବାୟ ବିଭାଗ ପକ୍ଷରୁ ମଧ ଏ ନେଇ ଯାଞ୍ଚ କରାଯିବ ବୋଲି ସଚିବ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ୪୫ ବର୍ଷରେ...

୪୫ ବର୍ଷରେ...

୨୦୧୭-୧୮ରେ ଦେଶରେ ସର୍ବାଧିକ ବେକାରି ବୃଦ୍ଧି ପାଇଥିବା ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ପକୁଡ଼ି ଛାଣି କର୍ମସଂସ୍ଥାନ ଯୋଗାଡ଼ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେଉଥିବା ମୋଦି ସରକାରଙ୍କୁ ନିର୍ବାଚନ ପୂର୍ବରୁ ଏହି ରିପୋର୍ଟ ହଟହଟା କରିଛି। ଏନ୍‌ଏସ୍‌ଏସ୍‌ଓ ରିପୋର୍ଟ ଅନୁସାରେ ୨୦୧୭ ଜୁଲାଇରୁ ୨୦୧୮ ଜୁନ ମଧ୍ୟରେ ବେକାରି ହାର ୬.୧% ଥିଲା। କର୍ମ ସଂସ୍ଥାନର ଅଭାବ ସହରାଞ୍ଚଳରେ ୭.୮% ଥିବାବେଳେ ଗ୍ରାମାଞ୍ଚଳରେ ୫.୩% ଥିଲା। ଏହି ବର୍ଷ ଯୁବବର୍ଗର ବେକାରି ସର୍ବାଧିକ ୧୩ରୁ ୨୭% ଥିଲା। ୧୯୭୨-୭୩ ଆର୍ଥିକବର୍ଷ ପରେ ଦେଶରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳି ନ ଥିଲା। ଏହି ରିପୋର୍ଟର ତଥ୍ୟ ଏଇଥି ପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ୨୦୧୯ ନଭେମ୍ବରରେ ବିମୁଦ୍ରୀକରଣ ଘୋଷଣା ଯୋଗୁ ସରକାର ଭାରତର ସର୍ବାଧିକ ବଡ଼ ନୋଟ୍ ବଜାରରୁ ରାତାରାତି ଉଠାଇ ନେବା ପରେ ଏହା ହେଉଛି ଦେଶର ନିଯୁକ୍ତି ସ୍ଥିତିକୁ ନେଇ ପ୍ରଥମ ବିସ୍ତୃତ ସମୀକ୍ଷା। ବାର୍ଷିକ ୭% ହାରରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଘଟୁଛି। ଅଭିବୃଦ୍ଧିକୁ ନେଇ ଭାରତ ଏକ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ର ବୋଲାଯାଉଛି। ହେଲେ ନିଯୁକ୍ତି କ୍ଷେତ୍ରରେ ଏହି ବିଷମ ଚିତ୍ର ସରକାରଙ୍କୁ ଅଡୁଆରେ ପକାଇଛି। ବିଶେଷକରି ସାଧାରଣ ନିର୍ବାଚନରେ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ ବୋଲି ଏକାଧିକ ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି। ଏଭଳି ସମୟରେ ପ୍ରଚାର ବେଳେ ଏହି ପ୍ରସଙ୍ଗକୁ ନେଇ ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ସରକାରଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ ବୋଲି ସମାଲୋଚକ ଓ ବିଶ୍ଳେଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏଭଳି ରିପୋର୍ଟ ଜାରି କରାଯାଇଥିବା ବିଷୟକୁ ଖଣ୍ଡନ କରାଯାଇଛି। ଭାରତର ମୁଖ୍ୟ ପରିସଂଖ୍ୟାନ ଅଧିକାରୀ ପ୍ରବୀଣ ଶ୍ରୀବାସ୍ତବ କହିଛନ୍ତି, ଆମେ ଏହି ରିପୋର୍ଟ ଜାରି କରିନାହୁଁ। ଏହା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ।

କର୍ମ ନିଯୁକ୍ତି ତଥ୍ୟର ସମୀକ୍ଷା କରିଥିବା ସଂସ୍ଥାର କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ଅନ୍ୟ ଜଣେ ସଦସ୍ୟ ତଥ୍ୟ ଜାରିରେ ବିଳମ୍ବ ହୋଇଥିବା ଦର୍ଶାଇ ଇସ୍ତଫା ଦେବା ପରେ ସର୍ଭେକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଜାତୀୟ ପରିସଂଖ୍ୟାନ ଆୟୋଗ ମୁଖ୍ୟ ପି.ସି. ମୋହନ ବୁଧବାର କହିଥିଲେ ଯେ, ନିଯୁକ୍ତି ତଥ୍ୟ ଡିସେମ୍ବରରେ ପ୍ରକାଶ ପାଇବାର ଥିଲା। କିନ୍ତୁ ଏହାର ପ୍ରକାଶନରେ ବିଳମ୍ବକୁ ନେଇ ସେ ଓ ତାଙ୍କ ସହକର୍ମୀ ଜେ. ମୀନାକ୍ଷି ଅସନ୍ତୁଷ୍ଟ। ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟ ଉପରେ ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ ଆଣିଥିଲେ। ପରିସଂଖ୍ୟାନ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ଏନ୍‌ଏସ୍‌ଏସ୍‌ଓ ଏହି ରିପୋର୍ଟ ଦାଖଲ କରିଥିଲା। କିନ୍ତୁ ଏହା କେଉଁ ସମୟରେ ଜାରି କରାଯିବା ଉଚିତ ତାହା ନିଷ୍ପତ୍ତି ନେବା ସରକାରଙ୍କ ଉପରେ ନିର୍ଭର କରେ। କିନ୍ତୁ ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ସର୍ଭେର ତଥ୍ୟରେ ତାଳମେଳ ନ ଥିବାରୁ ଏଥିରେ ନୂଆ ତଥ୍ୟ ଯୋଡ଼ିବା ପାଇଁ ସରକାର ରିପୋର୍ଟ ଜରି କରିବାରେ ବିଳମ୍ବ କରିଛନ୍ତି। ସେହିପରି ପୂର୍ବତନ ପରିସଂଖ୍ୟାନ ମୁଖ୍ୟ ଅଧିକାରୀ ପ୍ରଣବ ସେନ କହିଛନ୍ତି, ୨୦୧୨ରୁ ବେକାରି ବଢ଼ିବାରେ ଲାଗିଛି। ତଥ୍ୟ ପ୍ରକାଶନରେ ବିଳମ୍ବ କରିବା ଏହାର ସମାଧାନ ନୁହେଁ।

ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ମୋଦି ବର୍ଷକୁ ଦୁଇକୋଟି ନିଯୁକ୍ତିର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛନ୍ତି। ହେଲେ ୫ ବର୍ଷ ପରେ କର୍ମ ନିଯୁକ୍ତି ସୃଷ୍ଟି ରିପୋର୍ଟ କାର୍ଡ ପ୍ରଘଟ ହୋଇଛି। ଏହା ଏକ ଜାତୀୟ ବିପର୍ଯ୍ୟୟ ଉପରୁ ପରଦା ହଟାଇଛି। ପ୍ରଧାନମନ୍ତ୍ରୀ ହଟିଯିବାର ସମୟ ଆସିଯାଇଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ରାହୁଲ ଇଟାଲୀୟ ଏକଚ୍ଛତ୍ରବାଦୀ ନେତା ବେନିଟୋ ମୁସୋଲିନିଙ୍କ ଭଳି ଦୂରଦୃଷ୍ଟିହୀନତା ଯୋଗୁ ଏଭଳି ସମାଲୋଚନା କରୁଛନ୍ତି ବୋଲି ଭାଜପା

ପକ୍ଷରୁ କୁହାଯାଇଛି। ବିବାଦ ବଢ଼ିବା ପରେ ନୀତି ଆୟୋଗ ସରକାରଙ୍କ ସମର୍ଥନରେ ସାମ୍ନାକୁ ଆସିଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ୪୫ ବର୍ଷରେ ସର୍ବାଧିକ ବେକାରିକୁ ନେଇ ପ୍ରକାଶ ପାଇ ନ ଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ସତ୍ୟତା ନିର୍ଣ୍ଣୟ ପାଇଁ ଏହାକୁ ଯାଞ୍ଚ କରାଯାଇ ନାହିଁ। ଏହି ତଥ୍ୟ କେତେ ଠିକ୍, ତାହା ମଧ ଜଣାନାହିଁ।

## 'ଖଣି ଲୁଟେରାଙ୍କ କବ୍‌ଜାରେ...

ସମୀକ୍ଷକଙ୍କ କହିବା ଅନୁଯାୟୀ ପୂର୍ବରୁ ରାଜ୍ୟକୁ ଆସିଥିବା ସମସ୍ତ କେନ୍ଦ୍ରୀୟ ଓ ମୁଖ୍ୟମନ୍ତ୍ରୀମାନଙ୍କୁ ଏଭଳି ଆକ୍ରମଣାତ୍ମକ ଢଙ୍ଗରେ ଦେଖିବାକୁ ମିଳି ନ ଥିଲା, ଯାହା କେଜରିୱାଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ସେହିପରି ଉକ୍ତ ସଭାର ଅନ୍ୟତମ ଅତିଥି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ ରାଜ୍ୟ ସରକାର, ଖଣି ଲୁଟେରା ଏବଂ ପିସିସିର ଜନସ୍ୱାର୍ଥ ବିରୋଧୀ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ,ଦେଶ ତଥା ରାଜ୍ୟର ରାଜନୀତି ଠିକ୍ ନ ରହିଲେ ବିକାଶ ଅସମ୍ଭବ। ଓଡ଼ିଶାର ରାଜନୀତି ସମ୍ପୂର୍ଣ୍ଣ ଭାବେ ଖଣି ଲୁଟେରାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ଶାହ କମିଶନଙ୍କ ଆକଳନ ଅନୁଯାୟୀ ରାଜ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ଖଣି ଦୁର୍ନୀତି ହୋଇଛି। କମିଶନ ସେମାନଙ୍କ ଲାଇସେନ୍ସ ରଦ୍ଦ କରି ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ। ହେଲେ ରାଜ୍ୟ ସରକାର ଖଣି ଲୁଟେରାଙ୍କୁ ବଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କଲେ। ଗୋଟିଏ ଟନ୍ ଲୁହାପଥରରୁ ବେଆଇନ ଭାବେ ୫୦୦ଟଙ୍କା ତୃତୀୟ ମହଲାକୁ ଯାଉଛି। ପ୍ରତିଦିନ ଶହଶହ ମିଲିୟନ ଟନ୍ ଖଣିଜ ସମ୍ପଦ କାରବାର ହେଉଛି। ତେଣୁ ରାଜ୍ୟରେ ଖଣି ଦୁର୍ନୀତି କେଉଁ ସ୍ତରରେ ପହଞ୍ଚିଛି, ତାହା ସହଜେ ଅନୁମେୟ। ଖଣି ଜରିମାନା ଦେଇ ନ ଥିବା କମ୍ପାନୀଗୁଡିକ ମଧ୍ୟରେ ସ୍କିମିଂ ମାଇନିଂ, ପଟ୍ଟନାୟକ ମାଇନ୍ସ ଇତ୍ୟାଦି ରହିଛି। ଡି.ଆର. ପଟ୍ଟନାୟକ କିଏ। ଇନ୍ଦ୍ରାଣୀ ପଟ୍ଟନାୟକ କିଏ। ଗୋଟିଏ ଭାଇ ଏପଟେ, ଅନ୍ୟ ଭାଇ ସେପଟେ ରହି ରାଜ୍ୟର ଖଣିଜ ସମ୍ପଦ ଲୁଟ୍ କରିଛନ୍ତି। ଏମାନେ ସମସ୍ତେ ଗୋଟିଏ ଗୋଟିଏ ଧନପଶୁ, ତାଙ୍କ କଳାଧନ ଦ୍ୱାରା କେତେକ ପାଳିତ ପଶୁ ରାଜନୀତି କରୁଥିବା ଶ୍ରୀକାନ୍ତ କହିଛନ୍ତି। ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ଭାବେ ରାଜ୍ୟର ବହୁଜନ (ଯଥା-ଏସ୍‌ସି, ଏସ୍‌ଟି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ)ଙ୍କ ରାଜନୈତିକ ଅଧିକାର, ମଣ୍ଡଳ କମିଶନ ସୁପାରିସ ଲାଗୁ ଏବଂ ଖଣି ଦୁର୍ନୀତିର ତଦନ୍ତ ଦାବି କରିବା କ'ଣ ଦଳ ବିରୋଧୀ କାର୍ଯ୍ୟ। ଚାରିଆଡେ ଏଟିଏମ୍ ରହିଛି, ଏହାର ଅର୍ଥ ଏନି ଟାଇମ୍ ମନି। ହେଲେ ଓଡ଼ିଶା ରାଜନୀତିରେ 'ପିଏଟିଏମ୍' ରହିଛି, ଏହାର ଅର୍ଥ 'ପଟ୍ଟନାୟକ ଏନି ଟାଇମ୍ ମନି'। ରାଜଧାନୀରେ ବାଜି ରାଉତ, ଧର୍ମପଦ, ବିଶ୍ୱ ମହାରଣା, ଲକ୍ଷ୍ମଣ ନାଏକ ଏବଂ ବିର୍ସା ମୁଣ୍ଡାଙ୍କ ଭଲ ପ୍ରତିମୂର୍ତ୍ତିଟିଏ ନାହିଁ। କିନ୍ତୁ ସେମାନଙ୍କୁ ନେଇ ରାଜନୀତି ଚାଲିଛି। କଂଗ୍ରେସ ଅଧ୍ୟକ୍ଷ ତାଙ୍କ ମତକୁ ସମ୍ମାନ କରନ୍ତି, ହେଲେ ଖଣି ଲୁଟେରାଙ୍କ ପାଇଁ ନିଜର ଓଡ଼ିଶା ଗସ୍ତରେ କିଛି ମନ୍ତବ୍ୟ ନ ରଖିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ବିଜୁଳି ଉତ୍ପାଦନ କରି ଶସ୍ତାରେ ବିଜୁଳି ଯୋଗାଇ ପାରୁନାହାନ୍ତି। ଅପରପକ୍ଷରେ କନିଷ୍ଠ ଅମ୍ବାନୀଙ୍କ କମ୍ପାନୀ ଉପରେ ୬୦୦୦ କୋଟି ଟଙ୍କାରୁ ଅଧିକ ବିଦ୍ୟୁତ୍ ବକେୟା ବାକି ରହିଛି। ତେଣୁ ରାଜନୀତିକୁ ସ୍ୱଚ୍ଛ କରନ୍ତୁ, ନୂଆ ଯୁବକ ରାଜନୀତିକୁ ଆସନ୍ତୁ ବୋଲି ଶ୍ରୀକାନ୍ତ କହିଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆମ ଆଦମୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଏଏପି ଓଡ଼ିଶା ମୁଖ୍ୟ ନିଶିକାନ୍ତ ମହାପାତ୍ର, ସାମାଜିକ ନ୍ୟାୟ ଅଭିଯାନ ଆବାହକ ଅକ୍ଷୟ ମଲ୍ଲିକ ଏବଂ ଦେବୀ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

## ଚୂଡ଼ାନ୍ତ ଚାର୍ଜଶିଟ୍...

ବିରୋଧରେ ପ୍ରମାଣ ରହିଛି । ଏହି ଚାର୍ଜଶିଟ୍ ବଳରେ ଅଭିଯୁକ୍ତ ନିଶ୍ଚିତ ଦଣ୍ଡିତ ହେବେ ବୋଲି ସରକାରୀ ଓକିଲ ମିଶ୍ର ସ୍ପଷ୍ଟ କରିଛନ୍ତି । ଫାଇନାଲ ଚାର୍ଜଶିଟ୍ ଦାଖଲ ହୋଇଥିବାରୁ ଖୁବ୍‌ଶୀଘ୍ର ଏହି ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ ହେବ ବୋଲି ମିଶ୍ର ଆଶା ବ୍ୟକ୍ତ କରିଛନ୍ତି । ତେବେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜଶିଟ୍‌କୁ ଭିତ୍ତିହୀନ ବୋଲି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଓକିଲ ଶ୍ରୀମତ୍ ପାଣିଗ୍ରାହୀ କହିଛନ୍ତି । ସେଥିରେ କିଛି ବି ଠୋସ୍ ପ୍ରମାଣ ନାହିଁ ଓ କ୍ରାଇମବ୍ରାଞ୍ଚ ନିଜେ ପ୍ରମାଣ ତିଆରି କରିଛି ବୋଲି ସେ କହିଛନ୍ତି । ତେବେ ଚାର୍ଜଶିଟ୍ ଦାଖଲ ପରେ ଏବେ ପୁଞ୍ଜିଲାଲଙ୍କ ପାଇଁ ହାଇକୋର୍ଟରେ ଜାମିନ୍ ଆବେଦନ କରିବାକୁ ସୁବିଧା ହେବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୨୩ରେ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ଛକ ନିକଟ ଅଧାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ଅଧାପକ ସାହୁଙ୍କ ନବବିବାହିତ ପୁଅ ସୌମ୍ୟ ଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ନବବଧୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ଭଇଁଷା ଜ୍ୟୋତି ବିକାଶ କଲେଜର ଇଂଲିଶ ବିଭାଗ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା । ପୁଞ୍ଜିଲାଲ ନିଜେ ବୋମା ତିଆରି କରି ରାୟପୁର ଯାଇ ସେଠାରୁ ଏକ କୋରିଅର ସଂସ୍ଥା ମାଧ୍ୟମରେ ଅଧାପକ ସାହୁଙ୍କ ଘରକୁ ପାର୍ସଲ ବୋମା ପଠାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା ।

କ୍ରାଇମବ୍ରାଞ୍ଚର ଫାଇନାଲ ଚାର୍ଜଶିଟ୍ ଦାଖଲ ପରେ ମୃତ ସୌମ୍ୟଶେଖରଙ୍କ ମାତା ସଂଯୁକ୍ତା ସାହୁ ଓ ସ୍ତ୍ରୀ ରିମା ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଛନ୍ତି। ଏବେ ବିଚାର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ ବୋଲି ଆଶାବ୍ୟକ୍ତ କରି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଉ ବୋଲି ଦାବି କରିଛନ୍ତି । ବଲାଙ୍ଗୀର ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଦୀର୍ଘଦିନ ହେଲା ଆନ୍ଦୋଳନ ଚାଲିଛି ଓ କୋର୍ଟ କଚେରି କାର୍ଯ୍ୟ ବନ୍ଦ କରାଯାଇଛି । ଏଭଳି କ୍ଷେତ୍ରରେ ଚାର୍ଜଶିଟ୍ ଦାଖଲ ହେବା ପରେ ମଧ ବିଚାର ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ହୋଇପାରେ ବୋଲି ଚର୍ଚ୍ଚା ହେଉଛି ।

## ଆଜି ଅନ୍ତରୀଣ...

ଲାଗି ଆର୍ଥିକ ପ୍ୟାକେଜ, ଆୟକର ଛାଡ଼ ସୀମା ବୃଦ୍ଧି, ଗରିବଙ୍କ ଲାଗି ସର୍ବନିମ୍ନ ଆୟ ଯୋଜନା ଏବଂ ଚାଷୀଙ୍କ ଲାଗି ସହାୟତା ପ୍ୟାକେଜ ଆଦି ଲୋକପ୍ରିୟ ଘୋଷଣା ବଜେଟରେ ହୋଇପାରେ। ଏତେ ସବୁ ଘୋଷଣା ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୩% ମଧ୍ୟରେ ରଖିବା ନେଇ ସରକାର କିପ୍ରକାର ଉଦ୍ୟମ କରୁଛନ୍ତି, ତାହା ଦେଖିବା ଲାଗି ଅର୍ଥନୀତିଜ୍ଞମାନେ ଚାହିଁ ବସିଛନ୍ତି। ନିକଟ ଅତୀତରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ସରକାର ଜନତାଙ୍କ ପାଇଁ ରାଜକୋଷ ଖୋଲି ଦେବେ ବୋଲି ବିଚାର କରାଯାଉଛି। କାରଣ ଏହା ପରେ ସରକାରଙ୍କୁ ଘୋଷଣା ପାଇଁ ଆଉ ସୁଯୋଗ ମିଳିବ ନାହିଁ। ସେହିପରି ଏହି ବଜେଟ ସହ ରେଳ ବଜେଟ ଉପସ୍ଥାପନ କରାଯିବ। ମୋଦି ସରକାର ପୂର୍ବର ପରମ୍ପରାକୁ ଭାଙ୍ଗି ରେଳ ବଜେଟକୁ ସାଧାରଣ ବଜେଟ ସହ ମିଶାଇ ଦେଇଛନ୍ତି।

## ଓଡ଼ିଶା ପୋଲିସ ସଂଘ ଆନ୍ଦୋଳନ ସାମୟିକ ସ୍ଥଗିତ

**କଟକ ଅଫିସ, ୩୧।୧**

କେତେକ ମୌଳିକ ଦାବିନେଇ ଓଡିଶା ପୋଲିସ ସଂଘ(ଓପିଏ) ଫେବୃୟାରୀ ୧ରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନିମନ୍ତେ ଗୃହ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯିବାରୁ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗୁରୁବାର ବକ୍ସିବଜାରସ୍ଥିତ ଓପିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସତ୍ୟଜିତ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଫେବୃୟାରୀ ବୈଠକରୁ ସୁଫଳ ନ ମିଳିଲେ ୬ରୁ ସଂଘର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେବେ। ୧୦ରୁ ସମୂହ ଛୁଟିରେ ରହିବା ଲାଗି ଆବେଦନ କରିବେ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଚନ୍ଦ୍ରଙ୍କ ସହ ଶନି ଓ ଶୁକ୍ରଙ୍କ ସଂଯୋଗ ହେତୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସାମାଜିକ ସ୍ତରରେ ସମାଲୋଚନାର ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳିପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁ ମିଳନ, ଦୂରଯାତ୍ରା, ଶୁଭକାର୍ଯ୍ୟରେ ସହଯୋଗ କରିପାରନ୍ତି। ଯାତ୍ରାକାଳରେ ନୂତନ ମୈତ୍ରୀ ସୃଷ୍ଟି ହେବ।

**ବୃଷ**

ଅଷ୍ଟମ ଚନ୍ଦ୍ରଙ୍କ ପାପଗ୍ରହ ସମ୍ବନ୍ଧରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ,ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ରହିବେ। ବାଣିଜ୍ୟ,ବ୍ୟବସାୟ,ବିବାଦୀୟ ପରିସ୍ଥିତି ଓ ଯାତ୍ରା କେତେକାଂଶରେ ଫଳପ୍ରଦ ହୋଇପାରେ।

**ମିଥୁନ**

ରବି ଓ ବୁଧଙ୍କ ସଂଯୋଗରୁ ବନ୍ଧୁତା ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇ ନେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ,ବାଣିଜ୍ୟ,କଳ କାରଖାନା,ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ**

ମଙ୍ଗଳ ଭାଗ୍ୟସ୍ଥାନରେ କୌଣସି ଶୁଭକାର୍ଯ୍ୟ ସକାଶେ ଅର୍ଥବ୍ୟୟ କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ କିନ୍ତୁ ପରିସ୍ଥିତି ପ୍ରତି ସଜାଗ ରହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ।

**ସିଂହ**

ଆଜିର ଗ୍ରହପ୍ରଭାବରୁ କୌଣସି ମହିଳାଙ୍କ ସାହାଯ୍ୟରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ଆଲୋଚନା ସଭା,ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧମ ପ୍ରକାରର ରହିବ।

**କନ୍ୟା**

ଶନି ଯୁକ୍ତ ବୁଧ ଓ ଚନ୍ଦ୍ର କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ଅଫିସ୍‌ରେ କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା**

ବୃହସ୍ପତିଙ୍କ ସୁପ୍ରଭାବରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଁଏ ସମାଧାନ ହୋଇଯିବ। ସୁବିଧା,ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ ଆବଶ୍ୟକତା ମଧ ପୂରଣ ହୋଇପାରିବ । ବାଣିଜ୍ୟାରମ୍ଭ,ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ। ବ୍ୟବସାୟ,ପରିବହନ ବାଧାପ୍ରାପ୍ତ ହେବ ନାହିଁ ।

**ବିଛା**

ପାପଗ୍ରହ ପ୍ରଭାବରେ ମନ ଠିକ୍ ନ ରହିବା କାରଣରୁ କୌଣସି କଥାକୁ ଠିକ୍ଭାବେ ଶୁଣିପାରିବେ ନାହିଁ କିମ୍ବା ବୁଝିପାରିବେ ନାହିଁ। ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ନିର୍ମାଣାଦି କାର୍ଯ୍ୟ ଠିକ୍‌ଠାକ୍ ଚାଲିବ।

**ଧନୁ**

ବଳବାନ୍ ଶନିଙ୍କ ହେତୁ ପ୍ରବଳ ବିରୁଦ୍ଧାତ୍ମକ ପରିବେଶରେ ମଧ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କଥା ଦେଇଥିବା ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ।

**ମକର**

ଆଜିର କର୍ମଜଞ୍ଜାଳରେ ବ୍ୟସ୍ତ ରହି ବନ୍ଧୁମାନଙ୍କ ଭିଡ଼ରେ ନିଜ ଲୋକଙ୍କର କଥା ଶୁଣିବାକୁ ମଧ ବେଳ ପାଇବେ ନାହିଁ। ଅସାବଧାନତାବଶତଃ କୌଣସି ଜିନିଷ ହଜିଯିବ କିନ୍ତୁ ଅଳ୍ପ ସମୟ ପରେ ମଧ ପାଇଯିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ଯାତ୍ରା ଓ ବାଣିଜ୍ୟରେ ସମସ୍ୟା ପ୍ରଭୃତିର ସାମନା କରିବାକୁ ପଡ଼ିପାରେ।

**କୁମ୍ଭ**

ଅସାବଧାନତା ଓ ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଦୂରଯାତ୍ରା,ଅର୍ଥ କାରବାର, ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ନିକଟ ସମ୍ପର୍କୀୟଙ୍କ ସହଯୋଗ ପାଇ କାର୍ଯ୍ୟ ହାସଲ କରିପାରିବେ। ଜମିଜମା,କଳକାରଖାନା,ହୋଟେଲ ଶିଳ୍ପ, ଯାତ୍ରା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**

ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡିପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ସାମୟିକ ମନ ଉଦାସ ରହିପାରେ। କର୍ମକ୍ଷେତ୍ର,ପଡ଼ୋଶୀଙ୍କ ସହ ଆଗାମୀ ଶୁଭକାର୍ଯ୍ୟ ସକାଶେ ଆଲୋଚନା ସାଙ୍ଗକୁ ବାଣିଜ୍ୟ,ବ୍ୟବସାୟିକ ସ୍ଥିତି ଭଲ ରହିବ।

ଆଜି ମାଘ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଫେବୃୟାରୀ ୧ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଅଦ୍ୟ ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ୬।୨୫ମି ଗତେ ଘ୭।୧୦ମି. ମଧ୍ୟେ, ଘ୭।୫୪ମି. ଗତେ ଘ୧୦।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୨।୨୨ମି. ଗତେ ଘ୨।୩୬ମି. ମଧ୍ୟେ, ଘ୪।୦୫ମି. ଗତେ ଘ୫।୩୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୬ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ




# ଜାନୁୟାରୀରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୩୧।୧:** ନୂଆ ବର୍ଷର ପ୍ରଥମ ମାସ ଜାନୁୟାରୀରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପିଛି। ଗତ ବର୍ଷ ଡିସେମ୍ବରରେ ୯୪,୭୨୬ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ୨୦୧୭ ବର୍ଷର ଏହି ସମୟରେ ୮୯,୮୨୫ କୋଟି ଟଙ୍କା ଆଦାୟ ହୋଇଥିଲା। ତେବେ ଫେବୃୟାରୀ ୨ରେ ଚୂଡ଼ାନ୍ତ ତଥ୍ୟ ପ୍ରକାଶ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି।

# ପିସିଏରୁ ବାହାରିଲେ ୩ ବ୍ୟାଙ୍କ

**ନୂଆଦିଲ୍ଲୀ,୩୧।୧:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତ୍ୱରିତ ସମାଧାନ କାର୍ଯ୍ୟାନୁଷ୍ଠାନ (ପିସିଏ)ରୁ ୩ ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାଦ୍ ଦେଇଛି। ବାହାରି ଆସିଥିବା ବ୍ୟାଙ୍କଗୁଡ଼ିକ ହେଲା ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ। ସେମାନେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଗାଇଡଲାଇନ ଅନୁଯାୟୀ ପର୍ଯ୍ୟାପ୍ତ ପଦକ୍ଷେପ ନେଇଥିବାରୁ ଆର୍‌ବିଆଇ ଉକ୍ତ ପଦକ୍ଷେପ ନେଇଛି। କେନ୍ଦ୍ର ସରକାରଙ୍କ ନୀତି ଯୋଗୁ ଉକ୍ତ ୩ଟି ବ୍ୟାଙ୍କ ପିସିଏରୁ ବାହାରି ଆସିଛି ବୋଲି ଉଲ୍ଲେଖ କରି ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି ଯେ, ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଏଣିକି ଦାୟିତ୍ୱସମ୍ପନ୍ନ ଭାବେ କାର୍ଯ୍ୟ କରିବାକୁ ହେବ।

# ଏଲ୍‌ପିଜି ଦର କମିଲା

**ନୂଆଦିଲ୍ଲୀ,୩୧।୧**

ତୈଳ କମ୍ପାନୀଗୁଡ଼ିକ ଗୁରୁବାର ଏଲ୍‌ପିଜି ସିଲିଣ୍ଡର ଦର ହ୍ରାସ କରିଛନ୍ତି। ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୧.୪୬ ଟଙ୍କା ଏବଂ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୩୦ ଟଙ୍କା ହ୍ରାସ କରାଯାଇଛି। ଫଳରେ ଗୁରୁବାର ରାତି ୧୨ଟାରୁ ଦିଲ୍ଲୀରେ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୪୯୩.୫୩ ଟଙ୍କା ଏବଂ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୬୫୯ ଟଙ୍କା ହେବ।




# ବ୍ୟାଙ୍କିଙ୍ଗ ଉଦ୍ୟୋଗ ମହଙ୍ଗା ଭତ୍ତା ୬୧.୧%

**ଭୁବନେଶ୍ୱର,୩୧।୧**

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ନଭେମ୍ବରରେ ୩୦୨ ପଏଣ୍ଟ ଥିଲା। ଡିସେମ୍ବରରେ ଏହା ୧ ପଏଣ୍ଟ ହ୍ରାସ ଘଟି ୩୦୧ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ନଭେମ୍ବରରେ ୩୧୯ ପଏଣ୍ଟ ଥିଲା। ଡିସେମ୍ବରରେ ଏଥିରେ ୨ ପଏଣ୍ଟ ହ୍ରାସ ଘଟି ୩୧୭ ପଏଣ୍ଟ ହୋଇଛି। ରାଉରକେଲାରେ ନଭେମ୍ବରରେ ଏହା ୩୧୩ ପଏଣ୍ଟ ଥିବା ବେଳେ ଏଥିରେ ୪ ପଏଣ୍ଟ ହ୍ରାସ ଘଟି ଡିସେମ୍ବରରେ ୩୦୯ ପଏଣ୍ଟକୁ ଖସିଛି।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୦.୭% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୦.୪% ବୃଦ୍ଧି ଘଟି ୬୧.୧% ହୋଇଛି। ଏହା ଫେବୃୟାରୀ




ପହିଲାରୁ ଲାଗୁହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ୍ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ସେମାନେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି।

ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ମଧ ଡିଏରେ ୦.୪% ବୃଦ୍ଧି ଘଟି ୫୪.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ୯% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୧୨% ହୋଇଛି। ଏମାନେ ଏହାକୁ ପିଛିଲା ଭାବେ ୨୦୧୯ ଜାନୁୟାରୀ ପହିଲାରୁ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବର୍ତ୍ତମାନ ୯% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ମଧ ଏଥିରେ ୩% ବଢି ୧୨% ହୋଇଛି। ଏହା ସେମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ପାଇବେ। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୮.୮% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୦.୫୪% ହ୍ରାସ ଘଟି ୧୩୮.୨୬% ହୋଇଛି। ଏମାନେ ଏହି ଡିଏ ଏପ୍ରିଲ ପହିଲାରୁ ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ୍ ଓ ପେନସନ୍ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ଫେବୃୟାରୀ ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।










CLASSIFIED DISPLAY


















ଧରିତ୍ରୀ
DHARITRI
ଶୁକ୍ରବାର, ୧ ଫେବୃୟାରୀ, ୨୦୧୯

ତୁମର ପଡୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ- ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ- ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। -ଶ୍ରୀଅରବିନ୍ଦ



# ସର୍ବତୋଷୀ ବଜେଟ

କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ ବଦଳରେ ଶୁକ୍ରବାର ଲେଖାନୁଦାନ ବା ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସରକାର କାହିଁକି ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ଉଚିତ ନୁହେଁ, ସେ ବିଷୟରେ ଆମେ ଏହି ସ୍ତମ୍ଭରେ ଆଲୋଚନା କରିଛୁ। ନିର୍ବାଚନ ପରେ ଯେଉଁ ନୂଆ ସରକାର ଆସିବେ, ଏହି କାମ ତାଙ୍କ ପାଇଁ ଛାଡ଼ିଦେବା ଉଚିତ। ଅନ୍ତରୀଣ ବଜେଟ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପଦକ୍ଷେପ ନିଆଯାଇ ନ ଥାଏ। ତେବେ ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇମାସ ଥିବାବେଳେ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ହାତରୁ ତିନୋଟି ରାଜ୍ୟର ଶାସନ ଡୋରି ଖସିଯାଇଥିବାରୁ ସେ ନେଇ ଖୁବ୍ ଚିନ୍ତାରେ ଥିବା ଏନ୍‌ଡିଏ ସରକାର ଏବେ ଯେଉଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି, ତାହା ନିଶ୍ଚୟ ସମସ୍ତଙ୍କୁ ଖୁସି କଲା ଭଳି ବା ଏକ ସର୍ବତୋଷୀ ବଜେଟ ହେବ ବୋଲି ଆମେ ଆଶା କରିପାରିବା।

ସରକାର ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦେବା ଜାରି ରଖିବେ। କୃଷିକ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଋଣ ପରିମାଣର ଅନ୍ତିମ ସୀମାକୁ ବଢ଼ାଇ ଦିଆଯାଇପାରେ। ଅର୍ଥାତ୍ ଯେଉଁ ପରିମାଣର ଋଣ ଅପରିଶୋଧ ଥିଲେ ମଧ୍ୟ ଆଉ ଋଣ ଦେବାର ବ୍ୟବସ୍ଥା ଥିଲା, ତାହାର ପରିମାଣ ବୃଦ୍ଧି କରାଯାଇପାରେ। କଂଗ୍ରେସ କ୍ଷମତାକୁ ଆସିଲେ ସର୍ବନିମ୍ନ ରୋଜଗାର ଗ୍ୟାରେଣ୍ଟି ଯୋଜନା ପ୍ରଣୟନ କରିବାକୁ ରାହୁଲ ଗାନ୍ଧୀ ଘୋଷଣା କରିଥିବାରୁ ସରକାର ବାଧହୋଇ ଗରିବ ଲୋକଙ୍କ ପାଇଁ ସାର୍ବଜନୀନ ମୌଳିକ ଆୟ ବ୍ୟବସ୍ଥା କରିପାରନ୍ତି। ବର୍ତ୍ତମାନ ଏ ନିର୍ବାଚନୀ ଋତୁର ମହକ ଯେଭଳି ଅଛି, କୃଷକ ଓ କୃଷି କ୍ଷେତ୍ରର ଉନ୍ନତି ପାଇଁ ସରକାର କିଛି ବଡ଼ ଧରଣର ଘୋଷଣା କରିବା ଅସମ୍ଭବ ନୁହେଁ। ଜନରବ ଶୁଣିବାକୁ ମିଳୁଛି ଯେ, ସରକାର ସମ୍ଭବତଃ ସମସ୍ତ ପ୍ରକାର କୃଷି ସବ୍‌ସିଡିକୁ ଏକାଠି କରି ଏବଂ ସେଥିରେ ଆଉ କିଛି ମୋଟା ଅଙ୍କର ଟଙ୍କା ମିଶାଇ ସିଧାସଳଖ କୃଷକମାନଙ୍କ ବ୍ୟାଙ୍କ ଖାତାରେ ଜମା କରିବାର ଘୋଷଣା କରିପାରନ୍ତି। ନିର୍ବାଚନ ବର୍ଷରେ ଏହା ପୂରା ଖେଳକୁ ବୁଲେଇଦେଇ ପାରେ। କିନ୍ତୁ ଏହାଦ୍ୱାରା ବାସ୍ତବରେ କୃଷକମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ନାହିଁ। କୃଷକମାନେ ସେ ଟଙ୍କାକୁ କେମିତି ଖର୍ଚ୍ଚ କରୁଛନ୍ତି, ତାହା ଜାଣିବା ପାଇଁ ବିଧିବଦ୍ଧ ମନିଟରିଂ ବ୍ୟବସ୍ଥା ବିନା ଏତେ ପ୍ରକାର ମାଗଣା ସୁବିଧା ବା ନଗଦ ଟଙ୍କା ଉତ୍ପାଦକତାକୁ ନଷ୍ଟ କରିଦେବ। ଲୋକମାନେ କିଛି କାମ ନ କରି ମାଗଣାରେ ଚଳିବାକୁ ଚାହିଁବେ।

## ଆଜିର ଅର୍ଥନୀତି

ସରକାର ମଧ୍ୟବିତ୍ତ ବର୍ଗ ଓ ଟିକସଦାତାମାନଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରିପାରନ୍ତି। ଏହି ବର୍ଗ ସରକାରଙ୍କ ସବୁ ପ୍ରକାର ଜନକଲ୍ୟାଣ ଯୋଜନାରୁ ସର୍ବଦା ହିଁ ବଞ୍ଚିତ ରହିଥାନ୍ତି। ଟିକସ ଛାଡ଼ ସୀମାରେ ବୃଦ୍ଧି କରାଯାଇପାରେ, ଯଦିଚ ଖୁବ୍ ବେଶି ଟିକସ ରିହାତି ଆଶା କରାଯାଇ ନ ପାରେ। ଟିକସ ଛାଡ଼ ସୀମାରେ ଆଉ ୫୦,୦୦୦ ଟଙ୍କା ବୃଦ୍ଧି ଆମେ ଆଶା କରିପାରିବା। ବର୍ତ୍ତମାନ ବାର୍ଷିକ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ପାଇଁ କୌଣସି ଆୟକର ଦେବାର ବ୍ୟବସ୍ଥା ନାହିଁ। ଯେଉଁମାନେ ବାର୍ଷିକ ଅଢ଼େଇ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି, ସେମାନଙ୍କୁ ୫ ପ୍ରତିଶତ, ୫ ଲକ୍ଷରୁ ୧୦ ଲକ୍ଷ ଆୟକାରୀଙ୍କୁ ୨୦ ପ୍ରତିଶତ ଏବଂ ୧୦ ଲକ୍ଷରୁ ଅଧିକ ଆୟକାରୀଙ୍କୁ ୩୦ ପ୍ରତିଶତ ଆୟକର ଦେବାକୁ ପଡୁଛି। ତେବେ ବେତନଭୋଗୀ ବର୍ଗଙ୍କୁ କିଛି ଅଧିକ କାଟ (ଡିଡକ୍ସନ) ସୁବିଧା ଦିଆଯାଇପାରେ, ଯାହା ଆୟକର କ୍ଷେତ୍ରରେ ଲାଗୁ ହୋଇଆସୁଛି। ସରକାର ମେଡିକାଲ ଖର୍ଚ୍ଚ ଫେରସ୍ତ ଓ ପରିବହନ ଭତ୍ତା ବ୍ୟବସ୍ଥା ପୁନଃ ପ୍ରବର୍ତ୍ତନ କରିପାରନ୍ତି। ଗତ ବଜେଟରେ ଏ ବ୍ୟବସ୍ଥା ଦୁଇଟିକୁ ଉଠେଇ ଦେଇ ତା' ସ୍ଥାନରେ ଷ୍ଟାଣ୍ଡାର୍ଡ ଡିଡକ୍ସନ (ମାନକ ବିୟୋଗ) ପରିମାଣ ୪୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ କିଛି ଅଧିକ ଟିକସ ସୁବିଧା ଦିଆଯାଇପାରେ।

ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) କ୍ଷେତ୍ରରେ ଆମେ ବେଶି କିଛି ଆଶା କରି ନ ପାରୁ। ଅଟଳ ପେନ୍‌ସନ ଯୋଜନା ପାଇଁ ବୟସ ସୀମା ୪୦ରୁ ୫୦ ବର୍ଷକୁ ବୃଦ୍ଧି କରାଯାଇପାରେ। ତାହାହେଲେ ଏହା ଏକ ଲୋକପ୍ରିୟ ନିଷ୍ପତ୍ତି ଭାବେ ବିବେଚିତ ହେବ କାରଣ ବୟସ କଟକଣା ଯୋଗୁ ବହୁ ଲୋକ ଏ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଯୋଜନାରେ ପେନ୍‌ସନ ପରିମାଣ ମଧ୍ୟ ମାସିକ ୫୦୦୦ରୁ ୧୦,୦୦୦କୁ ବୃଦ୍ଧି କରାଯାଇପାରେ। ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) କ୍ଷେତ୍ରରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ବୃହତ୍ ଉଠାଣକୁ ସରକାର ସୁଧମୁକ୍ତ କରିଛନ୍ତି। ସରକାର ବଜେଟରେ ଏ ବିଷୟରେ ଉଲ୍ଲେଖ କରି ଏନ୍‌ପିଏସ୍‌କୁ ପିପିଏଫ୍ (ଜନ ଭବିଷ୍ୟନିଧି ପାଣ୍ଠି) ଓ ଇପିଏଫ୍ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ସହ ତୁଳନୀୟ କରିପାରନ୍ତି। ଲୋକମାନଙ୍କ ଡିଜିଟାଲ କାରବାର ବୃଦ୍ଧିକରିବା ପାଇଁ ମଧ୍ୟ ସରକାର କିଛି ପ୍ରୋତ୍ସାହନ ଦେଇପାରନ୍ତି ବୋଲି ଅନେକେ ଆଶା କରୁଛନ୍ତି। ତେବେ ଏସବୁ କେବଳ ଅନୁମାନ ବା ଆଶା କରିବା କଥା, କିନ୍ତୁ ବାସ୍ତବରେ ସରକାର ଏ ଅନ୍ତରୀଣ ବଜେଟରେ ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଖୁସି କରିବା ପାଇଁ କି କି ସୁବିଧା ଦେଉଛନ୍ତି ବା ଘୋଷଣା କରୁଛନ୍ତି, ତାହା ବଜେଟ ଉପସ୍ଥାପନ ପରେ ଜଣାପଡ଼ିବ।

# ମାର୍କ୍ସବାଦ ଓ ଭଗବତୀ ଚରଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ସାମ୍ୟବାଦୀ ଦର୍ଶନ ଓ ବିଚାରର ଜନକ ବିପ୍ଲବୀ କାର୍ଲମାର୍କ୍ସ। ମାନବବାଦର ଜଣେ ପ୍ରଚଣ୍ଡ ପ୍ରବକ୍ତା। ବିଶ୍ୱ ଇତିହାସରେ ସେ ଏମିତି ଜଣେ ମହାମାନବ, ଯିଏ ଊନବିଂଶ ଶତାବ୍ଦୀରୁ ଏଯାବତ୍ ଜନମାନସକୁ ସବୁଠାରୁ ଅଧିକ ପ୍ରଭାବିତ କରି ରଖିପାରିଛନ୍ତି ନିଜର ଶକ୍ତିଶାଳୀ ବିଚାରଧାରା ବଳରେ। ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ ବିପ୍ଲବ ପରେ ସମାଜରେ ଯେଉଁ ବୁର୍ଜୁଆ ଗୋଷ୍ଠୀ ସୃଷ୍ଟିହେଲେ, ରକ୍ତପାୟୀ ଭଳି ସେମାନେ ଶୋଷଣ କଲେ ଲକ୍ଷ ଲକ୍ଷ ଶ୍ରମିକଙ୍କ ରକ୍ତ। ତା'ର ତୀବ୍ର ପ୍ରତିକ୍ରିୟା ସ୍ୱରୂପ ଜନ୍ମନେଲା ସମାଜବାଦୀ ଦର୍ଶନ। ଜର୍ମାନୀରେ ଜନ୍ମିତ ବିଶିଷ୍ଟ ସମାଜବାଦୀ ଦାର୍ଶନିକ କାର୍ଲମାର୍କ୍ସ ତା'ର ପ୍ରବକ୍ତା ହୋଇଥିବାରୁ ତାହାକୁ କୁହାଗଲା ମାର୍କ୍ସବାଦୀ ଦର୍ଶନ। ମାର୍କ୍ସଙ୍କ ବିଚାରରେ ମିଳିମିଶି ଉତ୍ପାଦନ କରିବା ଓ ଆବଶ୍ୟକତା ଅନୁସାରେ ବାଣ୍ଟି ଖାଇବା ଦ୍ୱାରା ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା ହୋଇପାରିବ ଏବଂ ତାହା ହିଁ ହେବ ମଣିଷର ପ୍ରକୃତ ସ୍ୱାଧୀନତା। ମାତ୍ର ଏହି ଅର୍ଥନୈତିକ ସମାନତା ଓ ସ୍ୱାଧୀନତା ହାସଲ ପାଇଁ ସମାଜରେ ବୁର୍ଜୁଆ ଓ ସର୍ବହରାଙ୍କ ମଧ୍ୟରେ ସଂଘର୍ଷ ଅବଶ୍ୟମ୍ଭାବୀ। କାରଣ ପୁଞ୍ଜିବାଦୀ ବା ବୁର୍ଜୁଆ ଶ୍ରେଣୀ କେବେ ସର୍ବହରାଙ୍କୁ ତାଙ୍କ ଅଧିକାର ଫେରାଇଦେବା ପାଇଁ ଆଗେଇଆସିବ ନାହିଁ ବଳ ପ୍ରୟୋଗ ବିନା। ଅର୍ଥାତ୍ କ୍ରାନ୍ତି ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ଥିଲା ମାର୍କ୍ସୀୟ ଦର୍ଶନର ସୈଦ୍ଧାନ୍ତିକ ବକ୍ତବ୍ୟ। ଏହି ସମାଜବାଦୀ ତତ୍ତ୍ୱ ପ୍ରଥମେ ରୁଷିଆରେ ପ୍ରୟୋଗ ହୋଇଥିଲା ମାର୍କ୍ସଙ୍କ ପଟ୍ଟଶିଷ୍ୟ ଲେଲିନ୍‌ଙ୍କ ସହାୟତାରେ। ସେଠାରେ ନିଷ୍ଠୁର ଜାର୍ ଶାସନକୁ ହଟାଇ (୧୯୧୭) କମ୍ୟୁନିଷ୍ଟମାନେ ଯେଭଳି ଭାବେ କ୍ଷମତା ଆହରଣ କଲେ, ତାହା ଦେଖି ଚକିତ ହୋଇଗଲା ସମଗ୍ର ବିଶ୍ୱ। ରୁଷ୍ ବିପ୍ଲବର ଏହି ଅକଳ୍ପନୀୟ ସଫଳତା ବିଶ୍ୱବ୍ୟାପୀ ନିର୍ଯ୍ୟାତିତ ମଣିଷକୁ ଶୁଣେଇଲା ଶ୍ରେଣୀହୀନ ସମାଜ ଗଠନର ବାର୍ତ୍ତା। ସେବେଠାରୁ ସମାଜବାଦୀ ବାସ୍ତବତା ନାମରେ ପୃଥିବୀର ବିଭିନ୍ନ ସାହିତ୍ୟରେ ପ୍ରକଟିତ ହୋଇଥିବା ଏହି ଶ୍ରେଣୀସଂଘର୍ଷ ଚେତନାକୁ ଓଡ଼ିଆ ସାହିତ୍ୟ ଭିତରକୁ ଆବାହନ କରିଆଣିଥିଲେ ବିପ୍ଲବୀ ଭଗବତୀ ଚରଣ ପାଣିଗ୍ରାହୀ।

ଓଡ଼ିଆ ସାହିତ୍ୟରେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ଥିଲା ସମାଜବାଦୀ ବାସ୍ତବତାର ଅଭ୍ୟୁଦୟ କାଳ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା 'ନବଯୁଗ ସାହିତ୍ୟ ସଂସଦ' (୧୯୩୫) ଗଠନ ତଥା ତାଙ୍କ ସମ୍ପାଦନାରେ 'ଆଧୁନିକ'(୧୯୩୬) ପତ୍ରିକା ଆତ୍ମପ୍ରକାଶ କରିବା ପରେ ଓଡ଼ିଆ ସାହିତ୍ୟରେ ଦାନା ବାନ୍ଧିଲା କାର୍ଲମାର୍କ୍ସଙ୍କ ସମାଜ ଓ ସାହିତ୍ୟ ସମ୍ପର୍କୀୟ ବସ୍ତୁବାଦୀ ବିଚାରଧାରା। ଆଧୁନିକ ପତ୍ରିକାରେ ଭଗବତୀ ଚରଣଙ୍କ କାଳଜୟୀ ଗଳ୍ପ 'ଶିକାର'(୧୯୩୬) ଆତ୍ମପ୍ରକାଶ କରିବା ମାତ୍ରେ ସାହିତ୍ୟ ରାଜ୍ୟରେ ସୃଷ୍ଟି ହେଲା ଏକ ଅଭୂତପୂର୍ବ ଆଲୋଡ଼ନ। ଜଣେ ସମାଜତାତ୍ତ୍ୱିକ ବାସ୍ତବବାଦୀ ଭାବରେ ଶ୍ରେଣୀ ସଂଘର୍ଷର ପଥ ଅନୁସରଣ କରି 'ଶିକାର' ଗଳ୍ପରେ ସେ ଶୋଷିତ ଓ ସର୍ବହରା ହାତକୁ



ଜୟନ୍ତୀ ଉପଲକ୍ଷେ

ବଢ଼ାଇଦେଲେ ଶ୍ରେଣୀ ଶତ୍ରୁକୁ ସଂହାର କରିବାର ଅସ୍ତ୍ର। ଏଥିରେ ଉଲ୍ଲସିତ ହୋଇ ସବୁଜ କବିମାନେ ସୁଦ୍ଧା ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ଆଦରି ନେଲେ ପ୍ରଗତିବାଦୀ ଆଭିମୁଖ୍ୟ। 'ଜଙ୍ଗଲୀ', 'ହାତୁଡ଼ି ଓ ଦା' ଓ 'ମୀମାଂସା' ଆଦି ସର୍ବମୋଟ ୧୨ଟି ଗଳ୍ପ ଲେଖିଥିବା ଭଗବତୀ ଚରଣ କେବଳ ଜଣେ ଗାଳ୍ପିକ ନ ଥିଲେ, ବରଂ ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ଅନୁବାଦକ। ଅଗଣିତ ଓଡ଼ିଆଙ୍କ ଭିତରେ କମ୍ୟୁନିଷ୍ଟ ଚିନ୍ତାଧାରାର ପ୍ରସାର ପାଇଁ ସେ ମାର୍କ୍ସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା ପ୍ରକାଶ ପାଇଥିଲା 'ବୈଜ୍ଞାନିକ ସମାଜବାଦ' ନାମରେ।

ସାହିତ୍ୟ ସାଧନାଠାରୁ ଭଗବତୀଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ସତ୍ୟବାଦୀ ବନବିଦ୍ୟାଳୟରେ ପଢୁଥିବାବେଳେ ତାଙ୍କୁ ଅନୁପ୍ରେରିତ କରିଥିଲା ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ। ପାଟଣା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ଚାକିରି ନ କରି ସେ ଯୋଗଦେଲେ (୧୯୩୨) ସ୍ୱାଧୀନତା ସଂଗ୍ରାମରେ। କିନ୍ତୁ ମାର୍କ୍ସ ଓ ଲେଲିନ୍‌ଙ୍କ ଶ୍ରେଣୀ ସଂଘର୍ଷ ତତ୍ତ୍ୱ ଦ୍ୱାରା ଅନୁପ୍ରାଣିତ ହେଲା ପରେ ସେ ଗାନ୍ଧୀଙ୍କ ଅହିଂସା ଆଦର୍ଶଠାରୁ ଦୂରେଇ ଯାଇ ଯୋଡ଼ି ହୋଇଗଲେ ପ୍ରଜା ସୋସାଲିଷ୍ଟ ଆନ୍ଦୋଳନ ସହିତ। ଯେତେବେଳେ ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା ସେତିକି ବେଳେ ଭାରତୀୟ ରାଜନୀତିକୁ ଉଦ୍‌ବେଳିତ କଲା ଶ୍ରେଣୀ ସଂଘର୍ଷ ଚେତନା। ଏଥିରେ ପ୍ରଭାବିତ ହୋଇ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନଠାରୁ ଦୂରେଇ ଯାଇ ସେ ଯୋଡ଼ିହୋଇଗଲେ ସମାଜବାଦୀ ଆନ୍ଦୋଳନ ସହିତ। ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସ ଭିତରୁ ଜନ୍ମନେଲା ସୋସାଲିଷ୍ଟ ଦଳ(୧୯୩୪)। ତା'ର ସମ୍ପାଦକ ହେଲେ ଭଗବତୀ ଚରଣ ପାଣିଗ୍ରାହୀ। ମାତ୍ର କଂଗ୍ରେସ ଦଳ ଭିତରେ ରହି ସମାଜବାଦୀ ଆନ୍ଦୋଳନକୁ ଆଗେଇ ନେବା ଏତେଟା ସହଜ ନ ଥିଲା ତାଙ୍କ ପାଇଁ। ସେଥିପାଇଁ ଖୋର୍ଦ୍ଧାର ବିଶିଷ୍ଟ ଜନନାୟକ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଓ ବିପ୍ଲବୀ ଗୁରୁ ଚରଣ ପଟ୍ଟନାୟକଙ୍କ ଭଳି ସତୀର୍ଥଙ୍କ ସହଯୋଗରେ ଗଠନ କଲେ (୧୯୩୮) କମ୍ୟୁନିଷ୍ଟ ଦଳ। ଏହି ଦଳର ପ୍ରଥମ ସମ୍ପାଦକ ଭାବେ ତାଙ୍କର ବୈପ୍ଳବିକ ନେତୃତ୍ୱ ଥିଲା ଖୁବ୍ ଉଚ୍ଚକୋଟୀର, ଯାହାର ପ୍ରଭାବରେ ଖୁବ୍ ଚର୍ଚ୍ଚିତ ହୋଇପଡ଼ିଥିଲା ତତ୍କାଳୀନ ଓଡ଼ିଶାର ରାଜନୀତି।

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଜାତିବାଦର ପ୍ରବଳ ବିରୋଧୀ। ତାଙ୍କ ମତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାଇ ଭାଇ ଓ ପରସ୍ପରକୁ ସ୍ନେହ, ପ୍ରେମ ଓ ସହଯୋଗ କରିବା ଦ୍ୱାରା ସମ୍ଭବ ହେବ ସମାଜ ଓ ଜାତିର ପ୍ରଗତି। କାର୍ଲମାର୍କ୍ସଙ୍କ 'ଦାସ କ୍ୟାପିଟାଲ' ପଢ଼ି ତାଙ୍କର ହୃଦ୍‌ବୋଧ ହୋଇଥିଲା ଧର୍ମ ଏକ ଅଫିମ ସଦୃଶ, ଯାହା ସାହାଯ୍ୟରେ ଖୁବ୍ ସହଜରେ ଶୋଷଣ କରିପାରେ ଶାସକ ଗୋଷ୍ଠୀ। ଲୋକେ ଧର୍ମର ଅଫିମ ଖାଇ କେବଳ ଶୋଷଣର ଶିକାର ହୁଅନ୍ତିନି, ବରଂ ଏହାଦ୍ୱାରା ସାମ୍ପ୍ରଦାୟିକ ବିଦ୍ୱେଶ ବଢ଼େ ଓ ବିପନ୍ନ ହୋଇପଡ଼େ ଜାତୀୟ ଏକତା। ଏହି ଭାବଧାରା ତାଙ୍କୁ ସମ୍ପୂର୍ଣ୍ଣ ନାସ୍ତିକ କରିଦେଇଥିଲା, ଯାହାଫଳରେ ସେ ବ୍ରାହ୍ମଣ କୁଳରେ ଜନ୍ମହୋଇ ମଧ୍ୟ ଉପବୀତ ଧାରଣ କରୁ ନ ଥିଲେ କି ତାଙ୍କର କିଛି ସମ୍ପର୍କ ନ ଥିଲା ପୂଜାପାଠ ସହିତ।

ପ୍ରଗତିର ଅଭିଯାତ୍ରୀ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶା କୃଷକ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ସେତେବେଳେ ପ୍ରଚଳିତ ସାମନ୍ତବାଦୀ ବ୍ୟବସ୍ଥାରେ ଜମିଦାର ଓ ସାହୁକାରମାନେ ଚାଷୀ ମୂଲିଆକୁ ଶୋଷଣ କରୁଥିବାରୁ ଶୋଚନୀୟ ହୋଇପଡ଼ିଥିଲା ସେମାନଙ୍କର ଆର୍ଥିକ ଅବସ୍ଥା। ସେହି ଅସହାୟ ଓ ନିର୍ଯ୍ୟାତିତମାନଙ୍କ ପ୍ରତି ବିଶେଷ ସମ୍ବେଦନା ଯୋଗୁ ଭଗବତୀ ଚରଣଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା କୃଷି ଓ କୃଷକର ଉନ୍ନତି ଚିନ୍ତା। ତେଣୁ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ସେ ଗଠନ କରିଥିଲେ (୧୯୩୫ ଅଗଷ୍ଟ ୧୦) କୃଷକ ସଂଗଠନ। କୃଷକମାନଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'କୃଷକ' ନାମରେ ଏକ ପତ୍ରିକା। ସେତେବେଳେ ଗଡ଼ଜାତ ଅଞ୍ଚଳକୁ ଖବରକାଗଜ ଯିବା ଉପରେ କଟକଣା ଥିବା ସତ୍ତ୍ୱେ ଗଡ଼ଜାତ ଭିତରକୁ 'କୃଷକ' ପତ୍ରିକା ପ୍ରେରଣ ହେଉଥିଲା ଲୁଚାଛପାରେ। ଜଙ୍ଗଲରେ ଅଗ୍ନିଶିଖା ବ୍ୟାପିଲା ଭଳି ଏହା ଲୋକଙ୍କ ପାଖରେ ପହଞ୍ଚୁଥିଲା ଏବଂ 'କୃଷକ' ବାଣୀକୁ ଦୈବବାଣୀ ଭାବରେ ଗ୍ରହଣ କରୁଥିଲେ ଲୋକେ। ସେଥିପାଇଁ ଲୋକଙ୍କ ଭିତରେ ଏହା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ସେତିକି ଆତଙ୍କ ଖେଳାଇ ଦେଇଥିଲା ରାଜଦରବାରରେ।

ସର୍ବହରାଙ୍କ ପ୍ରତି ଅକଳ୍ପନୀୟ ବ୍ୟଗ୍ରତା ଓ ଅଙ୍ଗୀକାରବଦ୍ଧତାକୁ ନେଇ ସାଲିସ୍‌ବିହୀନ ଲଢ଼େଇ ଲଢୁଥିବା ବିପ୍ଳବୀ ଭଗବତୀ ଚରଣଙ୍କୁ ପୋଲିସ ଗିରଫ କରିନେଇଥିଲା ଗଞ୍ଜାମ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ। ଜେଲ ଭିତରେ ସେ ଅସୁସ୍ଥ ହୋଇପଡ଼ିବା କାରଣରୁ ତାଙ୍କୁ ଭର୍ତ୍ତି କରାଗଲା କଟକ ଡାକ୍ତରଖାନାରେ। ସେଠାରେ ଚିକିତ୍ସାରେ ଅବହେଳା ଯୋଗୁ ଅକାଳରେ ଲିଭିଗଲା ୩୪ ବର୍ଷର (୧୯୦୮-୧୯୪୩) ଏକ ସଂକ୍ଷିପ୍ତ ଓ ସମର୍ପିତ ଜୀବନ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# ଆଶାରେ ଜୀବନ



ଅଞ୍ଜନ ଚାନ୍ଦ

ସାପ ବିନା କାରଣରେ କାହାକୁ କାମୁଡ଼େ ନାହିଁ। ଆପଣ କ'ଣ ତାକୁ ମାଡି ପକାଇଲେ? ବାଟୋଇଙ୍କ ଦେହରୁ ବିଷ ଝାଡ଼ିସାରିବା ପରେ ଗୁଣିଆ ପଚାରିଲେ। ବାଟୋଇ କହିଲେ ହଁ। ତରତରରେ ରାଜାଙ୍କ ଘରକୁ ଯାଉଥିଲି। ସାପକୁ ଦେଖିପାରିଲି ନାହିଁ। ରାଜାଙ୍କ ଘରକୁ କାହିଁକି ଯାଉଥିଲେ? ମୁଁ ଜଣେ ଜ୍ୟୋତିଷ। ଗଣନା କରି ଭବିଷ୍ୟ କଥା କହିପାରେ। ନୂଆବର୍ଷରେ ରାଜାଙ୍କ ଭାଗ୍ୟରେ କ'ଣ ଅଛି ତାହା ଜାଣିବାକୁ ସେ ମୋତେ ଡାକିଛନ୍ତି। ଶୀଘ୍ର ପହଞ୍ଚିବି ବୋଲି ବଣ ଭିତରେ ଯାଉଥିଲି। ବାଟରେ ସାପ କାମୁଡିଲା। ଭାଗ୍ୟକୁ ମୋ ଚିତ୍କାର ଶୁଣି ତୁମେ ଧାଇଁ ଆସିଲ। ବିଷ ଝାଡି ନୂଆ ଜୀବନ ଦେଲ। ପ୍ରତିଦାନରେ ତୁମ ଭବିଷ୍ୟତରେ କ'ଣ ଅଛି ମୁଁ ଦେଖି କହିଦେବି।

ଗୁଣିଆ କହିଲେ- ନା ଆଜ୍ଞା। ଆପଣ ସେଇ ରାଜାମାନଙ୍କ ପାଖକୁ ଯାଆନ୍ତୁ। ଭବିଷ୍ୟତ ଜାଣିବା ମୋର ଦରକାର ନାହିଁ। ଜ୍ୟୋତିଷ ବାଧ କରିବାରୁ ସେ ପୁଣି କହିଲେ ହାତେ ଦୂରରେ ଥିବା ସାପକୁ ଦେଖି ନ ପାରି ଆପଣ ତାକୁ ମାଡି ପକାଇଲେ। ମୋ ଭବିଷ୍ୟତକୁ କ'ଣ ଦେଖିବେ?

ସହରରେ ମୋ ବସାଘରର କିଛି ଦୂରରେ ଗଡ଼ ପୋଖରୀ। ପୋଖରୀ କୂଳରେ ବଡ଼ ବରଗଛ। ବରଗଛ ମୂଳରେ ଗୋଟେ ଚାଳିଆ ତଳେ ପ୍ରଜାପତି କାର୍ଯ୍ୟାଳୟ। ଚନ୍ଦନ ସିନ୍ଦୂର ଚର୍ଚ୍ଚିତ ଜଣେ ପୃଥୁଳକାୟ ଜ୍ୟୋତିଷ ପୋଥିପତ୍ର ଧରି ସେଠାରେ ବସନ୍ତି। ଭୂଇଁ ଉପରେ ଖଡିରେ ଘର କାଟି କ'ଣ ସବୁ ଲେଖନ୍ତି। ଜାତକ ଦେଖନ୍ତି। କପାଳ ଓ ହସ୍ତରେଖା ପଢ଼ନ୍ତି। ଝିଅ ପାଇଁ ବର ଖୋଜୁଥିବା ବାପା, ମା'ମାନଙ୍କୁ ଅନାୟାସରେ କହିଦିଅନ୍ତି- କେବେ କେଉଁଠି କିପରି ବରପାତ୍ର ସହ ଝିଅର ବାହାଘର ହେବ। ଦିନେ ଶୁଣିଲି ଜ୍ୟୋତିଷଙ୍କର ବଢିଲା ଝିଅଟିଏ ଥିଲା। ବାହାଘର ହୋଇ ନ ପାରିବାରୁ ଆଉ କେଉଁ ଜାତିର ପୁଅ ସାଙ୍ଗରେ ପଳାଇଛି।

ଏମିତି ଅନେକ କଥା ଜ୍ୟୋତିଷଶାସ୍ତ୍ର ବିରୋଧରେ ଅତୀତରୁ ଆଜି ପର୍ଯ୍ୟନ୍ତ ରହିଛି। ଅଥଚ ଆମ ଭିତରେ ଜ୍ୟୋତିଷ ବିଶ୍ୱାସ ତଥାପି ବଳବତ୍ତର ରହିଛି। ଆମେ ସବୁଦିନ ଖବରକାଗଜରୁ ରାଶିଫଳ ପଢୁଛୁ। ଟିଭିରେ ଦେଖୁଛୁ। ପ୍ରତିକାର ପାଇଁ ରତ୍ନମୁଦି ପିନ୍ଧୁଛୁ। ପୂଜା, ବ୍ରତ, ଯାଗଯଜ୍ଞ କରୁଛୁ। ଏଥିରେ ଗ୍ରହରିଷ୍ଟ ଖଣ୍ଡନ ହେବ। ଦେହରୁ ରୋଗବୈରାଗ ଛାଡି ପଳାଇବ। ଘରକୁ ସୁଖ, ଶାନ୍ତି ମାଡିଆସିବ।

ସତରେ କ'ଣ ଜ୍ୟୋତିଷ ଶାସ୍ତ୍ର ବଳରେ ଭବିଷ୍ୟତରେ ଘଟିବାକୁ ଥିବା ଘଟଣାକୁ ଲୌକିକ ପ୍ରକ୍ରିୟାରେ ବଦଳାଇ ହୁଏ? ଅସଲ ପ୍ରଶ୍ନ ହେଉଛି, ଭବିଷ୍ୟକୁ ଦେଖିବା କ'ଣ ମଣିଷ ପାଇଁ ଶୁଭଙ୍କର?

ମଣିଷ ଯେମିତି ଆଗରେ ଥିବା ରାସ୍ତାକୁ ଦେଖିପାରୁଛି, ଖାଲଖମାକୁ ଆଡେଇ ଯାଉଛି, ସେମିତି ଆଗରେ ଥିବା ସମୟକୁ ଦେଖିପାରିଲେ କେତେ ଭଲ ନ ହୁଅନ୍ତା ସତରେ! ଥରେ ବରଗଛ ମୂଳରେ ଠିଆହୋଇ ଜଣେ ନାସ୍ତିକ ଅନ୍ୟମାନଙ୍କୁ କହିଲେ- ଈଶ୍ୱର ଯଦି ସତରେ ଅଛନ୍ତି ଓ ବିଶ୍ୱକୁ ସୃଷ୍ଟି କରିଛନ୍ତି, ତେବେ ତାଙ୍କ ପରି ମୂର୍ଖ ଆଉ କେହି ନାହାନ୍ତି। ବୋଇତାଳୁ ଲତାଟିଏ ଭୂଇଁରେ ଲୋଟୁଛି। ନରମ ଦେହରେ ତା'ର କେତେ ବିଶାଳ ଫଳ। ଅଥଚ ଏ ବିରାଟ ବରଗଛକୁ ଦେଖ। କେତେ କୁନି କୁନି ଫଳ ତା' ଦେହରେ ଫଳିଛି। କଥା ସରି ନ ଥାଏ, ବରଗଛରୁ ଫଳଟିଏ ତାଙ୍କ ମୁଣ୍ଡରେ ଖସିପଡିଲା। ପାଖରେ ଥିବା ଲୋକଟି କହିଲା- ଗଛ ଅନୁସାରେ ଏ ବରଗଛରେ ଯଦି ବଡ଼ ଫଳ ଫଳିଥାନ୍ତା, ତେବେ ଆପଣଙ୍କ ମୁଣ୍ଡର ଅବସ୍ଥା କ'ଣ ହୋଇଥାନ୍ତା?

ଈଶ୍ୱରଙ୍କ ସୃଷ୍ଟି ସମ୍ପୂର୍ଣ୍ଣ ବ୍ୟବସ୍ଥିତ। ମଣିଷର ମନ ଅବ୍ୟବସ୍ଥିତ। ରହସ୍ୟମୟ ପରଦା ଅନ୍ତରାଳରେ ଭବିଷ୍ୟତଟି ଗୋପନ ରହିଲେ ହିଁ ତାହା ମଣିଷ ପାଇଁ ଶୁଭଙ୍କର। ସୁଦିନ ହେଉ କି ଦୁର୍ଦ୍ଦିନ ଆଗରୁ ତାହା ଜଣାପଡିଗଲେ ଜୀବନ ଆଉ ଜୀବନ ହୋଇ ରହିବ ନାହିଁ। ବଞ୍ଚିବା ପାଇଁ ମଣିଷର ଏକମାତ୍ର ଆଶ୍ରୟଟି କ୍ଷଣିକେ ନଷ୍ଟ ହୋଇଯିବ। ଏ ପ୍ରସଙ୍ଗରେ ଟଲଷ୍ଟୟଙ୍କ ମଣିଷ ଜୀବନ ସମ୍ପର୍କିତ ଛୋଟ କଥାଟିଏ।

ଅଗନା ଅଗନି ବନସ୍ତ। ବନ ଭିତରେ ମହାବଳ ହାବୁଡ଼ରେ ପଡିଲା ମଣିଷ। ରକ୍ଷା ପାଇବାକୁ ପ୍ରାଣ ବିକଳରେ ଧାଇଁଲା। ଧାଉଁ ଧାଉଁ ଖସିପଡିଲା ଗୋଟେ ଶୁଖିଲା କୂଅ ଭିତରେ। ତଳେ ପଡିବା ଆଗରୁ କାନ୍ଥରେ ଓହଳିଥିବା ଗଛର ଚେରକୁ ଧରି ସେ ଝୁଲି ରହିଲା। ତଳକୁ ଚାହିଁ ଦେଖିଲା ବିଷଧର ସାପଟିଏ ଫଣା ଟେକି ଚାହୁଁଛି। ପଡିବା ମାତ୍ରେ ସାପ ଦଂଶନରେ ମୃତ୍ୟୁ ନିଶ୍ଚିତ। ସେ ଉପରକୁ ଚାହିଁଲା। ଯେଉଁ ଚେର ଧରି ସେ ଓହଳିଛି, ତାକୁ ଦୁଇଟି ମୂଷା କାଟିବାରେ ଲାଗିଛନ୍ତି। ଗୋଟିଏ ଧଳା ମୂଷା, ଅନ୍ୟଟି କଳା। ଯେତେବେଳେ ଚେର କଟିଯିବ ସେ ମରଣ ମୁହଁକୁ ଖସିବ। ଠିକ୍ ସେତିକିବେଳେ ଅଳ୍ପ ଦୂରରେ ମହୁଫେଣାଟିଏ ତା' ଆଖିରେ ପଡୁଛି। ସେ ଖୁସିରେ ମହୁ ଖାଇବାକୁ ଧୀରେ ଧୀରେ ଆଗକୁ ବଢୁଛି।

କଥା ନୁହେଁ, ଏହା ମଣିଷର ଜୀବନ ଦର୍ଶନ।

ମହାବଳ ହେଉଛି ନିୟତି। ତା' ନିର୍ଦ୍ଦେଶରେ ମଣିଷ କୂଅ ରୂପକ ମର୍ତ୍ତ୍ୟପୁରରେ ଜନ୍ମ ନିଏ, ଯେଉଁଠି ସାପ ରୂପକ ମହାକାଳ ତାକୁ ମୃତ୍ୟୁମୁଖକୁ ଟାଣି ନେବାକୁ ଚାହିଁ ବସିଥାଏ। ଗଛର ଚେର ରୂପକ ଆୟୁଷକୁ ଧରି ସେ ବଞ୍ଚିରହେ। ଯେଉଁ ଆୟୁଷକୁ ଦିନ ଓ ରାତି ରୂପକ ମୂଷା ପ୍ରତିକ୍ଷଣରେ କାଟି ଚାଲିଥାନ୍ତି। ଏପରି ଏକ ବିପଦଗ୍ରସ୍ତ ପରିବେଶରେ ମହୁଫେଣା ରୂପକ ଆଶାକୁ ଆଶ୍ରୟ କରି ସେ ଖୁସିରେ ବଞ୍ଚିରହେ। ଭବିଷ୍ୟତ ଯଦି ଜାଣି ହୋଇଯିବ ତ ଆଶାରୂପକ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଅବଦାନକୁ ମଣିଷ ହରାଇ ବସିବ।

ଘରେ, ବାହାରେ ଅବା ଗଛମୂଳରେ ବସିଥିବା ଆତ୍ମପୀଡ଼ାଗ୍ରସ୍ତ ଜ୍ୟୋତିଷମାନଙ୍କୁ ବେଳେବେଳେ ସମ୍ମାନ ଜଣାଇବାକୁ ଇଚ୍ଛା ହୁଏ। ସାମାନ୍ୟ କେତୋଟି ଟଙ୍କା ବିନିମୟରେ କେତେ କଳକୌଶଳ କରି ସେମାନେ ହତାଶ ହୋଇପଡିଥିବା ପୀଡ଼ିତଙ୍କ ମନରେ ନୂତନ ଆଶା ସଞ୍ଚାର କରନ୍ତି।

ଅଙ୍ଗାରଗାଡ଼ିଆ, ବାଲେଶ୍ୱର, ମୋ-୯୪୩୭୨୯୬୮୬୪

## ଏଇ ଭାରତରେ

ଘର ଦେଖି ନଚେତ୍ ବର ଦେଖି କନ୍ୟାଦାନ କରାଯାଏ। ଘର ଅର୍ଥାତ୍ ପୁଅର ସମ୍ପତ୍ତିବାଡି ଥିଲେ କନ୍ୟାର ପିତା ଖୁସିହୋଇ ସେଇ ଘରେ ଝିଅକୁ ସମର୍ପିଦେବାକୁ ଉଚିତ ମଣିଥାନ୍ତି। ନ ହେଲେ ବର ସୁନ୍ଦର ଏବଂ ଗୁଣବାନ୍ ହୋଇଥିଲେ କନ୍ୟାଦାନ କରାଯାଇପାରେ। ହେଲେ ମାତ୍ର ୪ ଏକର ଜମି ପାଇଁ ଜଣେ ୨୩ବର୍ଷ ବୟସ୍କା ଯୁବତୀ ୬୬ବର୍ଷୀୟ ବୃଦ୍ଧଙ୍କୁ ବିବାହ କରିବା ନିଆରା ଘଟଣା ନିଶ୍ଚୟ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଚଣ୍ଡିଗଡ଼ରେ। ସ୍ଥାନୀୟ ସଙ୍ଗ୍ରୁର୍‌ରେ ଏହି ଯୁବତୀ ଜଣକ ୪ ଏକର ଜମି ଥିବା ଜାଣି ଜଣେ ବୃଦ୍ଧଙ୍କୁ ବିବାହ କରିଛନ୍ତି। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେକେ କହୁଛନ୍ତି, ବୃଦ୍ଧଙ୍କ ପୁଅକୁ ଯୁବତୀ ଜଣକ ପ୍ରେମ କରୁଥିଲେ। ତେବେ ସେ ବିବାହିତ ଏବଂ ତାଙ୍କର ସ୍ତ୍ରୀ ଓ ପିଲା ଥିବାରୁ ବାଧହୋଇ ଯୁବତୀଙ୍କ ପରିବାରବର୍ଗ ପୁଅର ବାପା ସହିତ ଏହି ବିବାହ କରାଇଛନ୍ତି। ପରେ ଯୁବତୀ ଜଣକ ତାଙ୍କ ପ୍ରେମିକଙ୍କ ଜନନୀ ପାଲଟିଯାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ଲାଞ୍ଛନାର ଶେଳରାଶି
ଏ ଜୀବନେ ହାଣେ ଯେହୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ! ନୟନର ଲୋର।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୪

- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ନାଗ'ର ପରୀକ୍ଷାମୂଳକ ଉତ୍କ୍ଷେପଣ ସଫଳତାର ସହ କରାଯାଇଛି।
- ଗିରିଶ ଠାକୁରଲାଲ ନାନାବତୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | | | D | C | A | | | 6 | | | 8 |
| | | | | | D | | | 6 | 2 | | 9 | 0 | E | |
| 1 | | | 5 | | | | | | | | | | A | |
| | 7 | | 0 | | | B | | | E | | | 5 | D | |
| 6 | 8 | | | | 7 | E | | | B | 4 | | 2 | | 9 |
| | 9 | | | | 1 | 2 | | | 6 | | | | 3 | |
| | | | | 3 | | 8 | | 7 | | C | 5 | E | | 2 |
| | 2 | | | A | | | B | | | | D | 6 | | |
| | | | | | B | | 1 | 0 | | | | | | |
| B | 4 | | | D | | A | E | | | 8 | | | | |
| | | | | 8 | A | | | | | D | E | | | |
| 4 | 0 | | | | | | | | | | 2 | | 7 | |
| D | | | | | | 3 | | | 0 | | | B | 5 | |
| | | A | | 2 | 9 | 4 | | | | | B | | | |
| | | | | 1 | | 9 | | C | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଠାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 3 | E | 5 | 6 | 0 | 9 | 7 | A | 2 | 1 | D | 4 | 8 |
| 8 | 2 | 1 | 0 | 3 | B | D | A | 5 | 4 | 9 | E | C | 6 | 7 |
| 7 | E | A | 8 | 9 | 4 | C | 1 | 6 | 0 | 3 | D | 2 | B | 5 |
| 5 | 0 | D | A | C | 2 | B | E | 4 | 6 | 8 | 7 | 9 | 1 | 3 |
| 6 | 9 | 4 | 7 | D | 1 | 2 | 3 | 8 | B | 5 | C | 0 | A | E |
| C | 5 | 2 | 6 | 4 | 0 | A | 7 | D | 8 | 1 | 3 | B | E | 9 |
| 3 | A | E | 5 | B | 7 | 9 | 0 | 2 | D | 6 | 4 | 8 | C | 1 |
| 4 | 7 | 6 | C | 1 | 8 | 3 | 5 | E | 9 | B | 2 | A | D | 0 |
| 1 | 8 | B | 9 | A | D | 6 | 4 | C | E | 7 | 0 | 5 | 3 | 2 |
| 9 | D | 0 | 2 | E | 3 | 1 | 8 | B | 5 | C | A | 6 | 7 | 4 |
| D | 6 | C | 3 | 7 | 9 | 5 | B | 1 | 2 | 4 | 8 | E | 0 | A |
| A | 4 | 9 | B | 2 | 5 | 7 | D | 0 | 3 | E | 6 | 1 | 8 | C |
| 0 | B | 7 | 1 | 6 | E | 8 | 2 | 3 | C | A | 5 | 4 | 9 | D |
| 2 | 3 | 8 | 4 | 0 | A | E | C | 9 | 1 | D | B | 7 | 5 | 6 |
| E | 1 | 5 | D | 8 | C | 4 | 6 | A | 7 | 0 | 9 | 3 | 2 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଂ କୃତ୍ୱା ଘୃତଂ ପିବେତ୍

ମହାଶୟ,

ଧରିତ୍ରୀ(୨୦୧୯)ରୁ ଜାଣିଲି ଯେ, ଓଡ଼ିଶାରେ ୨୦୧୮ ମସିହାରେ ମୁଣ୍ଡପିଛା ଋଣ ୨୧୦୦୦ ଟଙ୍କାରେ ପହଞ୍ଚିଛି। ବିଜୁବାବୁ ୧୯୬୨ରେ ଶାସନ ଛାଡ଼ିବା ପରେ ଓଡ଼ିଶାର ଋଣଭାର ଥିଲା ୭୦୦୦ କୋଟି। ଜାନକୀବାବୁଙ୍କ ଦଶବର୍ଷ ଶାସନ ପରେ ଋଣଭାର ଥିଲା ୧୮୦୦୦ କୋଟି। ଏବେ ଓଡ଼ିଶାର ଋଣଭାର ୯୩୦୦୦ କୋଟିରେ ପହଞ୍ଚିଛି। ଏସବୁ ଋଣ ଠିକ୍‌ଭାବରେ ବିନିଯୋଗ ହୋଇଥିଲେ ଏବେ ଓଡ଼ିଶାର ଅନେକ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଅପହଞ୍ଚ ହୋଇ ନ ଥାନ୍ତା। କୃଷକମାନେ ଋଣ ଶୁଝି ନ ପାରି ଆତ୍ମହତ୍ୟା କରୁ ନ ଥାନ୍ତେ। ଚାଷୀମାନେ ରାଜରାସ୍ତାକୁ ଆସି ବିକ୍ଷୋଭ କରୁ ନ ଥାନ୍ତେ। ପ୍ରକୃତ ଭାବରେ ପର୍ଯ୍ୟବେକ୍ଷଣ କଲେ ଏହି ଅର୍ଥ ଅନେକ ଅଦରକାରୀ ଯୋଜନାରେ ବ୍ୟୟିତ ହେଉଥିବା ଜଣାଯାଏ। ନିଜ ରାଜସ୍ୱରେ ଯୋଜନା କାର୍ଯ୍ୟକାରୀ ହେବା ଦରକାର। ଗୁଡାଏ ଅର୍ଥ ଋଣ କରି ଲୋକଙ୍କ ମୁଣ୍ଡରେ ଋଣଭାର ଲଦି ବାହାବା ନେବା କେତେଦୂର ଯଥାର୍ଥ? ମନେହୁଏ ସରକାର 'ଋଣଂ କୃତ୍ୱା ଘୃତଂ ପିବେତ୍' ଭଳି ଚାର୍ବାକ୍ ନୀତି ଅନୁସରଣ କରୁଛନ୍ତି।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ଓଟିଇଟି ପ୍ରହସନ

ଶିକ୍ଷକ ଯୋଗ୍ୟତା ପାଇଁ ଦୁଇବର୍ଷ ସିଟି ଓ ଏକବର୍ଷ ବି.ଏଡ୍. କାର୍ଯ୍ୟକ୍ରମ ପ୍ରଚଳନ ହେଉଛି। କିଏ ସି.ଟି. ତ କିଏ ବି.ଏଡ୍. ପାଠ୍ୟକ୍ରମ ସମାପ୍ତ କରି ଚାକିରିରେ ନିଯୁକ୍ତ ପାଇଛନ୍ତି। ଏପରିସ୍ଥଳେ ପୁଣି ଏବେ ଗୋଟାଏ ପ୍ରହସନ ଚାଲିଛି ଓଟିଇଟି। ଯଦି ଏହା ଏତେ ଜରୁରୀ ତେବେ ସି.ଟି. ଓ ବି.ଏଡ୍.ର କି ଆବଶ୍ୟକତା ଅଛି? ତାଙ୍କୁ ତାଲିମପ୍ରାପ୍ତ ହେବା ପାଇଁ ଦୁଇବର୍ଷ ବା ଏକବର୍ଷ କାହିଁକି ଘାଣ୍ଟୁଛନ୍ତି ସରକାର? ଓଟିଇଟି କ'ଣ ଦୁଇବର୍ଷ ଓ ଏକବର୍ଷ ତାଲିମଠାରୁ ଅଧିକ ଯୋଗ୍ୟତାଭିତ୍ତିକ ପରୀକ୍ଷା? ସରକାରଙ୍କୁ ଅନୁରୋଧ ସି.ଟି. ବା ବି.ଏଡ୍. ତାଲିମ ପାଇଥିବା ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଓଟିଇଟି ପରୀକ୍ଷା ପାଇଁ ଅଯଥା ହଇରାଣ କରନ୍ତୁ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧/୨୦୧୯



"ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ମାମଲା
### ସବ୍ୟସାଚୀଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୩୧।୧:** ୨୦୦୮ ମସିହା ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ଘଟଣା ସହିତ ଅନ୍ୟ କେତେକ ମାମଲାରେ ଛନ୍ଦି ହୋଇପଡ଼ିଥିବା ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ଜାମିନ ଆବେଦନକୁ ଗୁରୁବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ପଣ୍ଡାଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ରହିଥିବାରୁ ଶୁଣାଣି ବେଳେ ତାଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି। ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ସହିତ ପଣ୍ଡାଙ୍କ ବିରୋଧରେ ଥିବା ମୋଟ ୯ଟି ମାମଲାର ବିଚାର ନିମ୍ନ ଅଦାଲତରେ ଚାଲିଛି। ତେଣୁ ଏହି ପ୍ରକ୍ରିୟାକୁ ନିମ୍ନ ଅଦାଲତରେ ତ୍ୱରିତ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି।

### ଚମ୍ପୁଆ ବିଧାୟକ, ସହଯୋଗୀଙ୍କୁ ଆଗୁଆ ଜାମିନ

**କଟକ ଅଫିସ, ୩୧।୧:** କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାୟକ ସନାତନ ମହାକୁଡ଼ ଓ ତାଙ୍କର ୩୦ ସହଯୋଗୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି। ଏକ ଖଣି କମ୍ପାନୀ କାର୍ଯ୍ୟାଳୟରେ ଥିବା ମେଶିନକୁ ନିଆଁ ଲଗାଇଦେବା ଅଭିଯୋଗରେ ବିଧାୟକଙ୍କ ସମେତ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ହିମାଂଶୁ ଶେଖର ମିଶ୍ର ମାମଲା ପରିଚାଳନା କରୁଥିଲେ।

### ପୁଣି ଉପସ୍ଥିତି ଜାହିର କଲେ ମାଓବାଦୀ
# ଜେସିବି ପୋଡ଼ିଲେ, ଗଛ କାଟି ରାସ୍ତା ଅବରୋଧ କଲେ

ଭବାନୀପାଟଣା/ମ.ରାମପୁର/ସେରଗଡ଼/ଲାଞ୍ଜିଗଡ଼,୩୧।୧(ଡି.ଏନ.ଏ.)

ଶହୀଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିଛନ୍ତି । କଳାହାଣ୍ଡି ଜିଲା ମ.ରାମପୁର ନିକଟସ୍ଥ କେନ୍ଦୁଘାଟି ନିକଟରେ ରାସ୍ତା କାମରେ ନିୟୋଜିତ ଏଆର୍‌ଏସ୍‌ଏସ୍ କମ୍ପାନୀର ଏକ ଜେସିବି ମେଶିନକୁ ପୋଡି ଦେଇଛନ୍ତି। ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନଂ. ରାଜ୍ୟ ରାଜପଥ ଢେପଗୁଡ଼ା ଘାଟି ନିକଟରେ ବିରାଟ ଗଛ କାଟି ରାସ୍ତା ଅବରୋଧ କରିଛନ୍ତି । ବୁଧବାର ବିଳମ୍ବିତ ରାତିରେ ମାଓବାଦୀମାନେ ଏହି କାଣ୍ଡ ଘଟାଇଥିବା ସୂଚନା ମିଳିଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ ରାତି ପ୍ରାୟ ୧୦ଟାରେ ଗୋଟିଏ ବୋଲେରୋ ଓ ବାଇକ୍‌ରେ ୧୦ଜଣ ସଶସ୍ତ୍ର ମାଓବାଦୀ ଆସି ରାସ୍ତା ଦୁଇ ପଟର ଗଛ କାଟିଥିଲେ । ଏହି ସମୟରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଦୁଇପଟୁ ଅଟକାଇ ଦେଇଥିଲେ । ଏହାପରେ ରାସ୍ତାପାର୍ଶ୍ୱ ଗଛରେ ପୋଷ୍ଟର ମାରି ଚାଲିଯାଇଥିଲେ । ରାତିରେ ଦୀର୍ଘ ସମୟ ଧରି ମାଓବାଦୀମାନେ ଏହି କାଣ୍ଡ ଘଟାଇଥିବାବେଳେ ଉପସ୍ଥିତ ଗାଡି ଚାଳକମାନେ କେବଳ ଦେଖଣାହାରି ସାଜିଥିଲେ । ରାତିତମାମ ଅବରୋଧ ରହିବା କାରଣରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଦୀର୍ଘସମୟ ଧରି ଅଟକି ରହିଥିଲା । ବିଶ୍ୱନାଥପୁର ଥାନାଞ୍ଚଳରେ ଏହି ଘଟଣା ଘଟିଛି । ନିକଟରେ ସିକେରକୁପା ସିଆର୍‌ପିଏଫ୍ କ୍ୟାମ୍ପ୍ ରହିଥିଲେ ହେଁ ପୋଲିସ କିମ୍ବା ଯବାନମାନେ ଘଟଣାସ୍ଥଳକୁ ଆସି ନ ଥିଲେ । ଏହାକୁ ସ୍ଥାନୀୟ ଲୋକେ ନିନ୍ଦା କରିଛନ୍ତି।

ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଓ ଗାଡ଼ି ଚାଳକମାନେ ମିଶି ଗଛ ହଟାଇବା ସହ ରାସ୍ତା ସଫା କରିଥିଲେ । ଏହାପରେ ସେହି ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି । ଗତ ୨୫ ତାରିଖରୁ ମାଓବାଦୀ ସପ୍ତାହ ଚାଲିଛି । ଏଭଳି ଘଟଣା ଘଟାଇ ମାଓବାଦୀମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଉକ୍ତ ପୋଷ୍ଟରରେ ପ୍ରତି ବିପ୍ଳବୀ 'ସମାଧାନ' ରଣନୀତିକୁ ବିରୋଧ କରୁଛନ୍ତି ବୋଲି ଲେଖା ହୋଇଛି । ଏହା ବିରୋଧରେ ଜାନୁୟାରୀ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିରୋଧ ଦିବସ ଓ ୩୧ ତାରିଖକୁ ଭାରତ ବନ୍ଦକୁ ସଫଳ କରନ୍ତୁ ବୋଲି କୁହାଯାଇଛି। ଏଥିସହ ଓଡ଼ିଶାରେ ଜାରି ଫାସିବାଦୀକୁ ବିରୋଧ କରିବାକୁ ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି । ପୋଷ୍ଟର ତଳେ ଓଡ଼ିଶା ରାଜ୍ୟ କମିଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ବୋଲି ଲେଖାଯାଇଛି।






ମାଓବାଦୀମାନେ ପୋଡ଼ି ଦେଇଥିବା ଜେସିବି (ବାମ)। ଗଛ କାଟି ରାସ୍ତା ଅବରୋଧ କରାଯାଇଛି ।



ଜଳି ଯାଇଥିବା ରାସାୟନିକ ବୋଝେଇ କଣ୍ଟେନର ଗାଡ଼ି ।

## ରାସାୟନିକ ସାମଗ୍ରୀ ବୋଝେଇ କଣ୍ଟେନର ଜଳିଗଲା

ବରଗଡ଼ ଅଫିସ୍,୩୧।୧

ବରଗଡ଼-ସୋହେଲା ରାସ୍ତାର ସୟାଁ ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ରାସାୟନିକ ସାମଗ୍ରୀ ବୋଝେଇ ଏକ କଣ୍ଟେନର (ନଂ.ଜିଜେ୧୨ବିଟି/୭୩୧୫) ଓଲଟି ପଡ଼ି ଜଳିଯାଇଛି । ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ସୁଦ୍ଧା ତାହା ଏତେ ଜୋର୍‌ରେ ଜଳୁଥିଲା ଯେ, ତାକୁ ଲିଭାଇବା ସମ୍ଭବ ହୋଇ ନ ଥିଲା । ଖବର ଲେଖାହେବା ପର୍ଯ୍ୟନ୍ତ (ରାତ୍ରି ୮ଟା) ନିଆଁ ଲିଭାକାର୍ଯ୍ୟ ସରି ନ ଥିବା ଯୋଗୁ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇପାରି ନାହିଁ । ଅନ୍ୟପକ୍ଷେ କଣ୍ଟେନର ଜଳୁଥିବା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱ ଅର୍ଥାତ୍ ଘଟଣାସ୍ଥଳରୁ ପ୍ରାୟ ୫୦୦ମିଟର ଦୂର ରାସ୍ତାକୁ ସିଲ୍ କରି ଦିଆଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିବା କଣ୍ଟେନରଟି ଅନୁଗୋଳରୁ ଗୁଜରାଟର ଭାବନଗରକୁ ଯାଉଥିଲା ।

## ଆଜି ସମ୍ବଲପୁରରେ ବିଜୁ ଯୁବ ସମାବେଶ

- ଯୋଗଦେବେ ମୁଖ୍ୟମନ୍ତ୍ରୀ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ସମ୍ବଲପୁର,୩୧।୧(ବ୍ୟୁରୋ)

ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମରେ ଶୁକ୍ରବାର ବିଜୁ ଯୁବ ସମାବେଶ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏପରିକି ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦଲିଆ-ନେଲଶନ ମାଣ୍ଡେଲା ଛକ ରିଂରୋଡ ରାସ୍ତା, ଧନକଉଡା-ମୋତିଝରନ, ଚାରଭାଟି-ଜେଲଛକ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି । ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଡିଏସ୍‌ପି, ୩୮ ଜଣ ଇନ୍ସପେକ୍ଟର, ୧୩୧ ସବ୍‌ଇନ୍‌ସ୍ପେକ୍ଟର, ୩୦୦ ହୋମଗାର୍ଡଙ୍କୁ ସୁରକ୍ଷା ଲାଗି ନିୟୋଜିତ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

## ମହିଳାଙ୍କ ସମ୍ମାନ ବଢ଼ାଇଛି ଉଜ୍ଜ୍ୱଳା: ଧର୍ମେନ୍ଦ୍ର




ଖବରଦାତା ସମ୍ମିଳନୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ

**ଭୁବନେଶ୍ୱର,୩୧।୧:** ଉଜ୍ଜ୍ୱଳା ଯୋଜନା ଦ୍ୱାରା ମହିଳାଙ୍କ ସମ୍ମାନ ବଢିବା ସହ ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ଲାଭବାନ ହୋଇଛନ୍ତି। ଏହା ମହିଳାଙ୍କ ଜୀବନରେ ଉତ୍ସାହ ଆଣିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟରେ ୨୮ ସ୍ଥାନରେ ଅନୁଷ୍ଠିତ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ଅବସରରେ ଭିଡ଼ିଓକନଫରେନ୍ସି ଯୋଗେ ଧର୍ମେନ୍ଦ୍ର ପ୍ରଧାନ ଏବଂ ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ ୫୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ସହ ଆଲୋଚନା କରିଛନ୍ତି। ଏହି ଯୋଜନାରେ ୬ କୋଟି ହିତାଧିକାରୀ ଲାଭବାନ ହୋଇଥିବା ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟର ୩୬ ଲକ୍ଷ ପରିବାର ନିକଟରେ ଉଜ୍ଜ୍ୱଳାରେ ସଂଯୋଗ ଦିଆଯାଇଥିବା ବେଳେ ସବୁ ଗରିବ ପରିବାର ନିକଟରେ ସଂଯୋଗ ଦେବାକୁ ପଦକ୍ଷେପ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ହିତାଧିକାରୀ ମାନେ କିଭଳି ସୁଲଭ ମୂଲ୍ୟରେ ଏଲ୍‌ପିଜି କ୍ରୟ କରିବେ ତାକୁ ଧ୍ୟାନରେ ରଖାଯାଇଥିବା ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ମହିଳାଙ୍କ ସମ୍ମାନ ବୃଦ୍ଧି ପାଇଁ ସରକାରଙ୍କ ଏଭଳି ପଦକ୍ଷେପ ଜାରି ରହିଥିବା ସ୍ମୃତି ଇରାନୀ କହିଛନ୍ତି। ଏହି ଅବସରରେ ଧର୍ମଗଡ, ଢେଙ୍କାନାଳ,ପଦ୍ମପୁର, ଏରମ, ବ୍ରହ୍ମଗିରି ଭଳି ବିଭିନ୍ନ ଅଞ୍ଚଳର ହିତାଧିକାରୀ ୨ ମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

## ଅରୁଣ, ଅତନୁଙ୍କୁ ପୁଣି ନୋଟିସ କରିବ ସିବିଆଇ

- ବ୍ଲାକ୍‌ରୋଜ ବୁଡ଼ିବା ମାମଲାରେ ସିବିଆଇ ଚୁପ୍

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ନିର୍ବାଚନ ପାଖେଇ ଆସୁଥିବାରୁ ସିବିଆଇ ଏହାର ତଦନ୍ତକୁ ଜୋରଦାର କରିଛି। ଏପରି କି ଶାସକ ଦଳର ଦୁଇ ନେତାଙ୍କୁ ସିବିଆଇ ନୋଟିସ୍ କରିବା ପରେ ରାଜ୍ୟ ରାଜନୀତିରେ ଉଷ୍ମତା ଦେଖାଦେଇଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଶାସକ ଦଳକୁ ସମାଲୋଚନା କରିଛନ୍ତି। ଅନ୍ୟପଟରେ ସିବିଆଇ ଦେଇଥିବା ସମୟ ମଧ୍ୟରେ ଶାସକ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ ଏବଂ ଅତନୁ ସବ୍ୟସାଚୀ ନାୟକ ହାଜର ହୋଇନାହାନ୍ତି। ତେଣୁ ସେମାନଙ୍କୁ ସିବିଆଇ ପୁଣି ନୋଟିସ କରିବ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଏହା ପରେ ଯଦି ୨ ନେତା ହାଜର ନ ହୁଅନ୍ତି ତେବେ ସେମାନଙ୍କ ପାଇଁ ଅଡୁଆ ବଢିପାରେ ବୋଲି ଅଧିକାରୀ ଜଣକ କହିଛନ୍ତି। କେବଳ ଏହି ଦୁଇ ନେତା ନୁହେଁ ଶାସକ ଦଳର ଆଉ ୩ଜଣ ନେତାଙ୍କୁ ସିବିଆଇ ନୋଟିସ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କୁହାଯାଉଛି ଯେ, ସି-ଶୋର ଚିଟଫଣ୍ଡ ଲିଙ୍କ୍ ନେଇ ପୂର୍ବରୁ ପ୍ୟାରୀମୋହନ ମହାପାତ୍ରଙ୍କୁ ସିବିଆଇ ଜେରା କରିଥିଲା। ପ୍ୟାରୀମୋହନଙ୍କ ସହ ଅରୁଣ ଓ ଅତନୁଙ୍କ ଭଲ ସମ୍ପର୍କ ରହିଥିଲା। ତେଣୁ ସି-ଶୋର ଦ୍ୱାରା ଦୁହେଁ ଲାଭବାନ ହୋଇଥିବା ସିବିଆଇ ପ୍ରମାଣ ପାଇଛି। ସେହି ଆଧାରାର ଗତ ୨୮ ତାରିଖରେ ଅତନୁ ଏବଂ ୩୦ ତାରିଖରେ ଅରୁଣ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ କରାଯାଇଥିଲା।

ଅନ୍ୟପଟେ ବ୍ଲାକ୍‌ରୋଜ ଜାହାଜ ବୁଡିବା ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଥିଲେ ମଧ୍ୟ କ'ଣ ପାଇଁ ତଦନ୍ତ ଦାୟିତ୍ୱ ଆଗେଇ ପାରୁନାହିଁ ବୋଲି ବିରୋଧୀ କଂଗ୍ରେସ ପ୍ରଶ୍ନ କରିଛି। ଏଥିରେ ଶାସକ ଦଳର କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହିଥିବା କଂଗ୍ରେସ ଅଭିଯୋଗ କରିଛି। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ସିବିଆଇ ମଧ୍ୟ ବ୍ଲାକ୍‌ରୋଜ ବୁଡିବା ଘଟଣାର ତଦନ୍ତ ଆରମ୍ଭ କରିବ। ଏହି ମାମଲାରେ ମଧ୍ୟ କେତେଜଣ ନେତା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସିବିଆଇ ନୋଟିସ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ସିବିକେ ମହାନ୍ତି ହେଲେ ଏସ୍‌ସିବି ଅଧୀକ୍ଷକ

- ମେଡିକାଲ କଲେଜର ନୂଆ ପ୍ରିନ୍ସିପାଲ



କଟକ ଅଫିସ, ୩୧।୧

ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ସିବିକେ ମହାନ୍ତି ଏସ୍‌ସିବି ମେଡିକାଲର ନୂତନ ଅଧୀକ୍ଷକ ଭାବେ ଗୁରୁବାର ସନ୍ଧ୍ୟାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧୀକ୍ଷକ ପ୍ରଫେସର ପ୍ରସନ୍ନ କୁମାର ଦେବତାଙ୍କଠାରୁ ପ୍ରଫେସର ଡା. ମହାନ୍ତି ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି, ରୋଗୀ ସେବା ସହିତ ପ୍ରଶାସନିକ କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇପାରିବ ସେ ଦିଗରେ ଧ୍ୟାନ ଦେବି । ବିଭିନ୍ନ ସରକାରୀ ଯୋଜନାରୁ ରୋଗୀମାନେ ଯେଭଳି ବଞ୍ଚିତ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ପ୍ରଫେସର ମହାନ୍ତି ୧୯୫୬ ଏପ୍ରିଲ ୨୭ରେ କଟକ ଜିଲା କିଶନନଗର ଥାନା ଅଧୀନ ବାବୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଜଣେ ଭେଷଜ ବିଶେଷଜ୍ଞ ଭାବେ ସେ ରାଜ୍ୟରେ ବେଶ୍ ଜଣାଶୁଣା।

ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ କଲେଜର ପ୍ରିନ୍ସିପାଲ ଭାବେ ରେଡିଓଲୋଜି ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟଶ୍ରୀ ମହାନ୍ତି ମଧ୍ୟ ଗୁରୁବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସିଦ୍ଧାର୍ଥ ଦାସ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଡା. ଦାସଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ସରକାର ବୁଧବାର ଗ୍ରହଣ କରିବା ସହ ତାଙ୍କ ସ୍ଥାନରେ ପ୍ରଫେସର ମହାନ୍ତିଙ୍କୁ ପ୍ରିନ୍ସିପାଲ ଭାବେ ନିଯୁକ୍ତି ଦେଇଥିଲେ।

## ଶସ୍ୟବୀମାଭୁକ୍ତ ହେବ ମାଣ୍ଡିଆ

**ଧାନ ପାଇଁ ପଞ୍ଚାୟତ ହେବ ୟୁନିଟ୍, ଅନ୍ୟ ଫସଲ ପାଇଁ ବ୍ଲକ**

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ପ୍ରଥମଥର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଖରିଫ ଫସଲରେ ମାଣ୍ଡିଆକୁ ଶସ୍ୟବୀମାରେ ସାମିଲ କରାଯିବ। ଏଥିସହିତ ଧାନ, ବାଦାମ, ତୁଳା, ହଳଦୀ, ଅଦା, ହରଡ଼ ଏବଂ ମକା ଆଦି ଫସଲ ଶସ୍ୟବୀମା ପରିସର ଭୁକ୍ତ ରହିବ। ରବି ଋତୁରେ ବାଦାମ, ସୋରିଷ, ଆଳୁ, ବିରି, ମୁଗ, ଆଖୁ, ପିଆଜ ଏବଂ ସୂର୍ଯ୍ୟମୁଖୀ ଫସଲକୁ ବୀମାଭୁକ୍ତ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ବିଓ୍ୱାଇ) ରାଜ୍ୟର ୩୦ଟି ଜିଲାକୁ ୬ଟି କ୍ଲଷ୍ଟରରେ ବିଭକ୍ତ କରାଯିବ। ଆସନ୍ତା ଆର୍ଥିକବର୍ଷରେ ଧାନ ଫସଲ ବୀମା ପାଇଁ ପଞ୍ଚାୟତକୁ ୟୁନିଟ୍ ଭାବେ ଧରାଯିବ। ଅନ୍ୟ ଫସଲଗୁଡ଼ିକ ପାଇଁ ବ୍ଲକକୁ ୟୁନିଟ୍ ଭାବେ ଧରାଯିବ। କୃଷି ବିଭାଗର ଶସ୍ୟବୀମା ଉପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ୨୦୧୭ ଖରିଫ ଋତୁରେ ୧.୧୭ ଲକ୍ଷ ଚାଷୀ ଶସ୍ୟବୀମା ପାଇଥିଲେ। ବିଭିନ୍ନ ବୀମା କମ୍ପାନୀ ଏ ବାବଦରେ ୧୭୨୬ କୋଟି ଟଙ୍କା ପ୍ରଦାନ କରିଥିବା ନେଇ ଦାବି କରିଛନ୍ତି। ୨୦୧୭-୧୮ରେ ୧୩.୫୮ ଲକ୍ଷ ହେକ୍ଟର ଜମି ପାଇଁ ୧୮.୫୪ ଲକ୍ଷ ଚାଷୀ ବୀମାଭୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧.୨୭ ଲକ୍ଷ ଅଣଋଣୀ ଚାଷୀ ଅଛନ୍ତି। ଶସ୍ୟବୀମା ପାଇଁ ୯୪୦.୨୦ କୋଟି ଟଙ୍କା ବୀମା କମ୍ପାନୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସରକାର ୩୪୭.୭୨ କୋଟି ଟଙ୍କା ପ୍ରଦାନ କରୁଛନ୍ତି।

- ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ପୋଲିସ ଚୁପ୍, ସରକାର ବି ଚୁପ୍

- ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
- ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
- ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

**କଟକ ଅଫିସ, ୩୧।୧**

ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଧି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ। ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।

- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ୧୯୯୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

**ରିଆମାଳ, ୩୧।୧ (ଡି.ଏନ.ଏ.)-** ଦେବଗଡ଼ ଜିଲା ଗୋହିରାଡ୍ୟାମ୍‌ଠାରେ ରିଆମାଳ ଉଚ୍ଚ ବିଦ୍ୟାଳୟର ୧୯୯୯ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଗାଁକୁ ସ୍ୱଚ୍ଛ, ନିର୍ମଳ କରିବା, ସରକାରୀ ଲୋକାଭି ଯୋଜନା ଉପରେ ଲୋକଙ୍କୁ ସଚେତନତା, ନିର୍ବାଚନରେ ସଠିକ୍ ପ୍ରାର୍ଥୀଙ୍କୁ ଚୟନ କରିବା ଉପରେ ସାଙ୍ଗସାଥୀ ଗହଣରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଦେବଗଡ଼, ବୌଦ୍ଧ, ସମ୍ବଲପୁର ଜିଲାରୁ ଛାତ୍ରୀଛାତ୍ରମାନେ ଆସି ଯୋଗ ଦେଇଥିଲେ। ସରୋଜ ବେହେରା, ସଞ୍ଜୟ ବିଶ୍ୱାଳ, ଟଙ୍କଧର ପ୍ରଧାନ, ଲୋକନାଥ ସାହୁ, ରାଜେନ୍ଦ୍ର ଦେବ, ଅମରେନ୍ଦ୍ର ଦାସ, ଟୁନା ବିଶ୍ୱାଳ, ବୁଲୁ ଦେବ ପ୍ରମୁଖ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରତ୍ୟେକ ବର୍ଷ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଅମିତ ସାହୁ ପ୍ରକାଶ କରିଛନ୍ତି।

### ଅସହାୟ ମହିଳାଙ୍କୁ ଉଦ୍ଧାର

**ଅତାବିରା/ ଟିପିଲିମା, ୩୧।୧ (ଡି.ଏନ.ଏ.)-** ସମ୍ବଲପୁର- ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ଗୋଶାଳା ନିକଟ ରାସ୍ତା କଡରୁ ଗୁରୁବାର ଅପରାହ୍ନରେ ଅସହାୟ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ, ମହିଳା ଜଣକ ରାସ୍ତାକଡରେ ଭୋକ ଉପାସରେ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଏପରି କି ଖବର ପାଇ ସାମାଜିକ କର୍ମୀ ବିପିନ ବିହାରୀ ପଣ୍ଡା ମଧ ପହଞ୍ଚି ଫାଣ୍ଡି ଅଧିକାର ଏସ୍ ଧଳସାମନ୍ତଙ୍କ ଉପସ୍ଥିତିରେ ମହିଳାଙ୍କୁ ଉଦ୍ଧାର କରି ସମ୍ବଲପୁର ସ୍ଥିତ ଏକ ସେବାଶ୍ରମକୁ ନେଇଥିଲେ।

#### ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

### ୧୪୯ ଦିନରେ ଆନ୍ଦୋଳନ

**ସମ୍ବଲପୁର, ୩୧।୧ (ବ୍ୟୁରୋ)-** ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନ ଗୁରୁବାର ୧୪୯ ଦିନରେ ପହଞ୍ଚିଛି । ସେହିପରି ରିଲେ ଆମରଣ ଅନଶନ ୭୪ ଦିନ ହୋଇଛି । ଜୟପ୍ରକାଶ ପାଣ୍ଡିଆ, ଦୁଃଖିଶ୍ୟାମ ପଣ୍ଡା, ଟିକେଶ୍ୱର ପ୍ରଧାନ, ପୁରୀ ବେହେରା, ସଂଯୋଗ କୁମାର ଦାଶ ଅନଶନରେ ସାମିଲ ହୋଇଛନ୍ତି। ଜିଲା ଓକିଲ ସଂଘ ପକ୍ଷରୁ ସମସ୍ତଙ୍କୁ ଫୁଲ ମାଳଦେଇ ସ୍ୱାଗତ କରାଯାଇଥିଲା।

#### ମ୍ୟୁନିସିପାଲିଟିର ଅହେତୁକ ହୋଲ୍‌ଡିଂ ଟ୍ୟାକ୍ସ ଧାର୍ଯ୍ୟକୁ ବିରୋଧ

# ସର୍ବଦଳୀୟ ପ୍ରତିବାଦ ସଭା

**ଦେବଗଡ,୩୧।୧ (ସ୍ୱ.ପ୍ର.)**

ଦେବଗଡ ପୌରପରିଷଦ ରେ ଅହେତୁକ ହୋଲ୍‌ଡିଂ ଟ୍ୟାକ୍ସ ବୃଦ୍ଧି କରାଯିବାକୁ ବିରୋଧ କରି ଜିଲା ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ବସନ୍ତ ନିବାସ ଡାକ ବଙ୍ଗଳାରେ ଏକ ସର୍ବଦଳୀୟ ତଥା ଜନସାଧାରଣଙ୍କ ବୈଠକ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ନାଗରିକ କମିଟିର ସଭାପତି ଶୁଶୀଲ କପରଦାରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି,ବରିଷ୍ଠ ଆଇନଜୀବୀ ମନୋଜ ପାଢୀ,ଜିଲା ବିଜେଡି ସଭାପତି ସୁଧିର କପରଦାର,ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ,ବରିଷ୍ଠ ନାଗରିକ ନବୀନ ପାଣି, ଯୁବନେତା ଧର୍ମେନ୍ଦ୍ର କୁମାର ଦେବତା ପ୍ରମୁଖ ଉପସ୍ଥିତ ରହି ପୌରପରିଷଦ ପକ୍ଷରୁ ଅହେତୁକ ହୋଲ୍‌ଡିଂ ଟ୍ୟାକ୍ସ ବୃଦ୍ଧି କରାଯାଇ ପୌରବାସୀଙ୍କ ଉପରେ ଟ୍ୟାକ୍ସ ଭାର ଲଦି ଦିଆଯାଇଥିବା ଘଟଣାକୁ ସବୁ ଦଳ ପକ୍ଷରୁ ଦୃଢ ନିନ୍ଦା ସହ ପ୍ରତିବାଦ କରାଯାଇଛି। ବାରମ୍ବାର ପ୍ରଶାସନକୁ ଜଣାଇଲେବି କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ଏବଂ ହୋଲ୍‌ଡିଂ ଟ୍ୟାକ୍ସ ର ପୁର୍ନବିଚାର ନକଲେ ଏନେଇ ଆଗାମୀ ଦନିରେ ଜନ ଆନ୍ଦୋଳନ କରାଯିବ ବୋଲି ସର୍ବଦଳିୟ ନିଷ୍ପତି ନିଆଯାଇଛି । ଗୁରୁବାର ଆଉଥରେ ପୁନଃବିଚାର କରିବାପାଇଁ ଜିଲାପାଳ ଏବଂ ପୌରାଞ୍ଚଳ ନର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲାପାଳ ସାତ ଦିନ ସମୟ ନେଇଥିବା ଜଣାପଡିଛି । ସନ୍ଧ୍ୟାରେ ହୋଲ୍‌ଡିଂ ଟ୍ୟାକ୍ସ ବୃଦ୍ଧିକୁ ନେଇ ଏକ ଖବରଦାତା ସମ୍ମିଳନୀ ମଧ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ କୌଣସି ବିଚାର ନ କଲେ ଆନ୍ଦୋଳନ ହୋବ ବୋଲି ସୂଚନା ଦେଇଛନ୍ତି। ଏହାର ପ୍ରଚାର ପ୍ରସାର ପାଇଁ ଗଣମାଧମ ଅନୁରୋଧ କରିଛନ୍ତି।

ସୂଚନା ଥାଉ କି ଓଡିଶାର ଅନ୍ୟତମ ସର୍ବ ପୂରାତନ ଦେବଗଡ ମ୍ୟୁନିସିପାଲିଟି ତଥା ପୌରସଂସ୍ଥା ୧୯୦୪ ମସିହାରେ ବାମଣ୍ଡାର ତତକାଳୀନ ରାଜା ସଚ୍ଚିଦାନନ୍ଦ ଦେବଙ୍କ ସମୟରୁ ପାନୀୟ ଜଳ ଯୋଗାଣ ଠାରୁ ଆରମ୍ଭ କରି ଆଲୋକିକରଣ, ରାସ୍ତାଘାଟ ନିର୍ମାଣ, ବନ୍ଧ କଟା ନିର୍ମାଣ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଭଳି ଅନେକ ଉଚ୍ଚକୋଟୀର ସେବା ଯୋଗାଇ ପାରିଥିଲା । ତେଣୁ ସେ ସମୟରେ ୧୯୧୨ ମସିହାରେ ଏହା ବିହାର–ଓଡିଶା ମ୍ୟୁନିସିପାଲିଟି ଆକ୍ଟ ଅନୁଯାୟୀ ବ୍ରିଟିଶ ସରକାର ଦ୍ୱାରା ବିଧିବଦ୍ଧ ଭାବେ ପୌରପାଳିକାର ମାନ୍ୟତା ଲାଭ କରିଥିଲା। ସେହି ସମୟରେ ଏହି ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବଲପୁର ହିତୈଷିଣୀ ଏହାର ୨୨/୩୬ ସଂସ୍କରଣରେ ସନ୍ତୋଷ ପ୍ରକାଶ କରି ଏହାର ପ୍ରଶଂସା କରିଥିଲା । ସେହି ସମୟରୁ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଏହା ବିଭିନ୍ନ ସମୟରେ ବାମଣ୍ଡାର ରାଜା ମାନଙ୍କର ପୃଷ୍ଠପୋଷକତାରେ ସୂଚାରୁରୂପେ ସହରବାସୀଙ୍କୁ ସେବା ଯୋଗାଇ ଆସୁଥିଲା । ଭାରତ ସ୍ୱାଧୀନ ହେବାପରେ ଏହା ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ଦ୍ୱାରା ୧୯୫୨ ମସିହାରୁ ପରିଚାଳିତ ହେବାସହ ସରକାରଙ୍କ ଦ୍ୱାରା ନିଯୁକ୍ତ ନିର୍ବାହୀ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଚାଲି ଆସୁଥିଲା । ଲୋକ ମାନଙ୍କର ଆର୍ଥିକ ଅବସ୍ଥାକୁ ବିଚାରକୁ ନେଇ ସମସ୍ତଙ୍କୁ ସୁହାଇଲା ଭଳି ହୋଲଡିଂ ଟ୍ୟାକ୍ସ ଧାର୍ଯ୍ୟ କରାଯାଇଥିଲା । ଏଣୁ ଏହାକୁ କେହି ପ୍ରତିବାଦ କରୁନଥିଲେ । ଶିଳ୍ପ ବିହୀନ ଦେବଗଡ ଜିଲାର ଚାଷୀ ତଥା ସାହିବାସୀନ୍ଦାଙ୍କ ଆର୍ଥିକ ସ୍ୱଚ୍ଛଳତା ନଥିବା ସମୟରେ ଜାଣିଶୁଣି ପୌର ପରିଷଦ କର୍ତ୍ତୃପକ୍ଷ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ହୋଲଡିଂ ଟ୍ୟାକ୍ସ ବୃଦ୍ଧି କରି ଜନତାଙ୍କୁ ଶୋଷଣର ଶିକାର ହେବାପାଇଁ ବାଧ କରିଛନ୍ତି।




ହୋଲ୍‌ଡିଂ ଟ୍ୟାକ୍ସ ବୃଦ୍ଧିକୁ ନେଇ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

## ଭୀମ୍‌ସାରରେ ସ୍ଥାନୀୟ ନିଯୁକ୍ତି ଦାବି କଲା ଭାଜପା

**ବୁର୍ଲା,୩୧।୧(ଡି.ଏନ.ଏ.)**

ଭୀମ୍‌ସାର ବୁର୍ଲାରେ ଖାଲି ପଡିଥିବା ବିଭିନ୍ନ ପଦପଦବୀ ପୂରଣ ପାଇଁ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବାକୁ ଦାବି କରି ବୁର୍ଲା ନଗର ଭାଜପା ପକ୍ଷରୁ ଗୁରୁବାର ଭୀମସାର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭୀମସାର କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୭୯୩/ ତାରିଖ ୩୧।୧୨।୨୦୧୮ ଅନୁଯାୟୀ ଭୀମସାରରେ ଷ୍ଟାଫନର୍ସ, ଏଏନ୍‌ଏମ୍, ଜୁନିୟର ଲାବୋରେଟୋରି ଓ ଅନ୍ୟାନ୍ୟ ପଦବୀ ପୂରଣ ନେଇ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏନେଇ ନିଯୁକ୍ତି ପ୍ରକ୍ରିୟା ଚୂଡାନ୍ତ ହୋଇଥିବା ବେଳେ ଉକ୍ତ ନିଯୁକ୍ତି ପକ୍ରିୟାରେ ଚଞ୍ଚକତା ହେବାର ଆଶଙ୍କା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବାକୁ ଦାବି କରି ବୁର୍ଲା ନଗର ଭାଜପା ସଭାପତି ନମ୍ରସକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୀମସାର ଅଧ୍ୟକ୍ଷକ ପ୍ରଫେସର ଜୟଶ୍ରୀ ଦୋରାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ସୀମାଞ୍ଚଳ ଖଟେଇ, ସମ୍ପାଦକ ଚଣ୍ଡିପ୍ରକାଶ ଦାସ, ପ୍ରଦୀପ କୁମାର ସୁନା, ସମ୍ପାଦକ ଧର୍ମେନ୍ଦ୍ର ଗିରି, ସଂଖ୍ୟାଲଘୁ ସଭାପତି କାଦ୍ରିଏସ୍‌ଡି ଅନସାରି, ଅଜିତ ନାଏକ, ରାଜୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଗାମୀ ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

**ଦେବଗଡ,୩୧।୧ (ସ୍ୱ.ପ୍ର.)**

ସ୍ଥାନୀୟ ବସନ୍ତ ନିବାସ ଡାକ ବଙ୍ଗଳାରେ ନଗର କଂଗ୍ରେସ କମିଟି ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନଗର ସଭାପତି ଅନୁଜ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପୌରାଞ୍ଚଳ ତଥା ୧୧ଟି ୱାର୍ଡର କର୍ମୀମାନଙ୍କୁ ନେଇ ଆଗାମୀ ନିର୍ବାଚନରେ ଦଳକୁ ଏକଜୁଟ କରି ଜିଲାର କୋଣ ଅନୁକୋଣରେ ପ୍ରଚାର ପ୍ରସାର କରି ଦଳକୁ ଆହୁରି ମଜବୁତ କରିବା ପାଇଁ ଆହ୍ୱାନ ଦେବା ସହ ଶପଥ ନେଇଥିଲେ। ଉକ୍ତ ବୈଠକରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ସଭାନେତ୍ରୀ ମଞ୍ଜୁଲତା ନାୟକ, ଓବିସି ସେଲର ସଭାପତି ତପନ କୁମାର ପ୍ରଧାନ, ଏସି ସେଲର ସଭାପତି ମଞ୍ଜୁଳ ନାଏକ, ସଂଖ୍ୟାଲଘୁ ସେଲର ସଭାପତି ମଇନ ଖାନ୍, ଜିଲା କଂଗ୍ରେସ ଉପସଭାପତି ପ୍ରକାଶ ଦେବତା, କ୍ଷେତ୍ର ପାତ୍ର, ପ୍ରଶାନ୍ତ ସାହ, ବିକାଶ ଖଡିରନଙ୍କ ସମତେ ଅନ୍ୟ କର୍ମୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ମହାତ୍ମା ଗାନ୍ଧୀ ଶ୍ରାଦ୍ଧ ଦିବସ

**ଦେବଗଡ, ୩୧।୧ (ସ୍ୱ.ପ୍ର)**

କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛ, ସୁସ୍ଥ, ରଙ୍ଗୀନ ଓ ବାହ୍ୟ ମଳମୁକ୍ତ ଗ୍ରାମର ମାନ୍ୟତା ପାଇଥିବା ଜିଲାର ରିଆମାଳ ବ୍ଲକ ଅଧୀନ ଲୁଲଙ୍ଗ ପଞ୍ଚାୟତର କୀର୍ତ୍ତନପାଲି ଗ୍ରାମରେ ସ୍ୱଚ୍ଛତା କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଅବସ୍ଥାପିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ସବୁଦିନ ଭଳି ଜାତୀୟ ପତାକା ଉତ୍ତୋଳନ କରି ଡାକବାଜି ଯନ୍ତ୍ର ସାହାଯ୍ୟରେ ଜାତୀୟ ସଙ୍ଗୀତ ଗାନ କରି ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନୂତନ ବସ୍ତ୍ର ଅର୍ପଣ ସହିତ ହରିବୋଲ, ହୁଳହୁଳି, ଶଙ୍ଖ, ଘଣ୍ଟ ଏବଂ ସଂକୀର୍ତ୍ତନ ମାଧମରେ ଏହି ଦିବସକୁ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଲୁଲଙ୍ଗ ସରପଞ୍ଚ ସଞ୍ଜୁବାଳା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ଜଳ ଓ ପରିମଳ ମିଶନର ଜିଲା ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ, ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ପ୍ରଧାନ, ସନ୍ତୋଷ କୁମାର ରାଉଳ, ପୂର୍ବତନ ସମିତିସଭ୍ୟ ପ୍ରଦୀପ ମାଝି, ପଞ୍ଚାୟତ ମନିଟର ଡମ୍ବରୁଧର କୁମୁରା ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ପରେ ଏକ ସଭାର ଆୟୋଜନ କରାଯାଇଥିଲା । ଜାତୀୟ ସଙ୍ଗୀତ ତଥା ଭାରତମାତାକି ଜୟ ଧ୍ୱନୀରେ ସାରା ଗ୍ରାମ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ କୀର୍ତ୍ତନପାଲି ସ୍ୱଚ୍ଛତା କମିଟି ଗ୍ରାମବାସୀଙ୍କ ସମେତ ଅନ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଏହି ଗାଁରେ ପ୍ରତିଦିନ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଏ। ଜାତୀୟ ପତାକାକୁ ଅବମାନନା କଲେ ଜରିମାନା ମଧ ବ୍ୟବସ୍ଥା ଅଛି।

## ଭାଜପାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ରେଙ୍ଗାଲି, ୩୧।୧ (ଡି.ଏନ.ଏ.)**

ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଧନକଉଡା ବ୍ଲକ କିଲାସମା ପଞ୍ଚାୟତ ପ୍ରଧାନପାଲି ହାଇସ୍କୁଲ ପଡ଼ିଆରେ ଭାଜପାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସ୍ମୃତି ଇରାନି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହିଥିଲେ। ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ସ୍ୱାଧିନତା ପରଠାରୁ ଓଡ଼ିଶାରେ ମାତ୍ର ୨୦ ଲକ୍ଷ ଏଲ୍‌ପିଜି ଗ୍ୟାସ ହିତାଧିକାରୀ ରହିଥିଲେ। ଭାଜପା ନେତୃତ୍ୱାଧୀନ ସାଢ଼େ ୪ ବର୍ଷ ଶାସନ କାଳରେ ପ୍ରଧାନମନ୍ତ୍ରୀ ଏହାକୁ ୬୫ ଲକ୍ଷରେ ପହଞ୍ଚିବା ସହ ୨୦ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି କରିଥିବା ପ୍ରକାଶ କରିଥିଲେ। ଏଥିରେ ରାଧେଶ୍ୟାମ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନାଉରୀ ନାଏକ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ ଅଗ୍ରୱାଲ, ଧନକଉଡା ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ଧନକଉଡା ଜୋନ ୧ ଜିଲାପରିଷଦ ସଭ୍ୟା ସରସ୍ୱତୀ ମିର୍ଦ୍ଧା, ଜୋନ ୨ ସଭ୍ୟା ସଞ୍ଜୁକ୍ତା ପଧାନ, କିଲାସମା ସରପଞ୍ଚ ପ୍ରଶାନ୍ତ ବାରିକ, ଅର୍ଣ୍ଣପୂର୍ଣ୍ଣା ବାରିକ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ଜୋନ ୨ ସଭ୍ୟା ଉପଳା ଧୁରୁଆ, ଆଇଓସିଏଲର ବରିଷ୍ଠ ଅଧିକାରୀ କିଷନ କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପଡ଼ିଆବାହାଲ ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ପଡିଆବାହାଲ,୩୧।୧(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପଡ଼ିଆବାହାଲ ବିଦ୍ୟୁତ୍ ସବ୍‌ଷ୍ଟେଶନର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳର ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଦୀର୍ଘ ଦିନ ହେଲା ଏହି ବିଦ୍ୟୁତ୍ ସବ୍ ଷ୍ଟେଶନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏହାର ଲୋକାର୍ପଣ ହୋଇପାରୁ ନ ଥିଲା। ଏନେଇ ୨ମାସ ତଳେ ସ୍ଥାନୀୟ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ବିଦ୍ୟୁତ୍ ସବ୍‌ଷ୍ଟେଶନର କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ହେଲେ ଜିଲାପାଳ ଏହାର ଖବ୍ ଶୀର୍ଘ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଥିବା ବେଳେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବା ନେଇ ଆଶାବ୍ୟକ୍ତ କରିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/–, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.: 9179208056 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଆକାଶବାଣୀରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର, ୩୧।୧(ବ୍ୟୁରୋ)- ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଗୁରୁବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମୁଖ୍ୟ ଏମ୍ଆର୍କେ ରାଓ, କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ଜୟରାମ ମୁଣ୍ଡା, ମନୋଜ ପୂଜାରୀ ଅତିଥି ଭାବେ ଯୋଗଦେଇ ଜଗଦୀଶ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ରିକ୍ରିଏସନ୍ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସଭାକୁ ପରିଚାଳନା କରିଥିଲେ। ସନ୍ତୋଷ ପିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଯାନ୍ତ୍ରିକ ବିଭାଗର କର୍ମଚାରୀ ଜଗଦୀଶ ପଟ୍ଟନାୟକ ୧୯୯୪ରୁ ୨୫ ବର୍ଷ ଧରି ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ କାମ କରୁଥିଲେ। ଏହାପୂର୍ବରୁ ସେ ୧୯୭୭ରୁ ୧୯୯୨ପର୍ଯ୍ୟନ୍ତ ବାୟୁସେନାରେ କାର୍ଯ୍ୟରତ ଥିଲେ। ଶ୍ରୀଲଙ୍କାରେ ଭାରତୀୟ ଶାନ୍ତିରକ୍ଷା ବାହିନୀରେ ମଧ ସେ କାମ କରିଥିଲେ। ଆକାଶବାଣୀ ରିକ୍ରିଏସନ୍ କ୍ଲବ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

### ସାହସପୁର ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୩୧।୧(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସାହସପୁର ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମାନେଶ୍ୱର ବ୍ଲକ ଏମ୍ପିଙ୍କ ନୋମିନି ଗୋପୀରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ତିଲୋତ୍ତମା ବାଗ, ସମିତି ସଭ୍ୟା ବୀଣାପାଣି ବେହେରା, ଜିଲାପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୋଲି, କେଶବ ସେଠ, କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବୈଜୟନ୍ତୀମାଳା ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଳିକା ଶିକ୍ଷା ଉପରେ ଏକ ଇଂଲିଶ ନାଟକ ପରିବେଷଣ ହୋଇଥିଲା।

### ଗୁଲୁମେଶ୍ୱରୀ ମନ୍ଦିର ପ୍ରତିଷ୍ଠା

ପଡିଆବାହାଲ, ୩୧।୧(ଡି.ଏନ.ଏ.,)- ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବଡସାହି ଗୁଲୁମେଶ୍ୱର ଘାଟିରେ ନିର୍ମାଣ ହୋଇଥିବା ଗୁଲୁମେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଗୋକୁଳାନନ୍ଦ ମହାକୁର ଏବଂ ତାଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ ମହାକୁରଙ୍କ ନେତୃତ୍ୱରେ ଭୂମି ପୂଜନ, ବେଦ୍ୟାରମ୍ଭ ଓ ରତ୍ନମୋଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଆଗାମୀ ୫ ତାରିଖ ମଙ୍ଗଳବାର କଳସ ଅଧିବାସ, ଅଙ୍କୁରାରୋପଣ, ୬ତାରିଖରେ କଳସ, ମଣ୍ଡଳ ପୂଜା, ବିଗ୍ରହ ସ୍ଥାପନ, ୭ ତାରିଖରେ ଗୋପୂଜା, ପୂର୍ଣ୍ଣାହୁତି ମା' ଗୁଲୁମେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା, ମନ୍ଦିର ପ୍ରବେଶ ପରେ ଅନୁଷ୍ଠିତ ହେବ । ଏନେଇ ଶ୍ରଦ୍ଧାଳୁମାନଙ୍କୁ ଯୋଗଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରେଙ୍ଗାଲି,୩୧।୧(ଡି.ଏନ୍.ଏ)- ଠେଲକୁଲି ଥାନା ଅଧୀନ ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୀରମହାରାଜପୁର ଥାନା ଅଧୀନ ନୂଆଁଗଡ଼ର ସୁନୀଲ ପ୍ରଧାନ (୨୮)। ମିଳିଥିବା ସୂଚନା ମୁତାବକ, ସୁନୀଲ ଏକ ନୂଆଁ ଆପାଚି ଗାଡିରେ ସମ୍ବଲପୁର ଯାଉଥିବା ବେଳେ ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଠେଲକୁଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ହୀରାକୁଦରେ ରୋପ ୱେ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି

ହୀରାକୁଦ, ୩୧।୧ (ଡି.ଏନ୍.ଏ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଗାନ୍ଧୀମିନାରଠାରୁ ନେହେରୁ ଉଦ୍ୟାନ ପର୍ଯ୍ୟନ୍ତ ରୋପ ୱେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଭିଡିଓ କନଫେରେନ୍ସିଂ ଜରିଆରେ ସମ୍ବଲପୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାର ପ୍ରସ୍ତୁତି କରାଯାଇଛି। ଅନ୍ୟପକ୍ଷେ ଲୋକେ ଏହାର ମଜା ନେବା ପାଇଁ ଅପେକ୍ଷା କରିଛନ୍ତି।

# ବିଜୁ ଯୁବ ସମାବେଶ ଚୂଡ଼ାନ୍ତ ପ୍ରସ୍ତୁତି

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମଠାରେ ଶୁକ୍ରବାର ବିଜୁ ଯୁବ ସମାବେଶ ଆୟୋଜନ ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ଜିଲା ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ ଦେଇଛନ୍ତି। ଜିଲାପାଳ ବର୍ମା ଓ ଅଧିକାରୀମାନଙ୍କୁ ନେଇ ଷ୍ଟାଡିୟମରେ ଏକ ବୈଠକ ହୋଇଥିଲା। ବୈଠକରେ ଟ୍ରାଫିକ ସମସ୍ୟା, ଗାଡି ପାର୍କିଂ, ବାହାର ଜିଲାରୁ ଆସୁଥିବା ଯୁବକମାନଙ୍କ ପାଇଁ ରହିବା, ଖାଇବା ସହ ଟିକିନିଖି ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଏପରି କି ଅନୁଗୋଳ, ଦେବଗଡ଼ ଜିଲାରୁ ଆସିଥିବା ଯୁବ ଗୋଷ୍ଠୀଙ୍କ ପାଇଁ ଗୁରୁବାର ହୋଇଥିବା ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ମହାନଦୀ ଦ୍ୱିତୀୟ ସେତୁ, ହୀରାକୁଦ ରୁପ ୱେ, ଜିଲା ସଦର ଡାକ୍ତରଖାନରେ ନିର୍ମାଣ ହୋଇଥିବା କୋଠା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ୧୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଷ୍ଟାଡିୟମରେ ଆୟୋଜିତ ବିଜୁ ଯୁବ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନା ଯୋଗ୍ୟ, ଏହି ସମାବେଶରେ ସମ୍ବଲପୁର ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ, ଦେବଗଡ଼, ଅନୁଗୋଳ ଜିଲାରୁ ୩୫ ହଜାରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପରି କି ସ୍ଥାନୀୟ କଳାକାରମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି।



ସମ୍ବଲପୁର ବିଜୁ ଯୁବ ସମାବେଶ କାର୍ଯ୍ୟକ୍ରମକୁ ନେଇ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

- ପ୍ରଶାସନିକ ଅଧିକାରଙ୍କ ସହ ଜିଲାପାଳଙ୍କ ବୈଠକ
- ଟ୍ରାଫିକ, ଖାଦ୍ୟ, ପାନୀୟରେ ସମୀକ୍ଷା

## ସିଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସମ୍ବଲପୁର ଜେସିସି ଚାମ୍ପିୟନ

**ରେଢ଼ାଖୋଲ,୩୧।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୨୬ତମ ସିଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ସମ୍ବଲପୁର ଜେସିସି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ବୌଦ୍ଧ ଦଳ ଏବଂ ସମ୍ବଲପୁର ଜେସିସି ମଧ୍ୟରେ ହୋଇଥିଲା। ବୌଦ୍ଧ ଦଳ ଟସ ଜିଣି ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ଜେସିସି ଦଳ ୯ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରି ଟୁର୍ନାମେଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ବିବେଚିତ ହୋଇଥିଲା। ଖେଳକୁ ସଞ୍ଜୟ ସାହୁ ଏବଂ ସୁନିଲ ରାଉତ ପରିଚାଳାନା କରିଥିଲେ। ଆୟୋଜକ କ୍ଲବ ସଭାପତି ତଥା ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବଂଶାଜାଲ ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦୀତ ତ୍ରିପାଠୀ, ମୁର୍ଷୁଣି ସରପଞ୍ଚ ଲବ ସାହୁ, ସମିତି ସଭ୍ୟ ସୁଶାନ୍ତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ମହାଲିକ, ମିଳନ ପ୍ରଧାନ, ମନୋରଞ୍ଜନ ସାହୁ, ବିକ୍ରମ ପ୍ରଧାନ, ରାଜେଶ ପ୍ରଧାନ, ନଗେନ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ।

# ବାମରାଠାରେ ଦୋଳ ଉତ୍ସବ ପ୍ରସ୍ତୁତି ବୈଠକ

**କୁଚିଣ୍ଡା,୩୧।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଯାଦବ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ ପାଳନ ନେଇ ବାମରା ପଣ୍ଡରୀପଥରଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିରଞ୍ଚି ଦର୍ବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୧୭ ତାରିଖରେ ଦୋଳ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ସାଂସ୍କୃତିକ ଶୋଭାଯାତ୍ରା, ପ୍ରଭୁ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ସ୍ଥିର ହୋଇଛି । ଦୋଳ ଉତ୍ସବ ମଞ୍ଚରେ ମାଟ୍ରିକ ଓ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଯାଦବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି । ଦୋଳ ଉତ୍ସବ ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି । ଏଥିରେ ରବିନାଥ ଘୋଷି, ପ୍ରଶାନ୍ତ ରାଉତ, ସରୋଜ ପରୁଆ, ଶଶୀ ଗୌଡ, କିଶୋର ଭଇଁଷା, କନ୍ଦର୍ପ ପୂଜାରୀ, କିଶୋର ଗୋପାଳ, ମହେଶ୍ୱର ମାକର, ଜନ୍ମ ବାଘ, ହରିଶ୍ଚନ୍ଦ୍ର ଭଇଁଷା, ରାଜେନ୍ଦ୍ର କର୍ସେଲ, ମନବୋଧ କର୍ସେଲ, ଖଗେଶ୍ୱର ଭଇଁଷା, ପ୍ରତିମା କର୍ସେଲ, ଫୁଲ ରକ୍ସା, ଶୁକାନ୍ତି ପୂଜାରୀ ପ୍ରମୁଖ ସଭ୍ୟା ସଭ୍ୟ ରହିଛନ୍ତି । ଦୋଳ ଉତ୍ସବକୁ ଆଡମ୍ବରରେ ପାଳନ କରିବାକୁ ସଭାପତି ଦର୍ବା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଜିଲା ଉପସଭାପତି ସନାତନ ଭଇଁଷା, ଜିଲା ନେତ୍ରୀ ଚିନୁପମା ଭଇଁଷା, କୁଶ ଚନ୍ଦ୍ର ଭଇଁଷା, ଅଶୋକ ବଗର୍ତ୍ତି, ଲବଣୀଧର ନିଉଡି, ନରୋତ୍ତମ ଭଇଁଷାଙ୍କ ସମେତ ବ୍ଲକ ଅଧୀନ ୧୭ଟି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଏମ୍ୟୁ ଫାଟକରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ସମ୍ବଲପୁର,୩୧।୧(ବ୍ୟୁରୋ)**

ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ଠାରେ ଖୋର୍ଦ୍ଧା ବେଗୁନିଆର ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ଆରମ୍ଭ ହୋଇ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆସିଥିଲା। ପରେ ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ଭାରତ ଓ ପାକିସ୍ତାନ ସୀମାରେ ଶହୀଦ ହେବା ସଂଖ୍ୟା ବଢୁଥିବା ଯୋଗୁ ଯୁବ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆବାହକ ସଞ୍ଜୀତ ମହାନ୍ତି, ମିଳନ ହୋତା, ଲକ୍ଷ୍ମୀ ମହାପାତ୍ର, ପ୍ରକାଶ ଡାଙ୍ଗ୍, ଦେବଜ୍ୟୋତି ପଟ୍ଟନାୟକ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ସେଲମା, ଚୁମନ ପ୍ରଧାନ, ଚିନ୍ମୟ ପଣ୍ଡା, ଶୁଭମ ସାହୁ, ସୁରଜ ନେଗୀ, ଏନ୍ ବିଶ୍ୱାଳ, ପୂର୍ଣ୍ଣ ବିଶ୍ୱାଳ, ଚିଣ୍ଟୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ଗୁରୁବାର ସମ୍ବଲପୁର ଜିଏମ୍ୟୁ ମୁଖ୍ୟ ଫାଟକରେ ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିରେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

# ବୈଦିକ କଲେଜରେ ଫିଜିଓଥେରାପିକ୍ କର୍ମଶାଳା

ସମ୍ବଲପୁର, ୩୧।୧(ବ୍ୟୁରୋ)

ବୈଦିକ କଲେଜରେ ଫିଜିଓଥେରାପିକ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍ସିବି ମେଡିକାଲ କଲେଜ ଫିଜିଓଥେରାପିଷ୍ଟ ଡା. ଶୀତଳ ମହାପାତ୍ର, ଏମ୍ସ ମେଡିକାଲ କଲେଜର ଡା. ଲକ୍ଷ୍ମୀନାରାୟଣ ପାତ୍ର ବକ୍ତାଭାବେ ଯୋଗଦେଇ ଔଷଧ ବ୍ୟବହାର ନ କରି ମଧ ଫିଜିଓଥେରାପିକ୍ ଦ୍ୱାରା ନିଜକୁ ରୋଗମୁକ୍ତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷା କାମିନୀ ଯୋଶୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା।



ବୈଦିକ କଲେଜରେ ଆୟୋଜିତ ଫିଜିଓଥେରାପିକ୍ କର୍ମଶାଳାରେ କର୍ମକର୍ତ୍ତା ଓ ବକ୍ତାମାନେ।

# ରାଷ୍ଟ୍ରପତି ପଦକ ଚୟନରେ ସୁଶୀଲ

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଝୁଝୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ନାରଙ୍ଗିପାଲି ଗ୍ରାମର ସୁଶୀଲ ଭୋଇ ରାଷ୍ଟ୍ରପତି ପଦକ(ଜୀବନ ରକ୍ଷକ) ପାଇବା ପାଇଁ ଚୟନ ହୋଇଛନ୍ତି। ଏହା ଜାଣି ସୁଶୀଲଙ୍କୁ ଝୁଝୁମୁରା ବ୍ଲକ ଛକରେ ଶୁଭେଚ୍ଛୁମାନେ ସ୍ୱାଗତ କରିଥିଲେ। ଏଥିରେ ପ୍ରଫୁଲ ମିର୍ଦ୍ଧା, ନୃସିଂହ ଦେହୁରୀ, ବେଣୁଧର ବିଶ୍ୱାଳ, କଲ୍ୟାଣ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ଅବନୀ କୁମୁରା, ଟଙ୍କଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସୂଚନା ଯୋଗ୍ୟ, ଚଳିତ ବର୍ଷ ପାଇଁ ଭାରତ ସରକାର ପକ୍ଷରୁ ରାଷ୍ଟ୍ରପତି ପଦକ (ଜୀବନ ରକ୍ଷକ) ପ୍ରଦାନ ପାଇଁ ନାମ ଚୟନ କରାଯାଇଛି। ଏଥିରେ ସୁଶୀଲଙ୍କ ନାମ ରହିଛି। ସୁଶୀଲ ଉତ୍ତରପ୍ରଦେଶ ଗାଜିଆବାଦ ୫ ବାଟାଲିୟନ୍ ସିଆଇଏଫଏସ୍ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି। ସୁଶୀଲ ନିଜ ଜୀବନକୁ ବାଜି ଲଗାଇ ଜଣେ ୧୪ ବର୍ଷର ଛାତ୍ରଙ୍କୁ ବଞ୍ଚାଇବାରେ ସଫଳ ହୋଇଥିଲେ।



ସମ୍ବଲପୁର ଜିଲା ଝୁଝୁମୁରାଠାରେ ସୁଶୀଲଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ନାଗରିକ କମିଟିର ଆନ୍ଦୋଳନ

**ରେଢାଖୋଲ,୩୧।୧(ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ରେଢାଖୋଲ ନାଗରିକ କମିଟି ସାମିଲ ହୋଇ ପ୍ରତି ମାସର ଶେଷ ୩ଦିନ ଆନ୍ଦୋଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନଠାରୁ ନାଗରିକ କମିଟିର ସଦସ୍ୟମାନେ ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ନାଗରିକ କମିଟି କର୍ମକର୍ତ୍ତା ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ ବିଚାରପତିଙ୍କ ସହ କୋର୍ଟ କର୍ମଚାରୀ କୋର୍ଟ ଭିତରକୁ ଯାଇ ନ ପାରି ଫେରି ଯାଇଥିଲେ। ଆନ୍ଦୋଳନରେ ନାଗରିକ କମିଟିର ଅନାଦି ଚରଣ ସାହୁ, ଲଳିତବାହାଦୁର ସିଂ, ସନ୍ତୋଷ କୁମାର ମହାକୁଡ଼, ବିବେକାନନ୍ଦ ମହାକୁଡ଼, ଲୋକନାଥ ଅମାତ, ରାଜା ପାଲ, ସୁରେନ୍ଦ୍ର ବିଶ୍ୱାଳ, ଗୋବର୍ଦ୍ଧନ ବଘାର ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲସଂଘ ସମୁହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଗତ ସେପ୍ଟେମ୍ବର ୬ ତାରିଖରୁ ରେଢାଖୋଲ ଓକିଲ ସଂଘ ପକ୍ଷରୁ କୋର୍ଟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଛି। ଏନେଇ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ସରକାର ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## କମ୍ପାନୀ ସାମଗ୍ରୀ ଚୋରି ଅଭିଯୋଗ: ଯୁବକ ଗିରଫ

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନୂଆଁପଡ଼ା ଅଞ୍ଚଳରେ ହୋଇଥିବା ଏକ ଡକାୟତି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କ୍ଷେତରାଜପୁର ଥାନା ଅଧୀନ ମିଲପଡ଼ାର ଟିକୁ ତାଣ୍ଡି (୨୨) । ସୂଚନା ଯୋଗ୍ୟ, ଅଭିଯୁକ୍ତମାନେ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର କମ୍ପାନୀର କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ କମ୍ପାନୀ ଅଧିକାରୀ ଅମୂଲ୍ୟ କୁମାର ଜେନା ଗତ ଡିସେମ୍ବର ୧୫ ତାରିଖରେ ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୪୮/୧୯) ରୁଜୁକରି ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ଗତ ଡିସେମ୍ବର ୧୬ ତାରିଖ ମିଲପଡାର ବସୁଦେବ ତାଣ୍ଡି, ୨୪ ତାରିଖରେ ଗଗନ ନାଗ ଏବଂ ୨୭ତାରିଖରେ ରାମ ଦୀପଙ୍କୁ ଗିରଫ କରି କୋର୍ଟ ଚାଲଣା କରିଥିଲା।

## ଆଜି ମହାନଦୀ ଦ୍ୱିତୀୟ ସେତୁ ହେବ ଉଦ୍‌ଘାଟିତ

# ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ ଦାବି

**ସମ୍ବଲପୁର, ୩୧।୧ (ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ମହାନଦୀ ଦ୍ୱିତୀୟ ସେତୁ ଶୁକ୍ରବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଉଦ୍‌ଘାଟନ କରିବେ। କିନ୍ତୁ ଏହି ସେତୁର ନାମକରଣକୁ ନେଇ କୌଣସି ମତ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷେ ସମ୍ବଲପୁରର ଏହି ଅତ୍ୟାଧୁନିକ ସେତୁକୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ କରିବାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାବି କରିଛି। ଗୁରୁବାର ସନ୍ଧ୍ୟାରେ ଏକ ପ୍ରେସ ବିବୃତିରେ ମଞ୍ଚର ସଂଯୋଜକ ମାନସରଞ୍ଜନ ବକ୍ସି, ସୁବୋଧ ଦୋରା, ଦେବିପ୍ରସାଦ ଭୋଇ, ବିପ୍ଲବ ତନସନା, ସମୀର ହୋତା, ଭବାନୀଶଙ୍କର ଭୋଇ ସୂଚିତ କରିଛନ୍ତି । ଅନ୍ୟପକ୍ଷେ ଜନସାଧାରଣଙ୍କ ସହଯୋଗରେ ସେତୁ ପାର୍ଶ୍ୱରେ ସତ୍ୟନାରାୟଣ ବହିଦାରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମଞ୍ଚ ପକ୍ଷରୁ ବିବୃତିରେ କୁହାଯାଇଛି।

## ଫଟୋରେ ଖବର...



ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁରେ ଚିତ୍ରଶିଳ୍ପୀମାନେ ସମ୍ବଲପୁର ସପଟାପର ଆଙ୍କୁଛନ୍ତି ।



ଦ୍ୱିତୀୟ ସେତୁ ପାର୍ଶ୍ୱସ୍ଥ ବଗିଚାରେ ଗଛ ରୋପଣ କରିବାକୁ ନିଆଯାଉଛି ।



ସମ୍ବଲପୁର କଟେରି ଛକଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦିନକ ପୂର୍ବରୁ ଫୁଲ ସଜା ଯାଉଛି ।



ସମ୍ବଲପୁର କଟେରି ଛକଠାରେ ନିର୍ମିତ ରାସ୍ତାରେ ସୂଚନା ଫଳକ ଲଗାଯାଉଛି ।



ବିବିଧତା ଓ ଭିନ୍ନତା ସତ୍ତ୍ୱେ ଖ୍ରୀଷ୍ଟିୟାନ ଓ ଇସ୍‌ଲାମ ଧର୍ମାବଲମ୍ବୀ ଭାଇ ଭାଇ । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କାଳରେ ଦୁଇ ଧର୍ମର ସମ୍ପର୍କକୁ ନେଇ ଇତିହାସର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ।

- ପୋପ୍ ଫ୍ରାନ୍ସିସ୍, କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ

## ସଂକ୍ଷେପରେ

### ଆମେରିକାରେ ହିନ୍ଦୁ ଦେବତା ମୂର୍ତ୍ତି ବିକୃତ କଲେ

**ୱାଶିଂଟନ,୩୧।୧**-ଆମେରିକାରେ ଧାର୍ମିକ ଭେଦଭାବ ନେଇ 'ଘୃଣା ଅପରାଧ' ଘଟଣାରେ ଏକ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରାଯାଇଛି। କେନ୍‌ଟୁକୀର ଲୁଇସ୍‌ଭିଲ୍ଲେସ୍ଥିତ ସ୍ୱାମୀନାରାୟଣ ମନ୍ଦିରରେ ଦେବତାଙ୍କ



ପ୍ରତିମୂର୍ତ୍ତି ଉପରକୁ କଳାରଙ୍ଗ ସ୍ପ୍ରେ କରି ଦୁର୍ବୃତ୍ତମାନେ ବିକୃତ କରିଛନ୍ତି। ଏଥିସହ ମନ୍ଦିର କାନ୍ଥରେ କାଳି ବୋଳିଛନ୍ତି। ଆତଙ୍କ ସୃଷ୍ଟି କରିବାକୁ ଯାଇ କବାଟ, ଝରକା ଭଙ୍ଗାରୁଜା କରିବା ସହ ମନ୍ଦିର ହଲ୍‌ରେ ଥିବା ଏକ ଚେୟାରରେ ଛୁରିବିଦ୍ଧ କରିଛନ୍ତି। ରବିବାର ରାତି ଏବଂ ମଙ୍ଗଳବାର ସକାଳ ମଧ୍ୟରେ ଏହି ଅଭାବନୀୟ ଘୃଣିତ କାଣ୍ଡ କରାଯାଇଥିବା ଜଣାଯାଇଛି। ଏହା ଭାରତୀୟ ଆମେରିକୀୟଙ୍କ ଭାବାବେଗକୁ ଶକ୍ତ ଝଟ୍‌କା ଦେଇଛି। ଆମେରିକା ସରକାର ଏହି ଘୃଣା ଅପରାଧ ଘଟଣାକୁ ଗମ୍ଭୀରତାର ସହ ନେଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରାଯିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ହୋଇଛି। ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୁଇସ୍‌ଭିଲେ ମେୟର ଗ୍ରେଗ୍ ଫିଶର ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି।

### ରାମଗଡ଼ରେ କଂଗ୍ରେସ, ଜିନ୍ଦ୍‌ରେ ଭାଜପା ଜିତିଲା



କ୍ରିଷ୍ଣ ମିଧା ଶାଫିଆ ଜୁବୈର

**ନୂଆଦିଲ୍ଲୀ,୩୧।୧**-ରାଜସ୍ଥାନର ରାମଗଡ଼ ଏବଂ ହରିୟାଣାର ଜିନ୍ଦ୍ ବିଧାନସଭା ଆସନ ଉପନିର୍ବାଚନର ଫଳାଫଳ ବୁଧବାର ପ୍ରକାଶ ପାଇଛି। ରାମଗଡ଼ରେ କଂଗ୍ରେସ ପ୍ରାର୍ଥୀ ଶାଫିଆ ଜୁବୈର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁୱନ୍ତ ସିଂଙ୍କଠାରୁ ୧୨ ହଜାର ଅଧିକ ଭୋଟ ପାଇ ବିଜେତା ଘୋଷିତ ହୋଇଛନ୍ତି। ଜିନ୍ଦ୍‌ରେ ଭାଜପା ପ୍ରାର୍ଥୀ କ୍ରିଷ୍ଣ ମିଧାଙ୍କ ବିଜୟ ହୋଇଛି। ଡିସେମ୍ବର ୭ ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ ରାମଗଡ଼ର ବିଏସ୍‌ପି ଆଶାୟୀ ପ୍ରାର୍ଥୀ ଲକ୍ଷ୍ମଣ ସିଂଙ୍କ ମୃତ୍ୟୁ ଯୋଗୁ ସେଠାରେ ମତଦାନ ପ୍ରକ୍ରିୟା ହୋଇପାରି ନ ଥିଲା। ଅନ୍ୟପଟେ, ବିଧାୟକ ହରି ଚନ୍ଦ୍ର ମିଧାଙ୍କ ପରଲୋକ ଘଟିବା ପରେ ହରିୟାଣାର ଜିନ୍ଦ୍ ବିଧାନସଭା ଉପନିର୍ବାଚନ ଘୋଷଣା କରାଯାଇଥିଲା। ସୋମବାର ଏହି ଦୁଇ ଆସନ ପାଇଁ ଭୋଟିଂ ହୋଇଥିଲା। ଜିନ୍ଦ୍‌ରେ ଜନନାୟକ ଜନତା ପାର୍ଟି (ଜେଜେପି)ର ଦିଗ୍‌ବିଜୟ ସୂର୍ଯେବାଲା ଓ କଂଗ୍ରେସର ରଣଦୀପ ସୂର୍ଯେବାଲାଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ମିଧା ଦିଗ୍‌ବିଜୟ ଏବଂ ରଣଦୀପଙ୍କୁ ୧୨ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇଛନ୍ତି। ରାମଗଡ଼ ଆସନ ପାଇଁ ୨୦ ଆଶାୟୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ଆସନ କବ୍‌ଜା କରିବା ପରେ ରାଜସ୍ଥାନ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି।

### ଇତିହାସର ଆଇନାରେ

### ଫେବୃୟାରୀ ୧ର ପ୍ରମୁଖ ଘଟଣା

୧୮୩୫ ଫେବୃୟାରୀ ୧ରେ ମରିସସ୍‌ରେ କ୍ରୀତଦାସ ପ୍ରଥାର ବିଲୋପ ଘଟିଥିଲା। ମରିସସ୍ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ମରିସସ୍ ଭାବରେ ନାମିତ। ଏହା ଭାରତ ମହାସାଗରର ଏକ ଦ୍ୱୀପରାଷ୍ଟ୍ର। ମରିସସ୍‌ର ମୁଖ୍ୟ ଦ୍ୱୀପ ଆଫ୍ରିକା ମହାଦେଶର ଦକ୍ଷିଣ-ପୂର୍ବ ଉପକୂଳଠାରୁ ପାଖାପାଖି ୨,୦୦୦ କିଲୋମିଟର ଦୂରରେ ଅବସ୍ଥିତ। ରଡ୍ରିଗୁଏଜ୍, ଆଗାଲେଗା ଏବଂ ସେଣ୍ଟ ବ୍ରାଣ୍ଡନ୍ ଦ୍ୱୀପକୁ ନେଇ ମରିସସ୍ ରିପବ୍ଲିକ୍ ଗଠିତ।

୧୯୪୬ ଫେବୃୟାରୀ ୧ରେ ହଙ୍ଗେରୀରେ ରାଜତନ୍ତ୍ରର ବିଲୋପ ଘଟି ହଙ୍ଗେରୀ ସାଧାରଣତନ୍ତ୍ର ଘୋଷିତ ହୋଇଥିଲା। ୧୯୪୯ ଅଗଷ୍ଟ ୨୦ରେ ମଧ୍ୟ ହଙ୍ଗେରୀ ରିପବ୍ଲିକ୍‌କୁ ଭାଙ୍ଗିଦିଆଯାଇ ଏହା ବଦଳରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ହଙ୍ଗେରୀ ପ୍ରତିଷ୍ଠା କରାଗଲା।

## ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ

# ଆଶା ସଞ୍ଚାର କରିଛି 'ନ୍ୟୁ ଇଣ୍ଡିଆ'

ନୂଆଦିଲ୍ଲୀ,୩୧।୧(ପି.ଟି.)

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ଅନିଶ୍ଚିତତା ଦେଇ ଗତି କରୁଥିଲା। ନରେନ୍ଦ୍ର ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ 'ନ୍ୟୁ ଇଣ୍ଡିଆ' ବା 'ନୂଆ ଭାରତ' ଗଢ଼ିବା ପାଇଁ ସଂକଳ୍ପ ନେଲେ। ଏହା ଜନସାଧାରଣଙ୍କଠାରେ ନୂଆ ଆଶା ସଞ୍ଚାର କରିବା ସହ ବିଶ୍ୱାସ ଜନ୍ମାଇଛି। ସରକାରଙ୍କ ସାଢ଼େ ୪ ବର୍ଷର କାର୍ଯ୍ୟ ଦେଶରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ସହ ବିଦେଶରେ ଭାରତର ଛବିକୁ ଉଜ୍ଜ୍ୱଳ କରିଛି ବୋଲି ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଉଭୟ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଗୁଣଗାନ କରିଛନ୍ତି। ଆସନ୍ତା ଏପ୍ରିଲ-ମେ'ରେ ଲୋକ ସଭା ନିର୍ବାଚନ ଥିବାରୁ ମୋଦି ସରକାରଙ୍କ ରିପୋର୍ଟ କାର୍ଡ ଉପସ୍ଥାପନ କରି ରାଷ୍ଟ୍ରପତି କହିଛନ୍ତି,



ସରକାର ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ କାମ କରୁଛନ୍ତି। ମୁସଲମାନ ମହିଳାମାନେ ଯେପରି ନିର୍ଭୟରେ ଜୀବନ ବିତାଇବେ ସେଥିପାଇଁ ସେମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ତିନି ତଲାକ୍ ନିରୋଧୀ ବିଲ୍ ଗୃହୀତ କରାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ୨୧ କୋଟି ଗରିବ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ସୌଭାଗ୍ୟ ଯୋଜନାରେ ୨ କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ୯ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଅସ୍ୱଚ୍ଛଳ ସାଧାରଣ ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦% ସଂରକ୍ଷଣ ଦେଇ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କୃଷକଙ୍କ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସରକାର କାର୍ଯ୍ୟରତ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଇତିମଧ୍ୟରେ ସରକାର ୨୨ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦେଢ଼ଗୁଣା ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କେହି ଯେପରି ବାସହୀନ ନ ରହିବେ ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏସ୍‌ୱାଇ) ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ସାଢ଼େ ୪ ବର୍ଷରେ ୧.୩ କୋଟି ବାସଗୃହ ନିର୍ମାଣ କରାଯାଇଛି। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଭାରତର ଅଂଶ ୨୦୧୭ରେ ୩.୩%କୁ ବୃଦ୍ଧି ପାଇଛି, ଯାହାକି ୨୦୧୪ରେ ୨.୬% ଥିଲା। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଦେଶର ପ୍ରଥମ ମାନବ ମହାକାଶ ପ୍ରକଳ୍ପ 'ମିଶନ ଗଗନୟାନ' ପାଇଁ ଅକ୍ଳାନ୍ତ ଉଦ୍ୟମ ଚଳାଇଥିବାରୁ ସେମାନେ ପ୍ରଶଂସାର ପାତ୍ର। ବାୟୁସେନାର ଯୁଦ୍ଧ କ୍ଷମତା ବୃଦ୍ଧିକରିବା ଲାଗି ଏଥିରେ ଖୁବ୍‌ଶୀଘ୍ର ରାଫାଲ ଯୁଦ୍ଧବିମାନକୁ ସାମିଲ କରାଯିବ।

### ରାଷ୍ଟ୍ରପତିଙ୍କ ଅଭିଭାଷଣର ମୁଖ୍ୟାଂଶ

- ସରକାର ସବୁ ବର୍ଗର ଲୋକଙ୍କ ଆଶା ପୂରଣ ପାଇଁ କାମ କରୁଛନ୍ତି
- ସୌଭାଗ୍ୟ ଯୋଜନାରେ ୨ କୋଟି ପରିବାରକୁ ବିଦ୍ୟୁତ୍ ସଂଯୋଗ
- ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ୨୧ କୋଟି ଗରିବ ସାମିଲ
- ସ୍ୱଚ୍ଛ ଭାରତ ଅଭିଯାନରେ ୯ କୋଟି ଶୌଚାଳୟ ନିର୍ମାଣ କରାଯାଇଛି

## ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ,୩୧।୧(ପି.ଟି.)

ବଜେଟ ଅଧିବେଶନ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ବିରୋଧୀ ଉଠାଇବାକୁ ଥିବା ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ବଜେଟ ଅଧିବେଶନ ଆରମ୍ଭ ହୋଇଛି। ସର୍ବଦଳୀୟ ବୈଠକରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ଟିଏମ୍‌ସିର ଡେରେକ୍ ଓ' ବ୍ରାଏନ୍, ଆର୍‌ଜେଡିର ମିସା ଭାରତୀ, ଡିଏମ୍‌କେର କାନିମୋଝି, ଏନ୍‌ସିପିର ସୁପ୍ରିୟା ସୁଲେ ଏବଂ ସିପିଆଇର ଡି. ରାଜା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପିମାନେ ଲୋକଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଅଧିବେଶନକୁ ସଫଳ କରିବା ଲାଗି ଫଳପ୍ରଦ ବିତର୍କରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।



ବଜେଟ ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ଲୋକ ସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଭଳି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିଭାଷଣ ଦେଇଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗର୍ବିତ କରିବ।

**- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା**

## ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ମାମଲା

# ଦୁବାଇରୁ ସାକ୍ସେନା, ତଲୱାର ପ୍ରତ୍ୟର୍ପିତ

ନୂଆଦିଲ୍ଲୀ,୩୧।୧(ପି.ଟି.)

ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ସମ୍ପୃକ୍ତ ଦୁବାଇ ବ୍ୟବସାୟୀ ରାଜୀବ ଶମଶେର ବାହାଦୁର ସାକ୍ସେନା ଏବଂ କର୍ପୋରେଟ ଆଭିଏଶନ ଲବିଷ୍ଟ ଦୀପକ ତଲୱାରକୁ ୟୁଏଇ କର୍ତ୍ତୃପକ୍ଷ ଭାରତକୁ ପ୍ରତ୍ୟର୍ପଣ କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କୁ ଗିରଫ କରିଛି। ୩୬୦୦ କୋଟି ଟଙ୍କା ଭିଭିଆଇପି ହେଲିକପ୍ଟର ମନି ଲଣ୍ଡରିଂ ମାମଲାରେ ସାକ୍ସେନା ଓ ତଲୱାର ସମ୍ପୃକ୍ତ। ସେମାନଙ୍କୁ ବୁଧବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଣାଯାଇଥିଲା। ଗୁରୁବାର ଇଡି ସାକ୍ସେନାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ହାଜର କରାଇବା ପରେ ୪ ଦିନ ରିମାଣ୍ଡରେ ନେଇଛି। ଅଗୁଷ୍ଟା ଡିଲ ଲାଞ୍ଚ କାରବାରକୁ ଜାଲ୍ କାଗଜପତ୍ର ମାଧ୍ୟମରେ ସାକ୍ସେନା ସ୍ୱଚ୍ଛ କରିବାକୁ ଉଦ୍ୟମ କରିଥିଲେ ବୋଲି ଇଡି ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଏହି ଲାଞ୍ଚ ଟଙ୍କା ସାକ୍ସେନା ଏବଂ ଗୌତମ ଖୈତାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା କମ୍ପାନୀକୁ ଆସିଥିଲା। ଖୈତାନ ଏବେ ଇଡି ହାଜତରେ ରହିଛନ୍ତି। ଇଡି ତଲୱାରଙ୍କୁ ସ୍ୱତନ୍ତ୍ର ବିଚାରପତି ଏସ.ଏସ. ମାନ୍‌ଙ୍କ କୋର୍ଟରେ ହାଜର କରାଇ ୧୪ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଛି। ତାଙ୍କ ବିରୋଧରେ ୯୦.୭୨ କୋଟି ଟଙ୍କାର ବିଦେଶୀ ପାଣ୍ଠି ହେରଫେର, ଜାଲିଆତି ଏବଂ ଅପରାଧ ଷଡଯନ୍ତ୍ର ଅଭିଯୋଗରେ ଚାର୍ଜଶିଟ୍ କରାଯାଇଥିଲା। ଦୁର୍ନୀତି ମାମଲାରେ ଇଡି ଏବଂ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ଆୟକର ବିଭାଗ ପକ୍ଷରୁ ଟିକସ ଫାଙ୍କି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଅଗୁଷ୍ଟା ମାମଲାର ମଧ୍ୟସ୍ଥ ତଥା ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିଆନ ଜେମ୍ସ ମିଶେଲ୍‌ଙ୍କୁ ଦୁବାଇ ଗତ ଡିସେମ୍ବରରେ ଭାରତକୁ ପ୍ରତ୍ୟର୍ପଣ କରିଥିଲା।



ଦୀପକ ତଲୱାର ରାଜୀବ ସାକ୍ସେନା

## ଭିଜା ଜାଲିଆତି ମାମଲା

# ଆମେରିକାରେ ୮ ଭାରତୀୟ ଗିରଫ

ୱାଶିଂଟନ,୩୧।୧(ପି.ଟି.)

ଆମେରିକାରେ ଭିଜା ଜାଲିଆତି ଅଭିଯୋଗରେ ୮ ଭାରତୀୟଙ୍କୁ ଇମିଗ୍ରେଶନ୍ ଏବଂ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ବିଭାଗ (ଆଇସିଇ) ଗିରଫ କରିଛି। ଏମାନେ ଶହ ଶହ ବିଦେଶୀଙ୍କୁ ଛାତ୍ର ଭାବେ ଆମେରିକାରେ ରହିବା ଲାଗି ଜାଲ୍ କାଗଜପତ୍ର ଯୋଗାଇଦେଉଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ବାରାଥ କାକିରେଡ୍ଡୀ, ସୁରେଶ କାଣ୍ଡଲା, ଫଣିଦୀପ କର୍ନାଟି, ପ୍ରେମ ରାମପୀସା, ସନ୍ତୋଷ ସାମା, ଅବିନାଶ ଥକାଲ୍ଲାପାଲ୍ଲୀ, ଅଶ୍ୱନ୍ତ ନୁନେ ଏବଂ ନବୀନ ପ୍ରଥିପତି। ୬ ଜଣଙ୍କୁ ଡେଟ୍ରୋଏଟରୁ ଏବଂ ଦୁଇଜଣଙ୍କୁ ଭର୍ଜିନିଆ ଓ ଫ୍ଲୋରିଡାରୁ ଗିରଫ କରାଯାଇଛି। ଆମେରିକାର ଏକ ତଦନ୍ତକାରୀ ସଂସ୍ଥାର ରିପୋର୍ଟ ଅନୁଯାୟୀ ଅଭିଯୁକ୍ତମାନେ ୨୦୧୭ ଫେବୃୟାରୀରୁ ୨୦୧୯ ଜାନୁୟାରୀ ମଧ୍ୟରେ ଜାଲିଆତି କରି ଶହ ଶହ ବିଦେଶୀଙ୍କୁ ବେଆଇନ ଭାବେ ଆମେରିକାରେ ରହିବା ଏବଂ କାମ କରିବା ଲାଗି ଡେଟ୍ରୋଏଟ ପ୍ରାଇଭେଟ ଫାର୍ମିଙ୍ଗ୍‌ଟନ୍ ୟୁନିଭର୍ସିଟିରେ ପଞ୍ଜୀକୃତ କରାଉଥିଲେ। ମିଶିଗାନ୍‌ରେ ଥିବା ଏହି ଜାଲ୍ ୟୁନିଭର୍ସିଟି କେବଳ ୱେବ୍‌ସାଇଟରେ ଚାଲିଥିଲା, ଯାହା ବିଜ୍ଞାନ ଓ ବ୍ୟବସାୟ ପ୍ରଶାସନ ପାଠ୍ୟକ୍ରମ ଉପରେ ଶିକ୍ଷା ଦେଉଥିଲା ଏବଂ ପ୍ରତି ତିନିମାସରେ ୨୦୦୦ରୁ ୨୫୦୦ ଡଲାର ଟ୍ୟୁଶନ୍ ଫି ନେଉଥିଲା। ଏହି 'ପେ ଟୁ ଷ୍ଟେ' ଭିଜା ର୍ୟାକେଟ୍‌ର ପର୍ଦ୍ଦାଫାସ୍ ହେବା ପରେ ଏବେ ଇମିଗ୍ରେଶନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୬୦୦ ଭାରତୀୟ ଛାତ୍ରଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ଭାରତ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି।

### ୬୦୦ ଛାତ୍ର ଅଟକ

## ଫୁର୍‌ସତ

### ମା' ହେଲେ ଏକ୍ତା କପୁର



**ମୁମ୍ବାଇ:** ପ୍ରଯୋଜିକା ଏକ୍ତା କପୁର ସରୋଗେସି ମାଧ୍ୟମରେ ଲାଭକରିଥିବା ପ୍ରଥମ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ନିମ୍‌ରତ୍ କୌର ଏବଂ ହଂସଲ ମେହେତାଙ୍କ ଭଳି ବଲିଉଡ୍ ସେଲିବ୍ରିଟି ଏକ୍ତାଙ୍କ ମାତୃତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁମ୍ବାଇ ମିରର୍ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଜାନୁୟାରୀ ୨୭ରେ ଏକ୍ତା ମା' ହୋଇଛନ୍ତି। ଗୁରୁବାର ଏହି ଖବର ପ୍ରଚାରିତ ହେବା ମାତ୍ରେ ସେଲିବ୍ରିଟି ଓ ପ୍ରଶଂସକମାନେ ଟୁଇଟର ମାଧ୍ୟମରେ ଏକ୍ତାଙ୍କ ଜୀବନର ନୂଆ ଅଧ୍ୟାୟ ଲାଗି ଶୁଭେଚ୍ଛା ଜଣାଇଛନ୍ତି। ଫିଲ୍ମ ନିର୍ମାତା ହଂସଲ ମେହେତା ଟୁଇଟ୍ କରି ଜଣାଇଛନ୍ତି, ପ୍ରିୟତମ ଏକ୍ତା, ତୁମକୁ ବହୁତ ଭଲପାଇବା ଏବଂ ଅନେକ ଅଭିନନ୍ଦନ ଜଣାଉଛି। ତୁମ ମାତୃତ୍ୱକୁ ସ୍ୱାଗତ କରୁଛି ଏବଂ ସେଥିପାଇଁ ଆନନ୍ଦ ପ୍ରକାଶ କରୁଛି।

### ପଙ୍ଗ୍ ୱେଟ୍‌ଲ୍ୟାଣ୍ଡରେ ୧୦୦ ପ୍ରଜାତି ପକ୍ଷୀ

**ଶିମ୍‌ଲା:** ହିମାଚଳ ପ୍ରଦେଶର ପଙ୍ଗ୍ ଡ୍ୟାମ୍ ୱେଟଲ୍ୟାଣ୍ଡରେ ୧୦୦ ପ୍ରଜାତିର ହଜାର ହଜାର ପକ୍ଷୀଙ୍କ ସମାବେଶ ଦେଖିବାକୁ ମିଳୁଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧିପାଇଥିବା ହିମାଚଳ ପ୍ରଦେଶ ୱାଇଲ୍ଡଲାଇଫ୍ ୱିଙ୍ଗ୍ ପକ୍ଷରୁ ସୂଚନା ମିଳିଛି। ତନ୍ମଧ୍ୟରେ ସବୁଠୁ ଅଧିକ ସଂଖ୍ୟାରେ ଅଛନ୍ତି ବାର୍-ହେଡେଡ୍ ଗିଜ୍। ଏହା ଏକ ବିରଳ ପ୍ରଜାତିର ଶୀତକାଳୀନ ବିଦେଶୀ ପକ୍ଷୀ। ଦୁଇଦିନିଆ ପକ୍ଷୀଗଣନା କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ଏଠିକାର ପକ୍ଷୀ ସଂଖ୍ୟା ୧୧୫,୨୨୯ ବୋଲି ରେକର୍ଡ କରାଯାଇଛି। ପଙ୍ଗ୍ ଡ୍ୟାମ୍ ୱେଟ୍‌ଲ୍ୟାଣ୍ଡ ହେଉଛି ଉତ୍ତର ଭାରତର ସର୍ବବୃହତ୍ ମାନବ ତିଆରି ୱେଟ୍‌ଲ୍ୟାଣ୍ଡ ମଧ୍ୟରୁ ଅନ୍ୟତମ। ପକ୍ଷୀଗୁଡିକ ମଧ୍ୟରେ ୫୮ ପ୍ରଜାତିର ୧୦୪,୨୩୦ ବିଦେଶୀ ୱାଟର ଫାଉଲ୍, ୨୯ ପ୍ରଜାତିର ୧୦,୨୩୧ ଦେଶୀୟ ପକ୍ଷୀ ଏବଂ ସ୍ଥାନୀୟ ୧୬ ପ୍ରଜାତିର ୭୬୮ ପକ୍ଷୀ ଅଛନ୍ତି। ମୁଖ୍ୟ ପକ୍ଷୀ ପ୍ରଜାତି ମଧ୍ୟରେ ଗ୍ରେଟ କ୍ରିଷ୍ଟେଡ ଗ୍ରେବେ, ଗ୍ରେଲ୍ୟାଗ୍ ଗୁଜ୍, ରେଡ୍ କ୍ରେଷ୍ଟେଡ ପୋଚାର୍ଡ, ଫେରୁଜିନସ୍ ପୋଚାର୍ଡ, କମନ୍ ମେର୍ଗାନସର, ୟୁରେସିଆନ୍ ସ୍ପୁନ୍‌ବିଲ୍, କର୍ଲ୍ୟୁ ସ୍ୟାଣ୍ଡପାଇପର୍ସ ଏବଂ ଲଙ୍ଗ୍ ବିଲ୍‌ଡ ପିପିଟ୍ସ।

ପଙ୍ଗ୍ ୱେଟ୍‌ଲ୍ୟାଣ୍ଡ ୧୮ ହଜାର ହେକ୍ଟର ଅଞ୍ଚଳକୁ ନେଇ ଗଠିତ। ମୌସୁମୀ ଋତୁରେ ପାଖାପାଖି ୩୦,୦୦୦ ହେକ୍ଟର ପର୍ଯ୍ୟନ୍ତ ସମ୍ପ୍ରସାରିତ ଅଞ୍ଚଳରେ ପକ୍ଷୀ ସମାଗମ ହେଉଥିବା ଲକ୍ଷ୍ୟ କରାଯାଏ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୯.୪ |
| ଚାନ୍ଦବାଲି | ୨୬.୦ | ୧୧.୩ |
| କଟକ | ୨୭.୬ | ୧୦.୨ |
| ପାରାଦ୍ୱୀପ | ୨୫.୫ | ୧୩.୦ |
| ଭୁବନେଶ୍ୱର | ୨୮.୭ | ୧୦.୪ |
| ଗୋପାଳପୁର | ୨୭.୨ | ୧୩.୭ |
| ପୁରୀ | ୨୬.୨ | ୧୩.୪ |
| ଅନୁଗୋଳ | ୨୮.୭ | ୬.୦ |
| ବାରିପଦା | ୨୫.୨ | ୯.୦ |
| ଝାରସୁଗୁଡ଼ା | ୨୭.୧ | ୮.୧ |
| କେନ୍ଦୁଝର | ୨୫.୦ | ୭.୮ |
| ସମ୍ବଲପୁର | ୨୮.୮ | ୮.୫ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୨୬.୩ | ୧୦.୪ |
| ତାଳଚେର | ୩୧.୧ | ୯.୫ |
| ଭବାନୀପାଟଣା | ୨୯.୦ | ୮.୦ |
| ବଲାଙ୍ଗୀର | ୨୮.୦ | ୭.୪ |
| କୋରାପୁଟ | ୨୬.୦ | ୮.୬ |
| ଫୁଲବାଣୀ | --- | ୬.୮ |
| ଟିଟିଲାଗଡ଼ | --- | ୭.୫ |
| ମାଲକାନଗିରି | ୩୦.୮ | ୯.୦ |
| ସୋନପୁର | ୨୭.୦ | ୬.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### 'ମାମି'ର ଅଧ୍ୟକ୍ଷା ହେଲେ ଦୀପିକା

**ମୁମ୍ବାଇ:** ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇ ଏକାଡେମୀ ଅଫ୍ ମୁଭିଂ ଇମେଜ୍ (ଏମ୍‌ଏଏମ୍‌ଆଇ)ର ଅଧ୍ୟକ୍ଷା ପଦ ଅଳଙ୍କୃତ କରିଛନ୍ତି। ତାଙ୍କ ପୂର୍ବରୁ ଏହି ପଦରେ ଆସୀନ ଥିଲେ ପ୍ରଯୋଜିକା କିରନ୍ ରାଓ। ଉକ୍ତ ଅନୁଷ୍ଠାନ ବଲିଉଡ୍ ଷ୍ଟାରଙ୍କୁ ନେଇ ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ୍ ଆୟୋଜନ କରେ। କିରନ୍ ରାଓ ଏକ ଫିଲ୍ମ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଥିବାରୁ ଏହି ପଦବୀ ଛାଡିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ପଦବୀ ଲାଗି ଅନେକଙ୍କ ନାଁ ସମ୍ମୁଖକୁ ଆସିଥିଲା। ତେବେ ଦୀପିକା ପାଦୁକୋନ୍ ଏଥିପାଇଁ ଯୋଗ୍ୟ ବୋଲି ପ୍ରତ୍ୟେକେ ଅନୁଭବ କରିଥିଲେ। ସେ ମଧ୍ୟ ଜଣେ ଚମତ୍କାର କଳାକାର। ଏଥିସହିତ ସେ ଜଣେ ପ୍ରଯୋଜିକା। ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ ନିର୍ଦ୍ଦେଶକ ଅନୁପମା ଚୋପ୍ରା କହନ୍ତି, ସେ ମାମିର ଜଣେ ସଦସ୍ୟା। ବୋର୍ଡରେ କିଛିବର୍ଷ ହେଲା ରହିବା ସହିତ ସେ ଖୁବ୍ ସାହାଯ୍ୟକାରୀ। ତେଣୁ ତାଙ୍କୁ ଏହି ପଦବୀ ଲାଗି ଅନୁରୋଧ କରିବାରୁ ସେ ସମ୍ମତି ପ୍ରକାଶ କରିଥିଲେ। ଏକ ଅଣଲାଭକାରୀ ଅନୁଷ୍ଠାନ ମାମି ବୋର୍ଡ ସଦସ୍ୟଙ୍କ ଦ୍ୱାରା ଦୀପିକାଙ୍କୁ ଚୟନ କରାଯାଇଛି। ୧୯୯୭ରେ ଏହା ପ୍ରତିଷ୍ଠା କରାଯାଇଥିଲା। ଏହି ବୋର୍ଡର ସଦସ୍ୟ ଅଛନ୍ତି ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ରଏ କପୁର, ରୋହନ ସିପି, ଜୋୟା ଅଖ୍‌ତର, କିରନ ରାଓ, ବିକ୍ରମାଦିତ୍ୟ ମତ୍ୱାନେ। 'ପଦ୍ମାବତ'ର ମୁଖ୍ୟ ଅଭିନେତ୍ରୀ ଦୀପିକା ମେଘନା ଗୁଲ୍‌ଜାରଙ୍କ ଆଗାମୀ ଫିଲ୍ମ 'ଛପକ୍'ରେ ଏସିଡ ଆକ୍ରମଣରୁ ବର୍ତ୍ତିଯାଇଥିବା ଲକ୍ଷ୍ମୀ ଅଗ୍ରୱାଲ ଭୂମିକାରେ ଅଭିନୟ କରିଛନ୍ତି। ସେ ପ୍ରଥମ କରି ଉକ୍ତ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି।



### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ
- ଜର୍ଜ ବର୍ଣ୍ଣାର୍ଡ ଶ'

## ସଂକ୍ଷେପରେ

### ମନ୍ତ୍ରୀସ୍ତରୀୟ କମିଟି ଗଠିତ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ବିଭିନ୍ନ ସଂଘ ଓ ସଂସ୍ଥାଗୁଡ଼ିକ ସମସ୍ୟା ସମ୍ପର୍କିତ ଆଲୋଚନା ଏବଂ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗୁରୁବାର ଏହି ସୂଚନା ଗଣମାଧ୍ୟମକୁ ପ୍ରଦାନ କରାଯାଇଛି। ଏହି କମିଟିରେ ଅର୍ଥ ମନ୍ତ୍ରୀ, ଅବକାରୀ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ସଦସ୍ୟ ଭାବେ କାର୍ଯ୍ୟ କରିବେ।

### ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ବାଙ୍ଗିରିପୋଷି, ୩୧।୧ (ଡି.ଏନ.ଏ.)-** ବାରିପଦାଠାରେ ମିଶନ ଶକ୍ତି ପକ୍ଷରୁ ବୁଧବାର ଅନୁଷ୍ଠିତ ମହିଳା ସମାବେଶରେ ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହି ସମାବେଶରେ ଜିଲାର ବିଭିନ୍ନ ଅଞ୍ଚଳରୁ ଏସ୍‌ଏଚ୍‌ଜି ମହିଳା ଯୋଗ ଦେଇଥିଲେ। ଏଥିରେ ବାଙ୍ଗିରିପୋଷି ବ୍ଲକରୁ ବହୁ ମହିଳା ମଧ୍ୟ ସାମିଲ ହୋଇଥିଲେ। ସମାବେଶରେ ରନ୍ଧା ଯାଇଥିବା ଖାଦ୍ୟ ଖାଇ ବାଙ୍ଗିରିପୋଷି ବ୍ଲକ ଧୋବଣିଶୋଳ ପଞ୍ଚାୟତର ମହିଳାମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ୧୧ ମାସ ପରେ ବି ଭୟ ତୁଟିନି

**ବଲାଙ୍ଗୀର ଅଫିସ/ପାଟଣାଗଡ/ ଘଣ୍ଟାପଡା, ୩୧।୧ (ଡି.ଏନ୍.ଏ.)**

- ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଲାଗିଛି ସିସିଟିଭି
- ହଟାଯାଇଛି ସୁରକ୍ଷା କର୍ମୀ
- ମୋବାଇଲ ଫୋନ୍‌ରେ ଆସିଥିଲା ହତ୍ୟା ଧମକ

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ବର୍ଷେ ପୂରିବାକୁ ଆଉ ମାତ୍ର ୨୨ଦିନ ବାକି ରହିଛି । ଇତିମଧ୍ୟରେ ୧୧ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ବି ଏହି ବୋମା ବିସ୍ଫୋରଣର ଆତଙ୍କ ଏବେବି ଦୂର ହୋଇନାହିଁ । ପୀଡିତ ପରିବାର ଆଜିବି ଭୟ ଓ ଆତଙ୍କ ଭିତରେ ରହିଛନ୍ତି । ପାର୍ସଲ ବୋମା ବିସ୍ଫୋରଣ ଘଟଣା ପରେ ପୀଡିତ ପରିବାରକୁ ପୋଲିସ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁରକ୍ଷାକର୍ମୀଙ୍କ ପହରା ବ୍ୟବସ୍ଥାକୁ ଇତିମଧ୍ୟରେ ହଟାଇ ଦିଆଯାଇଛି। ଏହା ବଦଳରେ ପୀଡିତ ସାହୁ ପରିବାରଙ୍କ ଘରେ ସିସିଟିଭି ଲଗାଯାଇଛି । ଗତବର୍ଷ ଫେବୃୟାରୀ ୨୩ ତାରିଖ ଦିନ ପ୍ରାୟ ୧୨ଟାରେ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣ ଘଟଣାରେ ଅଧ୍ୟାପକ ରବିନ୍ଦ୍ର ସାହୁଙ୍କ ନବବିବାହିତ ପୁଅ ସୌମ୍ୟଶେଖର ସାହୁ ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ନବବିବାହିତ ରିମା ସାହୁ ଗୁରୁତର ଆହତ ହୋଇ ଦୀର୍ଘଦିନ ଚିକିତ୍ସାଧିନ ରହିଥିଲେ ।



ସୌମ୍ୟଶେଖର ଓ ରିମାଙ୍କ ବିବାହ ସମୟର ଫଟୋ ।

ଏହି ବହୁପ୍ରତୀକ୍ଷିତ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ନିଷ୍କର୍ଷ କ'ଣ ହେବ ତାକୁ ନେଇ ସାଧାରଣରେ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି । ମୃତ ସୌମ୍ୟଶେଖରଙ୍କ ମା' ଅଧ୍ୟାପିକା ସଞ୍ଜୁକ୍ତା ସାହୁ ଗୁରୁବାର କ୍ରାଇମବ୍ରାଞ୍ଚର ଫାଇନାଲ ଚାର୍ଜଶିଟ୍ ଦାଖଲ ପରେ ବିଚାର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ ଓ ଦୋଷୀକୁ ଶୀଘ୍ର ଦଣ୍ଡ ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ମୃତ ସୌମ୍ୟଙ୍କ ସ୍ତ୍ରୀ ରିମା ମଧ୍ୟ ଅନୁରୂପ ଆଶା କରି ତୁରନ୍ତ ଦୋଷୀକୁ ଫାଶୀ ଦିଆଯାଉ ବୋଲି ଦାବି କରିଛନ୍ତି । ଯିଏ ତାଙ୍କର ସଂସାର ଉଜାଡି ଦେଇଛି ତାକୁ କଠୋରରୁ କଠୋର ଦଣ୍ଡ ମିଳୁ ବୋଲି ସେ କହିଛନ୍ତି । କିଛିଦିନ ହେଲା ରିମା ତାଙ୍କ ବାପଘର ବୌଦ୍ଧ ଜିଲା ଘଣ୍ଟାପଡାକୁ ଆସିଛନ୍ତି । ଗୁରୁବାର ଚାର୍ଜଶିଟ୍ ଦାଖଲ ଖବର ପାଇବା ପରେ କୋହଭରା କଣ୍ଠରେ ଉପରୋକ୍ତ ସୂଚନା ଦେଇଥିଲେ ।

### ସଂଯୁକ୍ତାଙ୍କ ଫୋନ୍‌କୁ ହତ୍ୟା ଧମକ ମେସେଜ୍ ଆସିଥିଲା

ପାର୍ସଲ ବୋମା ବିସ୍ଫୋରଣରେ ମୃତ ସୌମ୍ୟଙ୍କ ମା'ଙ୍କ ମୋବାଇଲ ଫୋନ୍‌କୁ ଗତ ଏପ୍ରିଲ ମାସରେ ଏକ ହତ୍ୟା ଧମକ ଲେଖାଥିବା ମ୍ୟାସେଜ୍ ଆସିଥିଲା । ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଗିରଫ ହୋଇ ଜେଲରେ ଥିବା ସତ୍ତ୍ୱେ ଏକ ଅଜଣା ନମ୍ବରରୁ ପରିବାର ସଦସ୍ୟଙ୍କୁ ହତ୍ୟା କରିବି ଲେଖାଥିବା ମ୍ୟାସେଜ ଆସିବା ପରେ ସଞ୍ଜୁକ୍ତା ଓ ରବୀନ୍ଦ୍ର ସାହୁ ପୋଲିସ ଓ କ୍ରାଇମବ୍ରାଞ୍ଚର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ତଦନ୍ତ କରାଯାଇଥିଲା ଓ ଏଥିରେ ଭୟଭୀତ ନ ହେବାକୁ ସାହୁ ଦମ୍ପତିଙ୍କୁ କୁହାଯାଇଥିଲା । ତେବେ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ୧୧ମାସ ବିତିଯାଇଥିଲେ ମଧ୍ୟ ଭୟ ଓ ଆତଙ୍କ ଦୂର ହୋଇନାହିଁ ବୋଲି ସଞ୍ଜୁକ୍ତା ଗଣମାଧ୍ୟମକୁ କହିଛନ୍ତି । ଏବେ କୋର୍ଟ ବନ୍ଦ ରହିଥିବାରୁ ବିଚାର ପ୍ରକ୍ରିୟା ବିଳମ୍ବିତ ହେବା ଆଶଙ୍କା କରି ଏହି ଘଟଣାକୁ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରି କୋର୍ଟ ତୁରନ୍ତ ବିଚାର ପ୍ରକ୍ରିୟା ଆରମ୍ଭ କରୁ ବୋଲି ସାହୁ ଅନୁରୋଧ କରିଛନ୍ତି ।

# ଜଙ୍ଗଲ ଜମିରୁ ହଟ୍‌ମିକ୍ସ ପ୍ଲାଣ୍ଟ ହଟିଲା : କମ୍ପାନୀକୁ ଏନ୍‌ଜିଟି ଝଟକା

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

ଜଙ୍ଗଲ କିସମ ଜମିରେ ବିନା ଅନୁମତିରେ ପ୍ରତିଷ୍ଠା ହୋଇଥିବା ଏକ ହଟମିକ୍ସ ପ୍ଲାଣ୍ଟ ସ୍ଥାନାନ୍ତର ହୋଇଛି । ସ୍ଥାନୀୟ କେତେକ ଗ୍ରାମବାସୀ କୋଲକାତାସ୍ଥିତ ପୂର୍ବାଞ୍ଚଳ ଜାତୀୟ ସବୁଜ ପ୍ରାଧିକରଣ ଅଧୀନରେ ଅଭିଯୋଗ କରିଥିଲେ। ୪୯ ନମ୍ବର ଜାତୀୟ ରାଜପଥର ଚାରିଲେନ କାର୍ଯ୍ୟ ନେଇଥିବା ମଣ୍ଟେକାର୍ଲୋ କମ୍ପାନୀର ବାୟାପଣ୍ଡାଦରସ୍ଥିତ ରାଜସ୍ୱ ବିଭାଗ ଅଧୀନରେ ଉକ୍ତ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଥିଲା। ଅଭିଯୋଗକୁ ଆଧାର କରି ଗ୍ରୀନ ଟ୍ରିବ୍ୟୁନାଲରେ ୩୮/୨୦୧୮ରେ ମାମଲା ରୁଜୁ ହୋଇଥିଲା। ଏନଜିଟିର ଜଷ୍ଟିସ୍ ଏସ.ପି. ୱାଙ୍ଗଡି ଓ ଡକ୍ଟର ନାଗିନ ନନ୍ଦାଙ୍କ ଦ୍ୱାରା ଗଠିତ ବେଞ୍ଚ ଉକ୍ତ ମାମଲାର ଶୁଣାଣି କରି ୧ ମାସ ମଧ୍ୟରେ ରାଜସ୍ୱ ଜଙ୍ଗଲ ଜମିରୁ ହଟମିକ୍ସ ପ୍ଲାଣ୍ଟ ସ୍ଥାନାନ୍ତର କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ପରେ ବାଂଶପାଳ ତହସିଲଦାର ୧ ମାସ ମଧ୍ୟରେ ଉକ୍ତ ସ୍ଥାନରୁ ପ୍ଲାଣ୍ଟ ହଟାଇବାକୁ ମଣ୍ଟେକାର୍ଲୋ କମ୍ପାନୀକୁ ଚିଠି ନମ୍ବର ୫୦/୮ ଜାନୁୟାରୀ ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଜିଟିର ନିର୍ଦ୍ଦେଶ ପରେ ବାୟାପଣ୍ଡାଦର ମୌଜାର ପ୍ଲଟ ନଂ ୧୯୮, ଖାତା ନଂ ୧୨୩ରୁ ମଣ୍ଟେକାର୍ଲୋ ଠିକା ସଂସ୍ଥା ପ୍ରତିଷ୍ଠା କରିଥିବା ହଟମିକ୍ସ ପ୍ଲାଣ୍ଟ ହଟାଇ ନେଇ ସ୍ଥାନାନ୍ତରିତ କରିଥିବା ତହସିଲ ପକ୍ଷରୁ ଜଣାପଡିଛି। ଅନିୟମିତତା ନେଇ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମାମଲା ଏନ୍‌ଜିଟିକୁ ଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳିକା ଯୋଗୀ ମୁଣ୍ଡରେ ଜଟ**
**କଥା କହୁଛି ଫଟ ଫଟ ।**

କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କର ସାମାନ୍ୟ ଅଭିଜ୍ଞତା ଥାଉ କି ନ ଥାଉ ସେମାନେ କିନ୍ତୁ ଅଯଥାରେ ପାହାଡ଼ ତୋଡ଼ ଭଳି କଥା କହି ଅନ୍ୟକୁ ପ୍ରଭାବିତ କରିଚାଲନ୍ତି। ସତେ ଯେମିତି ସବୁକଥା ବା ବିଷୟରେ ତାଙ୍କର ବେଶି ଅଭିଜ୍ଞତା ଅଛି ଓ ସବୁ ଜାଣିଛନ୍ତି। ନିଜର ପ୍ରକୃତ ଜ୍ଞାନ ଦକ୍ଷତା ଅପେକ୍ଷା ବେଶି ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଳୀ ମାଈଁ,**
**ଘଷି ମାଜିଲେ କି ଗୋରୀ ହୁଅଇ ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହରୁ ଯେତେ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ମଧ୍ୟ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଖାଇବା ପାଇଁ ଜମେ ଭିଡ଼

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

କେନ୍ଦୁଝର ସହର ଜୁଡିଆ ନିକଟ ବୈଦରାଜପୁର ସାହି ଛକରେ ଥିବା ବୁଟୁରୁ କାଲା ହୋଟେଲରେ ଖାଇବା ପାଇଁ ସମସ୍ତେ ପସନ୍ଦ କରନ୍ତି। ସୁସ୍ୱାଦୁ ଖାସି ମାଂସ ଓ ଭାତ ମିଲ୍ ପାଇଁ ପରିଚିତ ରହିଛି। ଜିଲା ଓ ଜିଲା ବାହାର ଲୋକ ଏଠାକୁ ଆସି ଖାଇଥାନ୍ତି ବୋଲି ହୋଟଲର ମାଲିକ ରାଜ କିଶୋର ନାୟକ କହିଛନ୍ତି। ରାଜ କିଶୋରଙ୍କ ବୟସ ୬୨ ହେବ। ତାଙ୍କ ଘର ସ୍ଥାନୀୟ ପୁରୁଣା ସହର ବୈଦରାଜପୁର ସାହିରେ। ହୋଟେଲର ନାମକୁ ନେଇ ସମସ୍ତେ ଆଲୋଚନା କରିଥାନ୍ତି। ପିଲାଦିନରେ ବାପା ସ୍ନେହରେ ତାଙ୍କୁ ବୁଟୁରୁ ଡାକୁଥିଲେ। ସେହି ଡାକ ନାମରେ ବୁଟୁରୁ ବୋଲି ସମସ୍ତେ ଜାଣନ୍ତି। ତାଙ୍କର ଗୋଟିଏ କାନକୁ କମ ଶୁଭେ। ସମସ୍ତେ ସ୍ନେହରେ ବୁଟୁରୁ କାଲା ବୋଲି ଡାକନ୍ତି। ଏହି ନାମରେ ତାଙ୍କ ହୋଟେଲ ସବୁଠି ପରିଚିତ ହୋଇଯାଇଛି।

ଦିନେ ସେ ଚାଉଳ ବ୍ୟବସାୟ କରୁଥିଲେ। ସାନ ପୁଅ ଜନ୍ମ ହେବା ପରେ ଏକ ଜଳଖିଆ ଦୋକାନ ଉକ୍ତ ସ୍ଥାନରେ କରି ପରିବାର ଚଳାଉଥିଲେ। ତାଙ୍କ ସ୍ତ୍ରୀ ବିରି ବାଟିବା କାମ କରୁଥିଲେ। ୨ ପୁଅକୁ ନେଇ ପରିବାର ଚଳାଉଥିଲେ। ୧୫ ବର୍ଷ ଜଳଖିଆ ଦୋକାନ କରିବା ପରେ ତାଙ୍କର ଜଣେ ଭଣଜାଙ୍କ ପରାମର୍ଶରେ ଏହି ହୋଟେଲ କରିଥିଲେ। ପ୍ରଥମେ ଖାସି ମାଂସର ଭାତ ମିଲ୍ ଆରମ୍ଭ କଲେ। ବହୁ ଲୋକାଦୃତ ହେଲା। ଏହାର କଳେବର ବୃଦ୍ଧି ପାଇବାରେ ଲାଗିଲା। ୪୦ ଟଙ୍କାର ଖାସି ମାଂସ ମିଲ ଏବେ ୧୩୦ ଟଙ୍କାରେ ପହଞ୍ଚିଲାଣି। ତଥାପି କମ ଦାମରେ ଏଭଳି ସୁସ୍ୱାଦୁ ମିଲ ଖାଇବାକୁ ଭିଡ଼ ଜମେ। ରାଜକିଶୋର କୁହନ୍ତି ଯେ, ପଇସା ନୁହେଁ, ଶାନ୍ତିରେ ଲୋକଙ୍କୁ ଖାଇବା ଦେବା ମୂଳ ଉଦ୍ଦେଶ୍ୟ। ୨ ପୁଅ ମିତ ଓ ସସ୍ମିତ ସହାୟତା କରିଥାନ୍ତି। ୧୨ ଜଣ ଯୁବକଙ୍କୁ ହୋଟେଲରେ କର୍ମ ନିଯୁକ୍ତି ଦିଆଯାଇଛି। ବାପା ପରିବହନ ବିଭାଗରେ ଡ୍ରାଇଭର ଥିଲେ। ପରିଶ୍ରମ କରି ପରିବାର ଚଳାଇବା ଆଶା ରଖି ଉକ୍ତ ହୋଟେଲ ଚଳାଇଥିଲେ। ଚାଳିଆ ହୋଟେଲରେ ଏକାଥରକେ ୭୦ ଜଣ ଲୋକ ଖାଇବା ଭଳି ବ୍ୟବସ୍ଥା ରହିଛି। ଦୈନିକ ପାଖାପାଖି ୫୦୦ ଲୋକ କେବଳ ଦିନବେଳା ଖାଇଥାନ୍ତି। ଭାତ ମାଂସ ବ୍ୟତୀତ ଲୋକଙ୍କ ଆଗ୍ରହକୁ ଦେଖି ମାଛ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ୫୦୦ ଟଙ୍କାରେ ଆରମ୍ଭ କରିଥିବା ଦୋକାନ ଏବେ ଦୈନିକ ପାଖାପାଖି ୬ ହଜାରରୁ ଅଧିକ ବ୍ୟବସାୟ ହେଉଛି।



ହୋଟେଲରେ ରାଜକିଶୋର।

# କେଜରିୱାଲଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଲେ ବିଜେଡି, ଭାଜପା, କଂଗ୍ରେସ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

- ଏଏପିରେ ଦଳୀୟ ଶୃଙ୍ଖଳା ନାହିଁ: ପ୍ରଶାନ୍ତ
- ଭାଜପା ମୁଖ୍ୟ ବିରୋଧୀ: ପୃଥ୍ୱୀରାଜ
- ଲୋକାୟୁକ୍ତ ପ୍ରସଙ୍ଗରେ ଚୁପ୍ କାହିଁକି: ସତ୍ୟପ୍ରକାଶ

ନିୟମିତ ଅଧିନାୟକ ବିରାଟ କୋହଲି ଓ ଆହତ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ସାଂଘାତିକ ଭାବେ ଫେଲ୍ ମାରିଛି। ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତ ପ୍ରଥମ ୩ଟି ମ୍ୟାଚ୍ ଜିତି ୩–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଥିଲେ ମଧ ଚତୁର୍ଥ ଦିନିକିଆରେ ଘରୋଇ ଦଳଠାରୁ ଲଜ୍ଜାଜନକ ଭାବେ ୮ ଉଇକେଟରେ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ଭାରତ ୩–୧ରେ ଅଗ୍ରଣୀ ବଜାୟ ରଖିଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ନ୍ୟୁଜିଲାଣ୍ଡ ବୋଲରମାନେ ଭାରତୀୟ ଦୃଢ ବ୍ୟାଟିଂ ଲାଇନର ବିପର୍ଯ୍ୟୟ ଘଟାଇଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୩୦.୫ ଓଭରରେ ମାତ୍ର ୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ୧୪.୪ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ୧୦ ଓଭର ବୋଲିଂ କରି ୪ ମେଡେନ ନେବା ସହ ମାତ୍ର ୨୧ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ନେଇ ଭାରତୀୟ ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତ କରିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅଧିନାୟକ ରୋହିତ ଶର୍ମା ଏହି ଦିନିକିଆରେ ୨୦୦ତମ ମ୍ୟାଚ୍ ଖେଳିଥିଲେ। ତେବେ ଏହା ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଭାରତ ସର୍ବାଧିକ ବଲ (୨୧୨) ବାକି ଥାଇ ପରାଜୟ ବରଣ କରିବାରେ ଶୀର୍ଷରେ ରହି ଏକ ଅଲୋଡା ରେକର୍ଡ ସୃଷ୍ଟି କରିଛି। ରବିବାର ୱେଲିଂଟନର ୱେଷ୍ଟପାକ୍ ଷ୍ଟାଡିୟମରେ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଅବଶ୍ୟ ଭଲ ଆରମ୍ଭ କରିବାକୁ ପ୍ରୟାସ କରିଥିଲା। ଦଳର ସ୍କୋର ୨୧ ରନ ଥିବା ବେଳେ ଶିଖର ଧାୱନଙ୍କ ରୂପେ ପ୍ରଥମ ଉଇକେଟର ପତନ ହୋଇଥିଲା। ତେବେ ଏହା ପରେ ଭାରତୀୟ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା। ଭାରତର ୪ ବ୍ୟାଟ୍ସମ୍ୟାନଙ୍କ ବାଦ୍ ଦେଲେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦ୍ରୁତ ଗତିରେ ବଲ୍ ପଡିବା ସହ ସୁଇଙ୍ଗ୍ ହୋଇଥିଲା। ପୁଣି ବେପରୁଆ ଶଟ୍ ଖେଳି ଭାରତୀୟ ବ୍ୟାଟ୍ସମ୍ୟାନ ଜଣକ ପରେ ଜଣେ ପ୍ୟାଭିଲିୟନ ଫେରିଥିଲେ। ଧାୱନ ୧୩ ରନ କରି ଆଉଟ ହେବା ପରେ କାମଚଳା ଅଧନାୟକ ରୋହିତ ଶର୍ମା ୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦୁଇ ଓପନର ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଦୁଇ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ଗୋଟିଏ ଓଭରରେ ଆଉଟ ହୋଇଥିଲେ। ଏହାପରେ ପାଳି ପଡିଥିଲା ଦିନିକିଆ ପଦାର୍ପଣ କରିଥିବା ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍‌ଙ୍କର। ଖାସ୍ କିଛି କରି ନ ପାରି ସେ ୯ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ସେ ୨୧ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ମାରିଥିଲେ। ଉପଯୋଗୀ ବ୍ୟାଟିଂ କରିଆସୁଥିବା କେଦାର ଯାଦବ ମଧ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଭୁବନେଶ୍ୱର କୁମାର ୧ ରନ କରିଥିବା ବେଳେ ଗ୍ରାଣ୍ଡହୋମଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ଚୌକା ସହ ଦ୍ରୁତ ୧୬ ରନ କରି ଉଇକେଟକିପର ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ବୋଲ୍ଟଙ୍କ ଅନ୍ତିମ ତଥା ପଞ୍ଚମ ଶିକାର ହୋଇଥିଲେ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ନବମ ଉଇକେଟ ଯୋଡିରେ ୨୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ କୁଲଦୀପ ୧୫ ରନ କରିଥିବା ବେଳେ ଟୋଡ ଆସ୍‌ଲେଙ୍କ ବଲ୍‌ରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ଅନ୍ତିମ ଉଇକେଟ ଭାବେ ଖଲିଲ ଅହମ୍ମଦ ୫ ରନ କରିଥିବା ବେଳେ ଜେମ୍ସ ନିଶାମଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଚହଲ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ବୋଲ୍ଟଙ୍କ ୫ ଉଇକେଟ ସଫଳତାକୁ ବାଦ୍ ଦେଲେ ଗ୍ରାଣ୍ଡହୋମ ୩, ଆସଲେ ଓ ନିଶାମ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

୯୩ ରନର ଛୋଟିଆ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଅତି ସହଜରେ ବିଜୟ ହାସଲ କରି ନେଇଥିଲା। ଓପନର ମାର୍ଟିନ ଗୁପ୍ଟିଲ ୧୪ ଓ ଅଧିନାୟକ କେନ୍ ୱିଲିୟମସନ ୧୧ ରନ କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ହେନେରୀ ନିକୋଲ୍ସ ଓ ରସ୍ ଟେଲର ଯଥାକ୍ରମେ ୩୦ ଓ ୩୭ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ।



୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ।

**ସଂକ୍ଷିପ୍ତ ସ୍କୋର**

ଭାରତ ୩୦.୫ ଓଭରରେ ୯୨ ଅଲଆଉଟ (ଚହଲ- ୧୮*, ପାଣ୍ଡ୍ୟା- ୧୬, କୁଲଦୀପ- ୧୫, ଧାୱନ- ୧୩, ବୋଲ୍ଟ- ୫/୨୧, ଗ୍ରାଣ୍ଡହୋମ- ୩/୨୬)।
ନ୍ୟୁଜିଲାଣ୍ଡ ୧୪.୪ ଓଭରରେ ୯୩/୨ (ଟେଲର- ୩୭*, ନିକୋଲ୍ସ- ୩୦*, ଭୁବନେଶ୍ୱର- ୨/୨୫)।

**ଦିନିକିଆରେ ଭାରତର ସର୍ବନିମ୍ନ ଦଳଗତ ସ୍କୋର**

| ସ୍କୋର | ଓଭର | ରନ୍‌ରେଟ୍ | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|---|
| ୫୪ | ୨୬.୩ | ୨.୦୩ | ଶ୍ରୀଲଙ୍କା | ଶାରଜା | ୨୦୦୦ |
| ୬୩ | ୨୫.୫ | ୨.୪୩ | ଅଷ୍ଟ୍ରେଲିଆ | ସିଡ୍‌ନୀ | ୧୯୮୧ |
| ୭୮ | ୨୪.୧ | ୩.୨୨ | ଶ୍ରୀଲଙ୍କା | କାନପୁର | ୧୯୮୬ |
| ୭୯ | ୩୪.୨ | ୨.୩୦ | ପାକିସ୍ତାନ | ସିଆଲକୋଟ | ୧୯୭୮ |
| ୮୮ | ୨୯.୩ | ୨.୯୮ | ନ୍ୟୁଜିଲାଣ୍ଡ | ଡାମ୍ବୁଲା | ୨୦୧୦ |
| ୯୧ | ୨୯.୧ | ୩.୧୨ | ଦ.ଆଫ୍ରିକା | ଡର୍ବାନ | ୨୦୦୬ |
| ୯୨ | ୩୦.୫ | ୨.୯୮ | ନ୍ୟୁଜିଲାଣ୍ଡ | ହାମିଲଟନ୍ | ୨୦୧୯ |

## ଇଂଲଣ୍ଡ ଲାୟନ୍ସ ଜିତିଲା

ଥିରୁଭାନନ୍ତପୁରମ, ୩୧।୧(ପି.ଟି.)

ବେନ୍ ଡକେଟ୍‌ଙ୍କ ଅପରାଜିତ ୭୦ରନ (୧୦ ଚୌକା ଓ ୧ ଛକା) ସହାୟତାରେ ଇଂଲଣ୍ଡ ଲାୟନ୍ସ ଏଠାରେ ଗୁରୁବାର ଖେଳାଯାଇଥିବା ୫ମ ତଥା ଅନ୍ତିମ ଅନ୍ ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ଏ'କୁ ୧ ଉଇକେଟରେ ପରାସ୍ତ କରିଛି। ଦଳ ଏହାଦ୍ୱାରା ଭାରତ ଏ'କୁ କ୍ଲିନ୍ ସୁଇପ୍ ବିଜୟରୁ ବଞ୍ଚିତ କରିପାରିଛି। ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲୋ ସ୍କୋରିଂ ମ୍ୟାଚର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ଏ' ୩୫ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ଲାଡ୍ ସର୍ବାଧିକ ୩୬ ରନ କରିଥିବାବେଳେ ଅକ୍ଷର ପଟେଲ ୨୩ ଓ ଦୀପକ ଚହର ୨୧ ରନ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଜେମି ଓଭରଟନ ୨୪ ରନ ବିନିମୟରେ ୩ ଏବଂ ଟମ୍ ବେଲି ୨୩ରନ ଦେଇ ୨ଟି ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଲାୟନ୍ସ ଦଳ ୩୦.୩ ଓଭରରେ ୯ଉଇକେଟ ବିନିମୟରେ ୧୨୫ ରନ କରି ମ୍ୟାଚ ଜିତିନେଇଥିଲା। ବେନ୍ ଡକେଟ୍‌ଙ୍କ ଅପରାଜିତ ୭୦ରନକୁ ଛାଡ଼ି ଦେଲେ ସାମ୍ ହେନ୍ ୧୨ରନ କରିଥିଲେ। ଭାରତ ପକ୍ଷରୁ ଦୀପକ ଚହର ଏବଂ ରାହୁଲ ଚହର ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅକ୍ଷର ପଟେଲ ୨୨ ରନ ବିନିମୟରେ ଦୁଇ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଏ':** ୩୫ ଓଭରରେ ୧୨୧/ଅଲଆଉଟ (ସିଦ୍ଧେଶ ଲାଡ୍-୩୬, ଅକ୍ଷର ପଟେଲ-୨୩, ଦୀପକ ଚହର-୨୧, ଜେମି ଓଭରଟନ-୩/୨୪, ଟମ୍ ବେଲି-୨/୨୩)।
**ଇଂଲଣ୍ଡ ଲାୟନ୍ସ:** ୩୦.୩ ଓଭରରେ ୧୨୫/୯ (ବେନ୍ ଡକେଟ୍-୭୦*, ଦୀପକ ଚହର-୩/୨୫, ରାହୁଲ ଚହର-୩/୪୩, ଅଖର ପଟେଲ ୨/୨୨)।

## ଫୁଟ୍‌ବଲ ଶିବିରରେ ୪ ଓଡ଼ିଆ



ଝୁନୁ କୁଲଦି



ଏ. ଶିବ ପ୍ରସାଦ



ଅଜୟ ଟପ୍ପୋ



ବିଶାଲ ଓରାମ

କଟକ ଅଫିସ,୩୧।୧

୧୫ ବର୍ଷରୁ କମ୍ ବାଳକ ଜାତୀୟ ଫୁଟ୍‌ବଲ ଦଳର ଚୟନ ଓ ପ୍ରସ୍ତୁତି ଶିବିରରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲର ଝୁନୁ କୁଲଦି, ଏ. ଶିବ ପ୍ରସାଦ, ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ଅଜୟ ଟପ୍ପୋ, ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ବିଶାଲ ଓରାମ। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଏହି ଶିବିର ଶୁକ୍ରବାରଠାରୁ କଟକରେ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଏହି ୪ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ୨ୟ ସର୍ବନିମ୍ନ ସ୍କୋର

ହାମିଲଟନ,୩୧।୧– ଚତୁର୍ଥ ଦିନିକିଆରେ ଭାରତ ୯୨ ରନରେ ଅଲଆଉଟ ହୋଇ ଅଲୋଡା ରେକର୍ଡ ସୃଷ୍ଟି କରିଛି। ଦିନିକିଆରେ ଏହା ମୋଟ ଉପରେ ଭାରତର ସପ୍ତମ ସର୍ବନିମ୍ନ ସ୍କୋର ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ତେବେ ଦିନିକିଆରେ ଭାରତର ସର୍ବନିମ୍ନ ସ୍କୋର ହେଉଛି ୫୪। ୨୦୦୦ରେ ଶାରଜାରେ ଭାରତ ଶ୍ରୀଲଙ୍କା ବିପକ୍ଷରେ ଏହି ସ୍କୋରରେ ଅଲଆଉଟ ହୋଇ ଅଲୋଡା ରେକର୍ଡ ସୃଷ୍ଟି କରିଥିଲା। ପୁଣି ଦିନିକିଆ ଫର୍ମାଟରେ ଭାରତ ସପ୍ତମଥର ପାଇଁ ୧୦୦ ରନ ପାର କରିବାରେ ବିଫଳ ହୋଇଛି। ଏହି ଭେନ୍ୟୁରେ ଭାରତର ସ୍କୋର ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ଭାରତ ୧୨୨ ରନରେ ଅଲଆଉଟ ହୋଇଥିଲା ଓ ସେତେବେଳେ ଏହା ସର୍ବନିମ୍ନ ସ୍କୋର ଥିଲା। ଶ୍ରୀଲଙ୍କାର ଦାମ୍ବୁଲାରେ ମଧ ଭାରତ ଏକ ଦିନିକିଆ ମ୍ୟାଚ୍‌ରେ ୮୮ ରନରେ ଅଲଆଉଟ ହୋଇଥିଲା।

## ଲୋମା, ସ୍ମୃତିରଞ୍ଜନଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୩୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗତ ୨୭ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୨୩ତମ ଜାତୀୟ ବଧିର ସିନିୟର ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଓ ଜାତୀୟ ସବଜୁନିୟର ଏବଂ ଜୁନିୟର ବଧିର ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଜୁଡୋ ୫୭ କେ.ଜି. ବର୍ଗରେ ଲୋମା ସ୍ୱାଇଁ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ବାଳକ ଆଥଲେଟିକ୍ସ ହାଇଜମ୍ପରେ ସ୍ମୃତିରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ବାଳକ ଲଙ୍ଗଜମ୍ପରେ ଶୁଭଙ୍କର ନାୟକ ତୃତୀୟ, ସିନିୟର ପୁରୁଷ ୪୦୦ମିଟର ହର୍ଡଲ୍ସ ରେସ୍‌ରେ ସୋମନାଥ କର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ସିନିୟର ଭଲିବଲ୍‌ରେ ଓଡ଼ିଶା ବ୍ରୋଞ୍ଜ ପଦକ ସହ ଟ୍ରଫି ହାସଲ କରିଛି। ଦଳର କୋଚ୍ ତଥା ମ୍ୟାନେଜର ଦାୟିତ୍ୱରେ ଥିଲେ ସୁବୀର କୁମାର ନାୟକ, ଶରତ ଚନ୍ଦ୍ର ମଲିକ। ସ୍ନେହାଶିଷ ପଟ୍ଟନାୟକ ଟିଫ୍- ଇନ୍- ମିଶନ ଦାୟିତ୍ୱରେ ଥିଲେ।

ଜାତୀୟ ବଧିର ସିନିୟର ସ୍ପୋର୍ଟ୍ସ ଚାମ୍ପିୟନଶିପ୍




କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଭାରତ-ସ୍ପେନ୍ ମ୍ୟାଚ୍ ଡ୍ର



ମହିଳା ହକି: ଭାରତ-ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ମୁର୍ସିଆ (ସ୍ପେନ୍), ୩୧।୧(ପି.ଟି.)

ସ୍ପେନ୍ ଓ ଭାରତ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ୨–୨ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୨ଗୋଲରେ ଆଗୁଆ ରହିଥିଲା। ମାତ୍ର ଆୟୋଜକ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମ୍ୟାଚକୁ ଡ୍ର ରଖିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦୀପଗ୍ରେସ୍ ଏକ୍କା (୮ମ ମିନିଟ) ଓ ନଭନିତ କୌର (୨୬ତମ) ଏବଂ ସ୍ପେନ୍ ତରଫରୁ ଲୁସିଆ ଜିମେଞ୍ଜ (୩୫ତମ ଓ କ୍ଲାରା ୱାଇକାର୍ଟ (୩୯ତମ) ଗୋଲ ସ୍କୋର କରିଥିଲେ। ଏହି ଡ୍ର' ଦ୍ୱାରା ଦୁଇ ଦଳ ମଧ୍ୟରେ ୪ମ୍ୟାଚ ବିଶିଷ୍ଟ ସିରିଜ ୧–୧ରେ ବରାବର ଭାବେ ଶେଷ ହୋଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସ୍ପେନ୍ ୩–୨ ଗୋଲରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ୨–୨ରେ ଡ୍ର ରହିଥିଲା। ଭାରତ ତୃତୀୟ ମ୍ୟାଚରେ ୫–୨ ଗୋଲରେ ବିଜୟୀ ହୋଇଥିଲା। ଭାରତ ବର୍ତ୍ତମାନ ଫେବୃୟାରୀ ୨ରେ ୨୦୧୮ ବିଶ୍ୱକପ୍ ରୌପ୍ୟ ବିଜେତା ଆୟର୍ଲାଣ୍ଡକୁ ଭେଟିବ।

## ଲାଲ୍‌ମନି କ୍ରିକେଟ: ସେମିରେ କରିମ ସ୍ପୋର୍ଟ୍ସ

ସୋନପୁର,୩୧।୧(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ(ନାଗପୁର) ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ଷଷ୍ଠ ଦିବସରେ କରିମ ସ୍ପୋର୍ଟ୍ସ ଓ ସେର୍‌ସା, ଆଦ୍ରା ପଶ୍ଚିମବଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେରସା ଆଦ୍ରା ଟସ୍ ଜିତି କରିମ୍ ସ୍ପୋର୍ଟ୍ସକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କରିମ ସ୍ପୋର୍ଟ୍ସ ଟି୨୦ ମ୍ୟାଚ୍‌ରେ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ଜ୍ୟୋତିକର ୨୮, ବୈଭବ ଲାଣ୍ଡେକର ୨୩, ବୈଭବ ଚୌକସି ୧୧ ରନ ଏବଂ କାର୍ତ୍ତିକ ନାଇଡୁ ୩୨ ରନ ସ୍କୋର କରିଥିଲେ। ସେରସା ଆଦ୍ରା ପକ୍ଷରୁ ଅଙ୍କିତ ରାଜ ୧୮ ରନ ବିନିମୟରେ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସେର୍‌ସା ନିର୍ଦ୍ଧାରିତ ୨୦ ଓଭରରେ ୧୪୫ ରନ କରି ପାରିଥିଲା। ଦଳ ପକ୍ଷରୁ ହର୍ଷ କୁମାର ସିଂଙ୍କ ୩୭, ରାଜନ ସିଂ ୩୦, ବିକାଶ କୁମାରଙ୍କ ଅପରାଜିତ ୧୯, କୁମାର ସୁନୀଲ କାଶ୍ୟପ ୧୯ ଓ ଅଜୟ ମଧୁକର ୧୩ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ମହମ୍ମଦ କରିମ, ସାଗର ଝଡିଆ ଓ କାର୍ତ୍ତିକ ନାଇଡୁ ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟି୧୦ ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ଦଳ ଚିତ୍ତାକର୍ଷକ ବ୍ୟାଟିଂ ପ୍ରଦର୍ଶନ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୫ ଉଇକେଟରେ ୧୫୧ ରନର ବିଶାଳ ରନ ସଂଗ୍ରହ କରିଥିଲେ। ରବିନ ସିଂ ୩୨ ବଲରୁ ଦ୍ରୁତ ୯୫ ରନ ଓ ବୈଭବ ଲାଣ୍ଡେଙ୍କ ୧୮ବଲରୁ ୪୫ ରନ କରିଥିଲେ। ସେର୍‌ସା ଆଦ୍ରା ପକ୍ଷରୁ ହର୍ଷ କୁମାର ସିଂ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସେରସା ଆଦ୍ରା ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଅଙ୍କିତ ରାଜ ୩୦, ରାଜନ ସିଂ ୧୯, ରାଜୁ କୁମାର ୧୬ ଓ ଅମନ ରାଜ ୧୬ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ମହମ୍ମଦ କରିମ ୩ଟି, କାର୍ତ୍ତିକ ନାଇଡୁ ୭ ରନରେ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିଲେ। କରିମ ସ୍ପୋର୍ଟ୍ସର ରବିନ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଅମିୟ ଭୂଷଣ ସାହୁ ଓ ସଚ୍ଚିଦାନନ୍ଦ ପଣ୍ଡା। ସ୍କୋରର ଥିଲେ ବିନୋଦ ପାତ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର ଓ ବି. ଏସ୍ ରାଓ। ଶୁକ୍ରବାର ସେରସା ରାଞ୍ଚି ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ରବିନ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663) 2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ Sambalpur, Friday, February 1/2019

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଗର୍ଭବତୀଙ୍କ ଜୀବନ ଗଲା

**ତିହିଡି, ୩୧।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ନୂଆଗାଁ ଗ୍ରାମର ଗର୍ଭବତୀ ମହିଳା କଣ୍ଢେଇ ନାୟକ ବାଇକ୍ ଧକ୍କାରେ ଗୁରୁବାର ପୂର୍ବାହ୍ନରେ ପ୍ରାଣ ହରାଇଛନ୍ତି। ସେ ନୂଆଗାଁ ରାସ୍ତା ପାର୍ ହେଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡି ଡାକ୍ତରଖାନାକୁ ନିଆଯାଇଥିଲା।

# ହାଇଦ୍ରାବାଦରେ ଦାଦନ ଶ୍ରମିକ ମୃତ

**ଜୁନାଗଡ,୩୧।୧(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ବନ୍ଦପଡ଼ାର ଜଣେ ଦାଦନ ଶ୍ରମିକ ଦୀପକ କୁମାର ତାଣ୍ଡି (୨୩)ଙ୍କ ହାଇଦ୍ରାବାଦରେ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଶୁକ୍ରବାର ଗ୍ରାମରେ ପହଞ୍ଚିବ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଚାରବାହାଲ ବନ୍ଦପଡ଼ାର ଦୀପକ ଗତ ୪ ମାସ ତଳେ ପଡ଼ାର କିଛି ଲୋକଙ୍କ ସହ କାମ ଅନ୍ୱେଷଣରେ ହାଇଦ୍ରାବାଦ ଯାଇଥିଲେ। ସେ ହାଇଦ୍ରାବାଦସ୍ଥିତ କୁକଡ଼ାପାଡ ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ଦୀପକଙ୍କୁ ହଠାତ୍ ପେଟବ୍ୟାଥା ସହ ଝାଡ଼ାବାନ୍ତି ହୋଇଥିଲା। ସହକର୍ମୀମାନେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୀପକ ସୁସ୍ଥ ହେବାରୁ ସହକର୍ମୀମାନେ ତାଙ୍କୁ ରହୁଥିବା ଘରକୁ ଆଣିଥିଲେ। ଗୁରୁବାର ଦୀପକଙ୍କୁ ପୁଣି ଥରେ ପେଟ ବ୍ୟାଥା ସହ ଝାଡାବାନ୍ତି ହେବାରୁ


ମୃତ ଦାଦନ ଶ୍ରମିକ ଦୀପକ କୁମାର ତାଣ୍ଡି ।

ସହକର୍ମୀମାନେ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀପକଙ୍କ ମୃତ୍ୟୁ ଖବର ଶୁଣି ବାପା ଲଛମନ, ମା' ଗୀତା, ଭଉଣୀ ଭୂମିସୁତା, ରୋହିଣୀ, ଗାୟତ୍ରୀ ଓ ଭାଇ ଗୋବିନ୍ଦା ଦୁଃଖରେ ଭାଙ୍ଗିପଡିଛନ୍ତି। ପରିବାରର ଆର୍ଥିକ ଅନଟନ ଯୋଗୁ ଦୀପକ ଦାଦନ ଖଟିବାକୁ ହାଇଦ୍ରାବାଦକୁ ଯାଇଥିଲେ। ସେଠାରେ ଟଙ୍କା ରୋଜଗାର କରି ଆଣି ନିଜ ପରିବାରକୁ ଖୁସିରେ ରଖିବା ତାଙ୍କ ସ୍ୱପ୍ନ ଥିଲା। ଯାହାକି ଏବେ ଅଧୁରା ରହିଗଲା। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଏପରି ଏକ ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ କାନ୍ଦୁଲଗୁଡା ଗ୍ରାମର ଘାସିରାମ ସୁନାନୀ (୨୫) ନାମକ ଜଣେ ଯୁବକ ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁ ବରଣ କରିଥିଲେ। ଏହାର ୧୦ ଦିନ ପରେ ଦୀପକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।





ଝିଲିଙ୍କୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

### ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବେତନଟୀ, ୩୧।୧ (ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଏସ .ଏସ. ମହୁଲିଆ ଗ୍ରାମର ଇନ୍ଦିରାନଗର ରେଲୱେ ଫାଟକରୁ ମହୁଲିଆ ଛକ ମଧ୍ୟରେ ଥିବା ଆଦିବାସୀ ସାହି ନିକଟରୁ ଗୁରୁବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ତୁଳସୀଚଉରା ଗ୍ରାମର ତରଣୀ ସେନ ମହାନ୍ତଙ୍କ ସ୍ତ୍ରୀ ଭାରତୀ।

## ଘୁର୍ଲୁଗୁଡ଼ା ତୁଳା ମାଝି ହତ୍ୟା ମାମଲା : ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଧର୍ମଗଡ,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ କନ୍ଦାବୁଟୁରା ପଞ୍ଚାୟତ ଘୁର୍ଲୁଗୁଡା ଗାଁର ତୁଳା ମାଝି ହତ୍ୟା ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି । ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାମକୃଷ୍ଣ ଚୌଧୁରୀ ଏହି ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, କୋକସରା ଥାନା ଅନ୍ତର୍ଗତ କନ୍ଦାବୁଟୁରା ପଞ୍ଚାୟତ ଘୁର୍ଲୁଗୁଡା ଗାଁର ଦେବୀ ପୂଜାକୁ ନେଇ କନ୍ଦାବୁଟୁରା ଗାଁର କୁନୁ ପୂଝାରୀ ଓ ମୋହନଗୁଡା ଗାଁର ତିଳ ମାଝି ସହିତ ଘୁର୍ଲୁଗୁଡା ଗାଁର ତୁଳା ମାଝିଙ୍କ ବଚସା ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ କୁନୁ ଓ ତିଳ ଟାଙ୍ଗିଆରେ ତୁଳାଙ୍କୁ ହାଣି ଦେଇଥିଲେ । ଘଟଣାସ୍ଥଳରେ ହିଁ ତୁଳାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ସମସ୍ତ ସାକ୍ଷୀ ପ୍ରମାଣକୁ ଆଧାର କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦେଶ ସହ ୫ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

## ଜାତୀୟ ସାହାସିକତା ପୁରସ୍କାରପ୍ରାପ୍ତ ଝିଲିଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୩୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କେନ୍ଦୁମୁଣ୍ଡା ଗ୍ରାମର ଛାୟାକାନ୍ତି ବାଘ ଓ ଲକ୍ଷ୍ମୀଧରଙ୍କ ଝିଅ ଝିଲି(୯)ଙ୍କୁ ଜିଲା ପ୍ରଶାସନ ଶନିବାର ସମ୍ବର୍ଦ୍ଧିତ କରିଛି। ସାହାସୀ ଝିଅ ଝିଲିଙ୍କୁ ଗତ ୨୫ତାରିଖରେ କେନ୍ଦ୍ର ସରକାର ଜାତୀୟ ସାହାସିକତା ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ରୂପା ପଦକ, ପ୍ରମାଣପତ୍ର ଓ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଝିଲି ଦିଲ୍ଲୀରୁ ଓଡିଶା ଫେରିବା ପରେ ରାଜ୍ୟପାଳ ପ୍ରଫେସର ଗଣେଷି ଲାଲ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ୧ଲକ୍ଷ ଟଙ୍କା, ମାନପତ୍ର ଓ ମୋମେଣ୍ଟୋ ଦେଇ ସମ୍ମାନିତ କରିଛନ୍ତି। ପ୍ରକାଶ ଯେ, ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି ଝିଲି । ଗତ ଜୁନ୍ ୧୬ ତାରିଖରେ ଝିଲି, ସାନ ଭଉଣୀ ମିଲି(୩) ଓ ଝିଲିଙ୍କ ସାଙ୍ଗ ରୀତାଞ୍ଜଳି ବଗର୍ତ୍ତି(୯) ଘର ପଛ ପଟେ ଖେଳୁଥିଲେ। ତେବେ ହଠାତ ମିଲି ଏକ ଖୋଲା କୂଅରେ ଖସି ପଡିଥିଲେ। କୂଅଟି ୨୫ ଫୁଟ୍ ଗଭୀର ଥିଲା। ଝିଲି ତାର ସାଙ୍ଗ ରୀତାଞ୍ଜଳିଙ୍କୁ ଗାଁ ଲୋକଙ୍କୁ ଉଦ୍ଧାର ପାଇଁ ଡାକିବାକୁ କହି ନିଜେ କୂଅ ଭିତରକୁ ଲମ୍ଫ ମାରିଥିଲା। କୂଅରେ ବେକେ ପାଣି ଥିବା ବେଳେ ଝିଲି ତାର ସାନ ଭଉଣୀ ମିଲିକୁ ଟେକି ଧରିଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ କୂଅ ଭିତରୁ ଦୁଇ ଭଉଣୀକୁ ଉଦ୍ଧାର କରିଥିଲେ। ଝିଲି ଅଭୁତପୂର୍ବ ସାହାସ ପ୍ରଦର୍ଶନ କରି ଭଉଣୀର ଜୀବନ ରକ୍ଷା କରିଥିଲେ। ଝିଲିର ସାହାସିକତାକୁ ନେଇ ତାଙ୍କୁ ସବୁଆଡୁ ସାବାସି ମିଳିଥିଲା। ତାଙ୍କୁ ଜାତୀୟ ସାହାସିକତା ପୁରସ୍କାର ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ସୁପାରିଶ କରିଥିଲେ। ଗୁରୁବାର ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, କେଶବ ମେହେର, ପ୍ରଶାନ୍ତ ମହାକୁର, ରୁଦ୍ରପ୍ରସନ୍ନ ମିଶ୍ର ଓ ଶୁଭଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳକଁର ନିରଦେଶକେ ବେଖାତିର

# ପରିବାର ଚିନ୍‌ତାରେ ଛାତ୍ର ସାଜିଛନ୍ ଶ୍ରମିକ୍

**ବିନିକା,୩୧।୧ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ୧୩୨ଟା ସରକାରୀ ପ୍ରାଇମେରୀ ସ୍କୁଲରେ ୯୮୯୯ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ସେନ୍‌ତା ବ୍ଲକରେ ଥିବାର ୨୨ଟା ହାଇସ୍କୁଲରେ ୨୭୫୫ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ହେଲେ ଦୁଖର କଥା ସ୍କୁଲମାନକେ ପାଠ୍ ପଢୁଥିବାର ୧୨ରୁ ୧୫ ବଛର୍‌ର କେତେ ପିଲା ବହିପତର, କଲମ ଛାଡ଼ି ଛୁଟି ହେଲେ ଟଁକା ରୁଜଗାର କରବାର ଲାଗି କାମ କରୁଥିବାର ଦେଖିବାକେ ମିଳୁଛେ। ଇତାର ମୁଖିଆ କାରନ୍ ହେଉଛେ ଛାତ୍ରମାନକର ପରିବାରରେ ରହିଥିବାର ଅଭାବ ଅନାଟନ୍। କେତେ ଛାତ୍ର ନିଜର ପାଠ୍‌ପଢ଼ା ଖରଚ୍ ବାହାର କରାବାର ସଂଗେ ପରିବାର ଲାଗି ଦୁଇ ପଏସା ରୁଜ୍‌ଗାର କରବେ ସେଥିରଲାଗି ଛୁଟି ହେଲେ ପରହରର କାମ୍‌ବୁତା କରୁଛନ୍। ଏନ୍‌ତା କି ଅଂଚଲରେ କେତେ ଛାତ୍ର ଛୁଟି ହେଲା ଉତାରୁ ଅଲଗା ଲୁକ୍‌କର ଜମିରେ ପାୱାରଟିଲର ଚଲଉଥିବାର ଦେଖିବାକେ ମିଳିଛେ।


ଝନେ ୧୦ମ ଶ୍ରେଣୀର ଛାତ୍ର ପାୱାରଟିଲର ଚଲଉଛନ୍।

ସଭେ କେନ୍‌ଥେଇ ସୁବିଧାରେ ପାଠ୍‌ପଢ଼ବେ, ଭଲ ମୁନୁଷ୍ ହେବେ, ସେଥିରଲାଗି ରାଏଜ୍ ଆର କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆନୁଛନ୍। ଯୋଜ୍‌ନା ଉପରେ ଯୋଜ୍‌ନା ତିଆର କରି କୋଟି କୋଟି ଟଁକା ଖରଚ କରୁଛନ୍। ୧ମରୁ ୮ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ରକୁ ମାହାଲିଆ ବହି, ୟୁନିଫର୍ମ, ଜୁତା, ବେଲାକେ ରଁଧା ଖାଏଦ୍ ଦେବାର ବେବସ୍‌ତା କରିଛନ୍। ଇତାର ବାହାରେ ସୁବର୍ଣ୍ଣପୁର ଜିଲାପାଲ ପାଦେ ଆଗ୍‌କେ ଆସି ସ୍କୁଲମାନକେ ଶିଶୁ ସଞ୍ଚୟନ ଯୋଜ୍‌ନା କାଯ୍‌କାରି କରବାର ଲାଗି ବିଇଓମାନକୁ ନିରଦେଶ ଦେଇଛନ୍। ଇ ଯୋଜ୍‌ନା ଅନ୍‌ସାରେ ଛାତ୍ରୀଛାତ୍ରମାନେ ଫିଦିନ ନିଜର ପରିବାରରୁ ଆନୁଥିବାର ହାତ୍ ଖରଚାକେ କାଟ୍‌ଛାଟ୍ କରି ସେଥିରୁ କିଛି ଟଁକା ସବୁଦିନ ଜମା କରବେ। ସବୁ ଶ୍ରେଣୀରେ ଗୁଟେ ଗୁଟେ କୁପି ରହେବା, ଶ୍ରେଣୀ ଶିକ୍ଷକ ଜରିଆରେ ସେମାନେ କୁପିରେ ଟଁକା ଗଲାବେ, ଗୁଟେ ରେଜିଷ୍ଟରରେ କିଏ କେତେ ଜମା କଲା ଲେଖା ହେବା। ସେ ସବୁ ଟଁକାକେ ଫିମାସ ସ୍କୁଲର ପ୍ରଧାନଶିକ୍ଷକ ପାସର ବ୍ୟାଙ୍କ କି ପୋଷ୍ଟ ଅଫିସରେ ଛୁଆକର ନାଁରେ ଖାତା ଖୁଲି ଟଁକା ଜମା କରବେ। ଇ ଯୋଜ୍‌ନାରେ ପିଲାକର ୧୦ ହଜାର ଟଁକା ବୀମା ବି ହେବା। ଇଥିରେ ଛାତ୍ରୀଛାତ୍ରମାନକର ସଁଚ୍‌ବାର ମାନସିକ୍‌ତା ବଢ଼ବାର ସଂଗେ ଗରିବ୍ ପିଲାମାନେ ଦରକାର ବେଲେ ଟଁକା ଉଠେଇ ନିଜର ପାଠ୍‌ପଢ଼ାରେ ଖରଚ୍ କରିପାରବେ ବଲି ଯୋଜନାର ମହତ୍ ଉଦେଶ୍ ରହିଛେ। ସେଥିରଲାଗି ସବୁ ବ୍ଲକ ଶିକ୍ଷା ଅଧିକାରୀକୁ ଜିଲାପାଲ ଚିଠି କରିଛନ୍। ହେଲେ ବିନିକା ବ୍ଲକର କଦଲିପାଲି(ଅନ୍ତର୍ଡା) ଆର ମେଘଲା ହାଇସ୍କୁଲକେ ଛାଡ଼ିଦେଲେ ବାକି କେହେନ୍‌ସି ସ୍କୁଲରେ ଇ ଯୋଜ୍‌ନା କାଯ୍‌କାରୀ ହେଉଥିବାର ନାଇଁ ଜନାପଡ଼ି। ଯେନ୍‌ତା କି ବିନିକା ବ୍ଲକ ଶିକ୍ଷା ବିଭାଗର ପାରବାରପନିଆ ଉପରେ ପ୍ରଶ୍ନବାଚୀ ସୁରୁଷ୍‌ଟି କରୁଛେ। ଆରଗୁଟେ ଆଡ଼େ ଜାନୁୟାରୀ ୨୬ ତାରିଖରେ ଇ ଯୋଜନାକେ ଲାଗୁ କରିଥିବାର ଲାଗି ମେଘଲା ହାଇସ୍କୁଲକେ ସୁବର୍ଣ୍ଣପୁର ଶିକ୍ଷା ଅଧିକାରିଣୀ ବିନିକା ବ୍ଲକ ନଂ.-୧ ହାଇସ୍କୁଲର ମାଏନ୍‌ତା ଦେଇଛନ୍। ଇ ବାବ୍‌ଦେ ବିନିକା ବିଇଓ ଶଶିଭୂଷଣ ସେଠୀକୁଁ ପଚରାଲାରୁ ବ୍ଲକରେ ଥିବାର ପ୍ରାଇମେରୀ ଆର ହାଇସ୍କୁଲ ଶିକ୍ଷକମାନକର ଦୁଆରା ଶିଶୁ ସଞ୍ଚୟନ ଯୋଜନାକେ ସଫଲ କରବାର ସମ୍‌ଭବ ନୁହେ। ଇଥିରଲାଗି ସ୍କୁଲ କମିଟି, ସ୍ୱେଚ୍ଛାସେବୀ ସଂଗଠନ ଆର ସଚେତନ ନାଗରିକମାନେ ସହଯୋଗର ହାତ ବଢ଼ାଲେ ଯୋଜନା ସଫଲ ହେଇପାରବା ବଲି ସେ କହିଥିଲେ।



For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive
**BHUBANESWAR** 105, **Bapujinagar**: **Post office lane**; Near Yes Bank, Landline : 0674 -2597141, Mob : 9937138998 **Pani Tanki Lane**; Ph: 9777744071/0674 2597685; **10, Janpath, Satyangar**, Ph: 0674 2573408, 8280056821; **IRC Village**, I.D. Market, Mob: 9861404879; **RAGHUNATHPUR:** Nandankanan Road, Ph-7205876694; **CUTTACK Buxi Bazaar Manisahoo Chhak:** Ph No : 6371736954, **Dolmundai:** Haripur Road, Ph: 0671 2411580; Mob: 9658725456 **CDA:** Markat Nagar, Ph: 0671-2366774, Mob: 8917442506; **PURI** Behind Gundicha Temple, Ph-7978547991; **ROURKELLA:** Near Daily Market, Ph No - 9777457774, **SAMBALPUR Golbazaar**: Mob: 9338194750; **KENDRAPARA**: Kakat Chhak, Ph: 06727 221241; Mob: 9040562233 **JAGATSINGHAPUR:** Central Market, 06724221090 / 06724221080; **DHENKANAL:** I.G. Super Market, Mob: 9777190558; **BERHAMPUR:** One Way Traffic Road, Mob: 9437358402 / 06802222145; **BOLANGIR:** A.B.S.S. Road, Ph: 06652 232419; Mob : 9437331171, 9437241863; **Rayagada:** Main Road, Ph-9439239394 / 8249517365, **SEMILIGUDA:** Near Semiliguda College Chhak, Ph No - 8328800974, **JEYPORE:** Main Road, Ph: 06854 231221, Mob: 7008402905; **SUNDERGARH:** Nehru Market Complex; Mob: 9438076828, 9438575757; **BARGARH:** NH-6, Main Road, PH-9937171761 / 9556446300, 06646230124

**PRESTIGE PRIORITY RETAILER :- BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK :** Union Sales Emporium, Ph:2307878. **AUTHORISED DISTRIBUTORS:- BHUBANESWAR-** Manorama Trading Co., Ph No. 9437279239; Rath Distributors, Ph.No. 9338547101 (For Chimney & Cleaning Solutions); **JATINI-** Kanha Agencies, Ph. No. 9437090516; **CUTTACK-** Mahavir Enterprise, Chauliganga, Ph. No.9937092599; **TALCHER-** Sidharth Enterprises, Hatatota, Ph. No.9437003384 **ROURKELA-** Shah Distributor, Ph-0661-2506904, 9438712456; **SAMBALPUR-** Gayatri Traders, Ph-9937074072,9437925273; **BALASORE-** Satyabhama Sales, Ph. No.7008096876; **BHADRAK-** Akhandalamani Enterprise, Ph No. 9437436221, 9437960230; **MAYURBHANJ-** Cooling Point, Ph No. 9437161333; **KEONJHAR-** Hridhaan Enterprises , Ph. No. 9777642632; **GANJAM & PHULBANI–** Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. **AUTHORISED DEALERS :- BHUBANESWAR:-** Royal Care, Ph 9937057177. Anu Agency, Ph 9437034488. Swosti Agency, Ph. 9439433333. Spectra Vision, Ph.-9937722277. Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar, Ph 9437040438, Shreeji, Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises- 99178550816. Swana Electronics , Ph.9938274127. Sai Associates-7381065641. Sonamona Variety Store, Ph.9437287620. Situ Plastic, Ph. 9861772109. S.R. Electronics, Ph.-6861155300. Kitchen Queen, Ph.7894082707. Karan Electricals, Ph.-9778337345. A.S. Enterprises, Ph.8249658303. Das & DAS Home Appliances & Fan , Ph.8895014877.Galaxy Enterprises, Ph. 9937133040. Utkal Sales, Ph9853150619. Nilakantha Agency- 9937346923, SB Enterprise-9861155551; **CUTTACK:-** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222, **SALEPUR:-** Sanjay Electronics NX, Ph. 9777777329. **ANGUL:-** Saralia Trading Co. Ph-9439471222, Shree Agency-Ph 9437013144. **TALCHER-** Beauty Palace-9437118065, Home Maker-9776173777 **DHENKANAL:-** Beauty House-9777190558.NTPC:- Pani Enterprise, Ph 9437056860. **PARADEEP:-** Krishna Enterprise, Ph. 9937451474. **KENDRAPARA:-** Purnamasi Electrical, Ph. 9937070448. **UMARKOT:-** Balaji Metal Store, Ph 9437524982. **ROURKELA:-** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. **SUNDARGARH-** Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-** Ganapati Electricals,Ph.9938669100. **BARIPADA:-** Aerovision, Ph 9861828643. **BALASORE:-** United Sales Agency-9583519516; **AUTHORISED SERVICE CENTRE:- Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House, Ph 0671-2367499; **Bhubaneswar-** Ph -9776322880. **Rourkela-** Ph. 9853522686. **Berhampur -** Ph. 0680-2228066. Sambalpur- Ph. 8895149244; **Bolangir-** Ph 06652-234443. **Angul-** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;



Printed and Published by Tathagata Satpathy on behalf of Navajat Printe rs & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ଥୋମାସ୍ କାର୍ଲାଇଲ୍

## ସଂକ୍ଷେପରେ

### ଯୁବଚାଷୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ବିନିକା,୩୧।୧(ଡି.ଏନ୍.ଏ.):** ବିନିକା-ଏସ୍.ରାମପୁର ମଧବର୍ତ୍ତୀ ଉମାବିଷ୍ଣୁ ରାଇସ୍ ମିଲ୍ ନିକଟବର୍ତ୍ତୀ ମୁଖ୍ୟରାସ୍ତାରେ ଗୁରୁବାର ଦିନ ଦ୍ୱିପ୍ରହରରେ ୨ଜଣ ଦୁର୍ବୃତ୍ତ ଜଣେ ଯୁବଚାଷୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ଚାଷୀ ଜଣକ ହେଲେ ଆଖିଦାଦର ଗ୍ରାମ ଲିଙ୍ଗରାଜ ସାହୁ (୨୮)। ସେ ଏକ ଆକ୍ଟିଭାରେ ଆସୁଥିବା ବେଳେ କଳା ପଲସରରେ ମୁଖା ବାନ୍ଧିଥିବା ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ବାଟରେ ଅଟକାଇ ଥିଲେ। ଛୁରୀ ଦେଖାଇ ଭୟଭୀତ କରାଇବା ସହ ପାଖରେ ଥିବା ଟଙ୍କା ମାଗିଥିଲେ। ଜଣକ ଜୀବନ ବିକଳରେ ଲିଙ୍ଗରାଜ ଗାଡି ଡିକିରେ ରଖିଥିବା ନଗଦ ୧ଲକ୍ଷ ୧୦ହଜାରଟଙ୍କା ଦେଇ ଦେଇଥିଲେ। ଟଙ୍କା ପାଇବା ପରେ ସେମାନେ ସେଠାରୁ ଖସି ପଳାଇ ଯାଇଥିଲେ। ଲିଙ୍ଗରାଜଙ୍କ କହିବା ମୁତାବକ ଅପରାହ୍ନ ପ୍ରାୟ ୧ଟା୩୦ରେ ସଂଘିଯୁବା ଷ୍ଟେଟ୍ ବ୍ୟାଙ୍କରୁ ଜମା ଟଙ୍କା ଉଠାଇ ଗାଡି ଡିକରେ ରଖିଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ୨.୩୦ ବେଳେ ଏହିଭଳି ଘଟଣା ଘଟିଥିଲା। ହିନ୍ଦୀ କହୁଥିବା ଦୁଇ ଲୁଟେରା ମୁହଁ ଢାଙ୍କିଥିଲେ ଏବଂ ପଲସର ଗାଡି ନମ୍ବର ଫଳକ ଉପରେ କଳାକନା ଗୁଡାଇଥିବା ସେ କହଛନ୍ତି। ଲିଙ୍ଗରାଜଙ୍କ ଅଭିଯୋଗ କ୍ରମେ ବିନିକା ଥାନାରେ ଏକ ମାମଲା(ନଂ. ୨୪/୧୯)ରୁଜୁ ହୋଇଛି।

### ରଘୁନାଥ କ୍ରିକେଟ: ଉଦ୍‌ଘାଟନୀ ମ୍ୟାଚରେ ଉଲୁଣ୍ଡା ବିଜୟୀ

**ଉଲୁଣ୍ଡା, ୩୧।୧ (ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ସିନ୍ଧ୍ରିଆବାହାଲ ରଘୁନାଥ ପୁରାତନ କ୍ରିକେଟ କ୍ଲବ ପକ୍ଷରୁ ରଘୁନାଥ କର୍କବାଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଉଲୁଣ୍ଡା ଏକାଦଶ ଆୟୋଜକ ସିନ୍ଧ୍ରିଆବାହାଲକୁ ୭ଉଇକେଟ ବିନିମୟରେ ପରାସ୍ତ କରିଛି। ଟସ୍ ଜିଣି ଆୟୋଜକ ପୁରାତନ କ୍ରିକେଟ ଦଳ ନିର୍ଦ୍ଧାରିତ ୧୨ଓଭରରେ ୫ଉଇକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା । ଜବାବରେ ଉଲୁଣ୍ଡା ଲିକୁ ପଣ୍ଡାଙ୍କ ୨୭ରନ ବଳରେ ୧୦ଓଭରରେ ୮୪ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ବିକଳପୁର ଦଳ ଲୁତୁରପଙ୍କକୁ ୭ଉଇକେଟରେ ପରାସ୍ତ କରି ପରବର୍ତ୍ତି ରାଉଣ୍ଡକୁ ଉନ୍ନତି ହୋଇଛି। ପ୍ରଥମେ ବ୍ୟାଟିଂ କରି ଲୁତରପଙ୍କ ୧୫ଓଭରରେ ୫ଉଇକେଟ ହରାଇ ୧୨୦ରନ କରିଥିଲା। ଯବାବରେ ବିକଳପୁର ୧୪.୨ଓଭରରେ ବିଜୟ ପାଇଁ ଆବଶ୍ୟକ ୧୨୧ରନ ସଂଗ୍ରହ କରିନେଇଥିଲେ। ଆୟୋଜକ ସଭାପତି ସତ୍ୟନାରାୟଣ ପଧାନଙ୍କ ଅଧକ୍ଷତାରେ ହୋଇଥିବା ଟୁର୍ନାମେଣ୍ଟକୁ ରଘୁନାଥ ପୁରୋହିତ ଉଦ୍‌ଘାଟନ କରିଥିଲେ ।

# ଶିକ୍ଷା ଦ୍ୱାରା ସର୍ବାଙ୍ଗୀନ ବିକାଶ ହୁଏ

**ଅମରପାଲି, ୩୧।୧ (ଡି.ଏନ.ଏ.)**

**କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଶେଫାଳୀ**
- ବହଳପଦର କ୍ଲଷ୍ଟର
- ଅଂଶଗ୍ରହଣ କଲେ ୧୯୬ଛାତ୍ରୀଛାତ୍ର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର କ୍ଲଷ୍ଟରର ବହଳପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଶେଫାଳୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବହଳପଦର ସମିତି ସଭ୍ୟା ପୀତାମ୍ବର ସାହୁ, ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସିଆରସିସି ପ୍ରଦୀପ ଜଗଦଲା, ଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟରର ୧୨ଟି ସ୍କୁଲର ପ୍ରାୟ ୧୯୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୁନିୟର ଓ ସିନିୟର ବର୍ଗରେ ରଚନା ଲିଖନ, ସୁନ୍ଦର ହସ୍ତାକ୍ଷର, ଚିତ୍ରାଙ୍କନ, କୁଇଜ, ଗଣିତ ଓ ବିଜ୍ଞାନ କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକଭାବେ ସିଆରସିସି ଅରୁଣ ରାଏ, ହେମନ୍ତ ସେଠୀ, ସୁନୀଲ କୁମାର ମହାପାତ୍ର, ଗୌତମ ବାରିକ, ବିରୋଜ ଭୋଇ, ରାମନାରାୟଣ ହୋତା, ଗୋପିନାଥ ମହାକୁର, ରଞ୍ଜନ ପାଣ୍ଡେ, ବିଶ୍ୱନାଥ ନାଏକ, ମାଧବ ମହାକୁର, ଯଦୁମଣି ବାଘ, ଶିବ ଗୌନ୍ତିଆ, ସୁରେନ୍ଦ୍ର ଭୋଇ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଅପରାହ୍ନରେ ସିଆରସିସି ପ୍ରଦୀପ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗରୁଡଧ୍ୱଜ ମୁଦୁଲି, ବାର୍ନା ଡୁଙ୍ଗଡୁଙ୍ଗ ଓ ବହଳପଦର ସମିତି ସଭ୍ୟ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ କରିବାକୁ ପରାମର୍ଶ ଦେଇଥିଲେ। କେବଳ ଶିକ୍ଷା ନୁହେଁ ଶିକ୍ଷା ସହ ସହଶିକ୍ଷା ମଧ ଜରୁରୀ ବୋଲି କହିଥିଲେ। କାରଣ ଶିକ୍ଷା ଦ୍ୱାରା ସର୍ବାଙ୍ଗୀନ ବିକାଶ ହୋଇଥାଏ। ତେଣୁ ଛାତ୍ରୀଛାତ୍ରଙ୍କ ପାଇଁ ଓ ଉକ୍ତିଆ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମକୁ ଶିକ୍ଷକ ରଜତ କୁମାର ପଧାନ ଓ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଶିକ୍ଷକ ଅରବିନ୍ଦ ରଣା ସଭା ସଂଯୋଜନା କରିଥିଲେ। ଶେଷରେ ଦାଦରପାଲି ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ଶ୍ରମିକ ସମ୍ମିଳନୀ

**ସୋନପୁର,୩୧।୧(ନି.ପ୍ର.)**

ସୋନପୁର ବ୍ଲକର ସାଗରପାଲି ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସମ୍ମିଳନୀ ଓ ସହାୟତା ବଣ୍ଟନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ପୂଜାରୀ ଦେଶର ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦେଇ ଥିଲେ। ଜିଲାପାଳ ମଧୁସୁଦନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀରେ ଓଡିଶା ପ୍ରଥମ ରାଜ୍ୟ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ନାଗ, ଉପାଧ୍ୟକ୍ଷା ମାଧବୀଲତା କୁଅଁର, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବିଶି, ସରପଞ୍ଚ ମଧୁସୂଦନ ଓତା, ମମତା ମାଝି ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା ସଭାରେ ଅଧ୍ୟକ୍ଷତା କରି ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ରହିଥିବା ୧୩ଟି ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୧୨୦୦ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ପୂଜାରୀ ହିତାଧିକାରୀଙ୍କୁ ସାଇକେଲ ବଣ୍ଟନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ, ଜିଲା ମଙ୍ଗଳ ସଂଯୋଜକ ମୋହନ କୁମ୍ଭାର, ଶ୍ରମ ନିରୀକ୍ଷକ ସବିତା ନାୟକ, ଲାଲାମଣି ସୋରେନ, ତ୍ରିଲୋଚନ ବାରିକ ଓ ଜୁଏଲ ନନ୍ଦ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# କର୍ତ୍ତବ୍ୟରେ ଅବହେଳା ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରେ

### ତାଲୁକ ଆଇନସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର

**ବୀରମହାରାଜପୁର, ୩୧।୧ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନସେବା ସମିତି ପକ୍ଷରୁ ସ୍ଥାନୀୟ ମୈତ୍ରୀ ସଦନଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଆଇନଜୀବୀ ଏବଂ ପୋଲିସ ଅଧିକାରୀମାନଙ୍କୁ ନେଇ ଆୟୋଜିତ ଉକ୍ତ ଶିବିରରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଆଇନସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନି ଜଜ୍ ମାନସ ରଞ୍ଜନ ରଥ ଅଧ୍ୟକ୍ଷତା କରିଥଲେ। ଏସଡିଜେଏମ୍ ଅବକାଶ ଚୌଧୁରୀ, ଉପଜିଲାପାଳ ସୁବ୍ରତ କୁମାର ବେହେରା, ଓକିଲ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଏବଂ ସରକାରୀ ଓକିଲ ଶ୍ରୀନିବାସ ଚାନ୍ଦ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକର ଅଧିକାର ଏବଂ ଦାୟିତ୍ୱ ମହତ୍ୱପୂର୍ଣ୍ଣ। ସେମାନଙ୍କର ଅଧିକାରକୁ ସୁରକ୍ଷିତ ରଖିବାରେ ପୋଲିସର ଗୁରୁ ଦାୟିତ୍ୱ ରହିଛି। ତେଣୁ ଆଇନଗତ ବିଧି ବ୍ୟବସ୍ଥା ଭିତରେ ତାହାର ଠିକ୍ ଅନୁପାଳନ ହେବା ଉଚିତ୍। ଅନ୍ୟଥା ଶାସନ ବ୍ୟବସ୍ଥା ଦୁର୍ବଳ ହୋଇପଡିବ। ଏ ଦିଗରେ ଆଇନଜୀବୀମାନଙ୍କ ବଳିଷ୍ଠ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। ଶିବିରରେ ବୀରମହାରାଜପୁର ଉପଖଣ୍ଡର ୩ଟି ଯାକ ଥାନାର ପୋଲିସ ଅଧିକାରୀ ଏବଂ ବହୁ ଆଇନଜୀବୀଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଆଇନ ସଚେତନତା ଶିବିରରେ ବିଚାରପତିଙ୍କ ସହ ଅନ୍ୟାନ୍ୟ ମଞ୍ଚାସୀନ ଅତିଥି।

### ଯୁବତୀଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

**ବୀରମହାରାଜପୁର, ୩୧।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ଧର୍ମଶାଳା ଫାଣ୍ଡି ଅଞ୍ଚଳରେ ବୁଧବାର ଅପରାହ୍ନରେ ଘଟିଥିବା ଯୁବତୀ ବଳାତ୍କାର ଘଟଣାର ଅଭିଯୁକ୍ତ ଅଦ୍ୟାବଧି ଧରା ପଡିନାହିଁ। ପୀଡିତାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ଚିହ୍ନଟ ହୋଇଥିଲେ ସୁଦ୍ଧା ତାଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଏହାର ପ୍ରତିବାଦରେ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବୀରମହାରାଜପୁର ଥାନା ଘେରାଉ କରାଯାଇଥିଲା।

କାଳିଆ ଯୋଜନା ପାଇଁ ଧର୍ମଶାଳାସ୍ଥିତ ବ୍ୟାଙ୍କ ଶାଖାରେ ଆକାଉଣ୍ଟ ଖୋଲିବାକୁ ଯାଇ ଫେରୁଥିବା ସ୍ଥାନୀୟ ଅଞ୍ଚଳର ଜନୈକା ୨୬ ବର୍ଷିଆ ଯୁବତୀ ବଳାତ୍କାରର ଶିକାର ହୋଇଥିଲେ। ତାଙ୍କୁ ନିକଟବର୍ତ୍ତୀ ସଉରୀପାଲିସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ପହଞ୍ଚାଇ ଦେବାକୁ କହି ବାଇକ୍‌ରେ ନେଇଥିବା ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ରାସ୍ତାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅସହାୟ ଅବସ୍ଥାରେ ଚିତ୍କାର କରିଥିବା ପୀଡିତାଙ୍କୁ ସେଠାକାର ଏକ ସ୍କୁଲ ପଛପଟ ନିଛାଟିଆ ସ୍ଥାନରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଲୋକଙ୍କଠାରୁ ଖବର ପାଇ ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଶୁ ଚିକିତ୍ସା ନିମନ୍ତେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମ୍‌ସାର୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୀଡିତାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ଗଣେଶ ବଗର୍ତ୍ତାଙ୍କ ବିରୁଦ୍ଧରେ ଦଫା ୩୭୬ ଅନୁଯାଇ ଏକ ମାମଲା (ନଂ. ୩୦/୧୯ ) ରୁଜୁ ହୋଇଛି। ଇତି ମଧ୍ୟରେ ପୀଡିତାଙ୍କ ଡାକ୍ତରୀମାଇନା କରାଯିବା ସହିତ ଏସ୍‌ଡିପିଓ ଧିରୋଜ ଚପୋଦାରଙ୍କ ତଦାରଖ କ୍ରମେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି ବୋଲି ଥାନା ଆଇଆଇସି କୁଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଘଟଣା ପରଠାରୁ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ତତ୍ପର ଅଛି ଏବଂ ଖୁବଶୀଘ୍ର ଧରା ପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ଅଭିଯୁକ୍ତଙ୍କ ଗିରଫ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୀରମହାରାଜପୁର ଥାନା ଘେରାଉ କରାଯାଇଛି।

## କାୟାକଳ୍ପ ପୁରସ୍କାର:ଡୁଙ୍ଗୁରିପାଲି ସିଏଚସି ରାଜ୍ୟରେ ପ୍ରଥମ

**ସୋନପୁର,୩୧।୧(ନି.ପ୍ର.):** ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତ୍ତିଭୂମି, ସ୍ୱଚ୍ଛତା, ବିଭାଗର କର୍ମଚାରୀଙ୍କ ଦକ୍ଷତାକୁ ମୂଲ୍ୟାୟନ କରି ରାଜ୍ୟ ସରକାର କାୟାକଳ୍ପ ପୁରସ୍କାର ପ୍ରଦାନ କରୁଛନ୍ତି। ଏହିକ୍ରମରେ ୨୦୧୮-୧୯ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ପ୍ରଥମ ହୋଇଛି। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଡୁଙ୍ଗୁରିପାଲି ସିଏଚସିକୁ ୧୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବ। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ମୁର୍ଛୁଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ରାମପୁର ଓ ଶୁଖା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଯୋଗୀ ହିସାବରେ ୫୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଜିଲା ପ୍ରଶାସନର ସହଯୋଗ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀଙ୍କ ଉଦ୍ୟମ ଫଳରେ ଜିଲାକୁ ଏହି ସଫଳତା ମିଳିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
24 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧ ଫେବୃୟାରୀ, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ



### କାର୍ ଧକ୍କାରେ ଶିଶୁ ଗୁରୁତର

**ବରଗଡ଼ ଅଫିସ୍,୩୧।୧:** ବରଗଡ଼ ସହର ତଳିପଡ଼ାରେ ଏକ କାର୍ (ନଂ.ଓଡି୧୭ସି ୪୯୭୫) ଧକ୍କାରେ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି। ଆହତ ଶିଶୁଜଣକ କ୍ରିଷ୍ଣା ଗଡ଼ତିଆ(୫)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଚାଳକ ଉକ୍ତ କାର୍‌କୁ ପଛପଟକୁ ନେଉଥିବାବେଳେ କ୍ରିଷ୍ଣା ଘରୁ ବାହାରୁଥିଲେ । ଏହି ସମୟରେ କାର୍‌ଟି କ୍ରିଷ୍ଣାଙ୍କୁ ଧକ୍କା ଦେବା ସହିତ ଘରକାନ୍ଥରେ ପିଟି ହୋଇଥିଲା। ପୋଲିସ କାରକୁ ଜବତ କରି ତଦନ୍ତ ଚଳାଇଛି ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୩୧।୧:** ବରଗଡ଼ ସହରର ଭିଏସଏସ ନଗର(ବାନ୍ଧୁଟିକ୍ରା)ରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଟ୍ରକ ଧକ୍କା ଦେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ହେଲେ ଖଜୁରଟିକ୍ରା ନିବାସୀ ଅମିତ ବାଗ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଏହା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।



### ବୋଡାସମ୍ବର ଧନୁଯାତ୍ରାର ୭ମ ସନ୍ଧ୍ୟା

**ଗାଇସିଲେଟ, ୩୧।୧(ଡି.ଏନ.ଏ):** ବରଗଡ ଜିଲା ଗାଇସିଲେଟ ବ୍ଲକ ତାଲପାଲିଠାରେ ଚାଲିଥିବା ବୋଡାସମ୍ବର ଧନୁଯାତ୍ରାର ବୁଧବାର ଥିଲା ସପ୍ତମ ସନ୍ଧ୍ୟା । ଏହି ସନ୍ଧ୍ୟାରେ ନାଟ୍ୟାଭିନୟରେ ମହାରାଜା କଂସ ପଠାଇଥିବା କାଳୀୟ ନାଗ ଶ୍ରୀକୃଷ୍ଣଙ୍କ ଦ୍ୱାରା ପରାସ୍ତ ହୋଇଥିଲା। ଖବର ପାଇ ମହାରାଜା କଂସ ବ୍ୟଥିତ ହୋଇପଡିଥିଲେ । ପରେ ରଙ୍ଗସଭା ଆୟୋଜନ କରି ଅନ୍ୟ ରାଜ୍ୟର ରାଜାମାନଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ ପାଇ ବିଭିନ୍ନ ରାଜ୍ୟର ରାଜାମାନେ ଆସି ନିଜ ନିଜ ସୈନ୍ୟ ସାମନ୍ତ ସହିତ ସହଯୋଗ ଦେବେ ବୋଲି କଂସଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

### ବ୍ଲକସ୍ତରୀୟ କଳାକାର ମହାସଂଘ

**ପାଇକମାଲ, ୩୧।୧(ଡି.ଏନ.ଏ):** ପାଇକମାଲ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବ୍ଲକସ୍ତରୀୟ କଳାକାର ମହାସଂଘର ଏକ ବୈଠକ ପାଲା ଗାୟକ ବିଭୀଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାକାରମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ଏକ କମିଟି ଗଠନ କରାଯାଇଥିଲା । କମିଟିରେ ଖଗେଶ୍ୱର ମିର୍ଦ୍ଧା ସଭାପତି, ଗଣେଶ ସୁନା ସମ୍ପାଦକ, ଧନୁର୍ଯ୍ୟ ଏଣ୍ଡଜା ଉପସଭାପତି, ଗୋବୋନ୍ଦ ଛତରିଆ ସହ ସମ୍ପାଦକ ଏବଂ ବିଭୀଷଣ ସାହୁଙ୍କୁ କୋଷାଧ୍ୟକ୍ଷ ରହିଥିଲେ । ଗଣେଶ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନ୍ଧ୍ୟବାସିନୀ ମନ୍ଦିରର ରତ୍ନମୁଦ

**ଝାରବନ୍ଧ, ୩୧।୧ (ଡି.ଏନ.ଏ):** ଝାରବନ୍ଧ ବ୍ଲକ କନ୍ଦାଡଙ୍ଗରରେ ନିର୍ମାଣାଧୀନ ବିନ୍ଧ୍ୟବାସିନୀ ମନ୍ଦିରର ରତ୍ନମୁଦ ସମାପନ ହୋଇଛି । କନ୍ଦାଡଙ୍ଗର ଗ୍ରାମପଞ୍ଚାୟତ ସ୍ତରୀୟ ବିଞ୍ଝାଲ ସମାଜ ଦ୍ୱାରା କରାଯାଇଥିବା ମନ୍ଦିରକୁ ରବି ଏଣ୍ଡଜା, ଅମରେନ୍ଦ୍ର ବାଗ ଓ ସୋନୁ ଡୁଡୁକା ତିଆରି କରିଛନ୍ତି । ବିଞ୍ଝାଲ ସମାଜର ଗ୍ରାମପଞ୍ଚାୟତ ସ୍ତରୀୟ ସଭାପତି ଗୋପାଳ ବରିହା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବରିହା କର୍ତ୍ତା ଏବଂ ଝସକେତନ ନନ୍ଦ ଓ ମିତ୍ରଭାନୁ ଦେବତା ପୂଜକ ଥିଲେ ।

## ନବରାତ୍ର ରାମଲୀଳା ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ସୀତା ଚୋରି ମଞ୍ଚସ୍ଥ

**ଭେଡ଼େନ, ୩୧।୧ (ଡ଼ି.ଏନ.ଏ)**

ଭେଡ଼େନ ନବରାତ୍ର ରାମଲୀଳା ମହୋତ୍ସବର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ପିତୃସତ୍ୟ ପାଳନ କରି ବନ ଗମନ କରିଥିବା ରାମ, ସୀତା ଓ ଲକ୍ଷ୍ମଣଙ୍କ ପଞ୍ଚବଟୀରେ ଅବସ୍ଥାନ, ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ଭଗିନୀ ଅପମାନର ପ୍ରତିଶୋଧ ପାଇଁ ରାବଣ ମନସ୍ଥ କରିଛି କରିବାକୁ ସୀତା ହରଣ । ସୁବର୍ଣ୍ଣ ମୃଗ ମାରିଚକୁ ଦେଖି ଆକର୍ଷିତା ସୀତାଙ୍କର ଇଚ୍ଛା ପୂରଣ ପାଇଁ ରାମ ଧାଇଁଛନ୍ତି ମୃଗ ପଛରେ । ହା' ରାମ ଚିତ୍କାର ଶୁଣି ତିନିଗାର କାଟି ଲକ୍ଷ୍ମଣ ଯିବା ପରେ ମୁନିବେଶ ଧାରଣ କରି ରାବଣ କରିଛନ୍ତି ସୀତା ହରଣ । ପରେ ଜଟାୟୁ ସହ ହୋଇଛି ଯୁଦ୍ଧ । ସୀତା ଚୋରି ବାର୍ତ୍ତା ଦେଇ ରାମ କୋଳରେ ଜଟାୟୁର ମୃତ୍ୟୁ ହୋଇଛି । ଶବରୀ ଅଇଁଠା ଖିଆ, କିଷ୍କିନ୍ଧ୍ୟାରେ ବାଳି ରାଜତ୍ୱ, ଦୁନ୍ଦୁଭି ରାକ୍ଷସ ବଧ, ସୁଗ୍ରୀବ ବିତାଡ଼ିତ ଆଦି ଦୃଶ୍ୟ ଅଭିନିତ ହୋଇଥିଲା ଏହି ସନ୍ଧ୍ୟାରେ । ଗୁରୁବାର ରାବଣ ଦରବାରରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତି ଓ ବିଦ୍ୟୁତ୍ ବିଭାଗୀୟ ଏସ୍‌ଡିଓ ଚୌଧୁରୀ ଜଗନ୍ନାଥ ଜେନା ରାଜଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ଅଙ୍ଗହାର ନୃତ୍ୟାୟନ ଦଳ ନୃତ୍ୟ ପରିବେଷଣ କରିଥିଲେ । ଏହାସହ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ନବରାତ୍ର ଅଖଣ୍ଡ ନାମଜପରେ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ଯୋଗଦେଇ ରାମନାମ ଗାନ କରୁଛନ୍ତି । ଶୁକ୍ରବାର ଅଯୋଧ୍ୟା ମଞ୍ଚରେ ବନ୍ଦିତା ନାୟକଙ୍କ ରାମାୟଣ ପାରାୟଣ, ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଛପନ ଭୋଗ ଲାଗି ଏବଂ ରାବଣ ଦରବାରରେ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

**ରାମଲୀଳା ଓ ନବରାତ୍ର ଅଖଣ୍ଡ ନାମଜପ**



ଭେଡେନ ରାମଲୀଳାରେ ସୀତାଚୋରି ଦୃଶ୍ୟ ଅଭିନୀତ ।

# ଡୁମେରପାଲିରେ ଭାଗବତ ଟୁଙ୍ଗି ଉଦ୍‌ଘାଟିତ

**ସୋହେଲା,୩୧।୧(ଡି.ଏନ.ଏ)**

ସୋହେଲା ବ୍ଲକ ଛୁରିଆପାଲି ପଞ୍ଚାୟତ ଅନ୍ତର୍ଗତ ଡୁମେରପାଲି ଗ୍ରାମରେ ବିଧାୟକ ପାଣ୍ଠିରୁ ୩ଲକ୍ଷ ୨୫ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଭାଗବତ ଟୁଙ୍ଗିକୁ ବୁଧବାର ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ସକାଳେ ଗ୍ରାମର ମହିଳାମାନେ ବଡକଟାରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ଭାଗବତ ଟୁଙ୍ଗିରେ ସ୍ଥାପନ କରିବା ପରେ ସତ୍‌ସଙ୍ଗ ହୋଇଥିଲା । ସୋହେଲା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମ ଦାଣ୍ଡରେ ଏକ ସଭା ଆୟୋଜନ କରାଯାଇଥିଲା । ପୂର୍ବତନ ସରପଞ୍ଚ ଦିବାକର ବରିହା ସଭା ପରିଚାଳନା କରିଥିଲେ । ଏହି ଅବସରେ ମନ୍ତ୍ରୀ ସିଂ ୯୮ଜଣ ଶ୍ରମିକଙ୍କୁ ଲେବର କାର୍ଡ ବଣ୍ଟନ କରିଥିଲେ । ବିଜୟ ବାରିକ, ନରେଶ କୁମାର ବାରିକ, ଶତ୍ରୁଘ୍ନ ବାରିକ, ପ୍ରହଲ୍ଲାଦ ଦୀପ ଓ ପ୍ରଫୁଲ୍ଲ ପଧାନ ମଞ୍ଚାସୀନ ଥିଲେ। ଟୁଙ୍ଗି ଉଦ୍‌ଘାଟନ ଅବସରରେ ଏକ ସତ୍ୟନାରାୟଣ ପୂଜାର ଆୟୋଜନ କରାଯାଇଥିଲା । ଏଥିରେ ମନୋରଞ୍ଜନ ବାରିକ ଓ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ବାରିକ କର୍ତ୍ତା ଓ ଗଣନାଥ ଦେବତା ପୂଜକ ଦାୟିତ୍ୱ ସମ୍ପାଦନ କରିଥିଲେ । ରାତିରେ ପ୍ରହଲ୍ଲାଦ ଦୀପ, ଫଟାମୁଣ୍ଡାର ପାର୍ବତୀ ଓ କପାସିରାର ଦ୍ରୌପଦୀ ବାହକ କଳାସଞ୍ଚାର ପରିବେଷଣ କରିଥିଲେ। ଭାଗବତ ଟୁଙ୍ଗୀର ପ୍ରତିଷ୍ଠାତା ମୁଲଜୀ ମହାରାଜା(ଲହଣ୍ଡା)ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ହରେକୃଷ୍ଣ ବାରିକ, ଭାଗବତ ସଂଘର ତସିଲ ବାରିକ, ସରୋଜ ବାରିକ, ସୁନ୍ଦର ଗରିଆ, ବିଜୟ ବାରିକ, ବିଶ୍ୱାମିତ୍ର ଛତର, ଶ୍ୟାମଲାଲ ସାହୁ, ସତ୍ୟା ବିଶ୍ୱାଳ, ଭୁବନେ ଭୁଏ, ଡାକ୍ତର ସାହୁ ଓ ଚିନ୍ତାମଣି ଗରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମୋ ସ୍କୁଲ ଅଭିଯାନ ଉତ୍ସବ

# ଉନ୍ନୟନ କାମରେ ଲାଗିବ ସଂଗୃହୀତ ରାଶି



ମୋ ସ୍କୁଲ ଅଭିଯାନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ପାଇକମାଲ, ୩୧।୧(ଡି.ଏନ.ଏ)**

ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବ ପ୍ରଧାନ ଶିକ୍ଷକ ଚାରୁ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଇକମାଲ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ବିଇଓ ଚୂଡାମଣି ବାରିକ, ଜିଲା ପରିଷଦ ସଦସ୍ୟା ରମଳା ଲୁହାର, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନକଲାଲ ମେହେର, ପୂର୍ବତନ ପ୍ରଧାନ ଶିକ୍ଷକ ଅନୀଲ କୁମାର କାଳିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବ୍ୟାଡମିଣ୍ଟନ କୋର୍ଟ୍ ଉଦଘାଟନ କରାଯାଇଥିଲା । ବିଦ୍ୟାଳୟ ଅଭିଯାନ ଦ୍ୱାରା ୧ଲକ୍ଷ ୯୪ହଜାର ୨ଶହ ଟଙ୍କା ସଂଗ୍ରହ କରାଯାଇଥିଲା । ସରକାରଙ୍କ ପ୍ରଦତ୍ତ ଟଙ୍କା ମିଶାଇ ମୋଟ ୫ଲକ୍ଷ ୮୨ହଜାର ୬ଶହ ଟଙ୍କା ସ୍କୁଲର ଉନ୍ନତି ପାଇଁ ବିନିଯୋଗ କରାଯିବ ବୋଲି ପ୍ରଧାନ ଶିକ୍ଷକ ମହାନ୍ତି ସୂଚନା ଦେଇଥିଲେ । ବାର୍ଷିକ କ୍ରୀଡାର କୃତୀ ଖେଳାଳିମାନଙ୍କୁ ଅଭିଯାନର ସଭ୍ୟାସଭ୍ୟ ପ୍ରେମସାଗର ଫୌଜଦାର, ମହାଦେବ ବେହେରା, ବିନୋଦ କୁମାର କାଳିଆ, ଡୋଲାମଣି ମାହାର, କୁସୁମ କୁମାର ରାଓ, ଗୁପତରାମ ବାରିକ, ଡ. ଜୟଶ୍ରୀ ସାହୁ, ନରେନ୍ଦ୍ର ସାହୁ, ଡ. ରତନ କୁମାର ଅଗ୍ରୱାଲ, ରମେଶ ସାହୁ, ଉଗ୍ରସେନ ସାହୁ, ନନ୍ଦକିଶୋର ଶ୍ରୀବାସ୍ତବ, ରାଜକିଶୋର ସାହୁ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ ପାଣ୍ଠିକୁ ରମଳା ଲୁହାର ୧ହଜାର ଟଙ୍କା ଓ କୁସୁମ କୁମାର ରାଓ ୫ହଜାର ଟଙ୍କା ପ୍ରଦାନ କରିଥିଲେ । ବିଶ୍ୱନାଥ ସାହୁ, ସୁଦର୍ଶନ ମହାକୁର, ମନୋଜ ସାହୁ, ଅକ୍ଷୟ କୁମାର ଦାସ, ଅମ୍ବିକା ନାୟକ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ହାଇକୋର୍ଟ ବେଞ୍ଚ ଆଜିଠୁ ଅଦାଲତ ଅଚଳ କରିବେ ଓକିଲ

**ବରଗଡ଼ ଅଫିସ୍,୩୧।୧**

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ଗୁରୁବାର ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଗତ ୭ତାରିଖରୁ କୋର୍ଟ, କଚେରୀ, ରାଜସ୍ୱ ବିଭାଗ ଆଦିକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇଥିବା ପ୍ରକ୍ରିୟା ବଳବତ୍ତର ରଖାଯିବା ସହିତ ଆସନ୍ତା ଫେବୃୟାରୀ ୧ତାରିଖରୁ ସାଧାରଣ ନିର୍ବାଚନ ବିଜ୍ଞାପନ ପ୍ରକାଶ ପାଇବା ପର୍ଯ୍ୟନ୍ତ ପିକେଟିଂ କରି ଅଦାଲତ ଗୁଡ଼ିକୁ ଅଚଳ କରାଯିବା ଭଳି ଚରମ ନିଷ୍ପତ୍ତି ନିଆଯାଇଛି । ଏହାସହିତ ପ୍ରତିଦିନ ବେଞ୍ଚ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନାତ୍ମକ ପନ୍ଥାକୁ ସମୀକ୍ଷା କରି ତଦନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ସଂଘ ସାଧାରଣ ସମ୍ପାଦକ ଲିପସିତ୍ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଅତାବିରା, ୩୧।୧ (ଡି.ଏନ.ଏ)**

ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହାଇସ୍କୁଲର ପ୍ରଧାନଶିକ୍ଷକ ବି. କେ. ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ. ଏସ ପୁରୋହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡା ଶିକ୍ଷକ ଭୁବନେଶ୍ୱର ମହାକୁର ବାର୍ଷିକ ବିବରଣୀ ପାଠ କରିଥିଲେ। କାଦୋବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରାମଚନ୍ଦ୍ର ବରିହା ମୁଖ୍ୟଅତିଥି, ଏନସିସି ଅଫିସର ଆଶୁତୋଷ ଦେ ମୁଖ୍ୟବକ୍ତା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଅରୁଣ ସାହୁ, ସାମାଜିକ କର୍ମୀ ଜୟଦେବ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବୌଦ୍ଧକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଘୋଷଣା

**ବୌଦ୍ଧ, ୩୧।୧(ସ୍ୱ.ପ୍ର)**

ବୌଦ୍ଧ ସହରକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଭାବେ ଗୁରୁବାର ଘୋଷଣା କରାଯାଇଛି। ଏ ନେଇ ବୌଦ୍ଧ ବିଜ୍ଞାପିତ ଅଞ୍ଚଳର ପରିଷଦ ପକ୍ଷରୁ ଏକ ବୈଠକ ଟାଉନହଲରେ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି, ପରିବେଶବିତ୍ ତଥା ଅଧ୍ୟାପକ ପ୍ରବୀର ଦାସ, ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗର ଡିପିଏମ ସୋନାଲି, ଅଧ୍ୟାପକ ଦିଲୀପ କୁମାର ଖୁଣ୍ଟିଆ, ବୌଦ୍ଧ ସିଡିପିଓ ମୀନତି ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱଚ୍ଛ ରହିଲେ ସୁସ୍ଥ ରହିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହାସହ ବାହାରେ ମଳତ୍ୟାଗ କରିବା ଦ୍ୱାରା ପରିବେଶ ଦୂଷିତ ହେବା ସହ ଆମେ ବିଭିନ୍ନ ରୋଗରେ ପଡୁଛେ। ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବାକୁ ସେମାନେ ପରାମର୍ଶ ଦେଇଥିଲେ । ବୌଦ୍ଧ ସହରକୁ ଗୁରୁବାର ଠାରୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଘୋଷଣା କରାଯାଇଥିଲା । ଏହି ଅବସରରେ ସହରକୁ ଖୋଲା ଶୌଚମୁକ୍ତ ସହରର ଭାବେ ଗଢି ତୋଳିବାକୁ ଶପଥ ପାଠ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରରେ ୬୬୨ ଜଣଙ୍କୁ ଶୌଚାଳୟ ଯୋଗାଇ ଦିଆଯାଇଥିବା ବେଳେ ୩୬ଟି ଗୋଷ୍ଠୀ ଶୌଚାଳୟ ଓ ୧୫ଟି ସାଧାରଣ ଶୌଚାଳୟ ନିର୍ମାଣ କରାଯାଇଛି । ଏହି ବୈଠକରେ ବିଜ୍ଞାପିତ ଅଞ୍ଚଳର ସମସ୍ତ କର୍ମଚାରୀ ଓ ସହରର ମହିଳାମାନେ ଯୋଗ ଦେଇଥିଲେ ।

## ରାଜ୍ୟପାଳଙ୍କ ବୌଦ୍ଧ ଜିଲା ଗସ୍ତ

# ଗ୍ରାମାଞ୍ଚଳର ଉନ୍ନତିରେ ଦେଶର ଉନ୍ନତି ସମ୍ଭବ




ରାଜ୍ୟପାଳ ଗଣେଶୀ ଲାଲ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି ।

**ବୌଦ୍ଧ,୩୧।୧(ସ୍ୱ.ପ୍ର)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ । ସେ ଅପରାହ୍ନ ୧ଟାବେଳେ ବୌଦ୍ଧ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲାର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ବୈଠକରେ ଯୋଗ ଦେଇଥିଲେ । ମହାତ୍ମାଗାନ୍ଧୀ ଗ୍ରାମ ସ୍ୱରାଜ୍ୟର ସ୍ୱପ୍ନ ଦେଖୁଥିଲେ । ତେଣୁ ଗ୍ରାମାଞ୍ଚଳର ଉନ୍ନତି ହୋଇପାରିଲେ ଦେଶର ଉନ୍ନତି ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ । ଏହାସହ ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ପ୍ରକଳ୍ପ ଗୁଡିକ ଯେପରି ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇପାରିବ ସେଥିପାଇଁ ସେ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ରାଜ୍ୟପାଳ ହରଭଙ୍ଗା ବ୍ଲକର ବୀରନରସିଂହପୁର ସ୍ଥିତ ବାଳାଶ୍ରମ ଏବଂ ଝାଡରାଜିଙ୍ଗ ସ୍ଥିତ ସେବାଶ୍ରମ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ସହ ମତ ବିନିମୟ କରିଥିଲେ । ଏହି ଅବସରରେ ଜିଲାପାଳ ସୀତାଂଶୁ କୁମାର ରାଉତ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସମାରୋହରେ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୩୧।୧**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟିଙ୍ଗିପାଲି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସେବକ ପ୍ରଧାନଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଶିକ୍ଷା କମିଟିର ଅଧ୍ୟକ୍ଷ ନବୀନ ସାହୁ ସଭାପତିତ୍ୱ କରିଥିଲେ । ଏବିଇଓ ରାଜକିଶୋର ପୂଝାରୀ ମୁଖ୍ୟଅତିଥି, ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ଏବଂ ଶିକ୍ଷକ ରଶ୍ମିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦଲାଲ ବିଶ୍ୱାଳ, ଆନନ୍ଦ ପ୍ରଧାନ ତଥା ସାଧନକେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ଭୋସାଗର ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀଛାତ୍ର, ଗ୍ରାମବାସୀ, ଶିକ୍ଷକ ସଙ୍ଗଠନ ତରଫରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉପଢ଼ୌକନ ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ

**ବୌଦ୍ଧ/ଜହ୍ନାପଙ୍କ, ୩୧।୧(ସ୍ୱ.ପ୍ର/ଡି.ଏନ.ଏ.)**

ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣ ନଗରଠାରେ ଗୁରୁବାର ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଛି। ନୋଡାଲ ଅଫିସର ଅଶେଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ସଭାପତି ସୌମିତ୍ରୀ ନାଏକ ମୁଖ୍ୟଅତିଥି, ସାମାଜିକ କର୍ମୀ ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ସାମାଜିକ କର୍ମୀ ସୁଧାଂଶୁ ଡାଙ୍ଗ, ଭୋଳାଗିରି ସାହୁ, ବିଶିକେସନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଜ୍ଜ୍ୱଳା ଯୋଜନା ଉରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀଙ୍କ ସହିତ ଉଜ୍ଜ୍ୱଳା ହିତାଧିକାରୀମାନେ ଆଲୋଚନା କରିଥିଲେ। ପ୍ରଶାନ୍ତ ରାଉତରାୟ ଓ ସଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିଲେ ।

# ଶହୀଦ ପଦ୍ମଲୋଚନଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୩୧।୧**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲ ପରିସରରେ ଗୁରୁବାର ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଛି । ଏହି ଦିବସକୁ ସ୍କୁଲରେ ଶହୀଦ ଦିବସ ଭାବେ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ତରଫରୁ ପୂର୍ବତନ ଛାତ୍ର ଶହୀଦ ପଦ୍ମଲୋଚନ ମାଝୀ, ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶ ଏବଂ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଅବସରପ୍ରାପ୍ତ ସୈନିକ ବିଦ୍ୟୁତ୍ ଦାଶ, ଭାଗବତିଆ ପରୁଆ ଏବଂ ସାମାଜିକ କର୍ମୀ ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଗୁଣଗାନ କରିବା ସହିତ ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ଯବାନଙ୍କ ବଳିଦାନ ଗାଥା ବଖାଣିଥିଲେ ।



ଅତିଥିମାନେ ଶହୀଦଙ୍କ ସ୍ମୃତିଚାରଣ କରୁଛନ୍ତି ।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



# ମଉଳିକ ସୁବିଧାରୁ ବଁଚିତ ଲହୁମୁଣ୍ଡାବାସୀ

**ଲାଠୋର, ୩୧।୧ (ଡି.ଏନ.ଏ)**

ଜମି ଲିଜ୍ ପ୍ରଦାନ ନେଇ ଜଲଦା ପଞ୍ଚାୟତବାସୀଙ୍କ ପକ୍ଷରୁ ଲାଠିକଟା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୩୧।୧

ବାସନ୍ତୀ କୋଲୋନୀ ଜଗନ୍ନାଥ ମନ୍ଦିର ନିକଟ ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ଶିଡ଼ିଘର ନିକଟରୁ ଗୁରୁବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏନେଇ ଉଦିତନଗର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ମର୍କେଟ କମ୍ପ୍ଲେକ୍ସ ଉପର ମହଲାରେ ଆଜିପର୍ଯ୍ୟନ୍ତ ଦୋକାନ ଆରମ୍ଭ କରାଯାଇ ନାହିଁ। ଏପରି ସ୍ଥଳେ ମୃତ ବ୍ୟକ୍ତି କାହିଁକି ଶିଡ଼ି ଉପରକୁ ଆସିଥିଲେ ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ସେ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443 7077432760
AT/PO: Jambhirai, Baleswar, Odisha- 756024

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927 7787922501 9319932148
Email id- pmjansamridhi@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765 8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.: 9179208056 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
24 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306 9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା। ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081 8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128 7508116267
T-51, Gali No.8, Gautampuri, Delhi-110053

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧ ଫେବୃୟାରୀ, ୨୦୧୯



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ଥୋମାସ୍ କାର୍ଲାଇଲ୍



## ସଂକ୍ଷେପରେ

### ଆକାଶବାଣୀରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର, ୩୧।୧(ବ୍ୟୁରୋ)- ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଗୁରୁବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମୁଖ୍ୟ ଏମ୍‌ଆର୍‌କେ ରାଓ, କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ଜୟରାମ ମୁଣ୍ଡା, ମନୋଜ ପୂଜାରୀ ଅତିଥି ଭାବେ ଯୋଗଦେଇ ଜଗଦୀଶ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ରିକ୍ରିଏସନ୍ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସଭାକୁ ପରିଚାଳନା କରିଥିଲେ। ସନ୍ତୋଷ ପିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଯାନ୍ତ୍ରିକ ବିଭାଗର କର୍ମଚାରୀ ଜଗଦୀଶ ପଟ୍ଟନାୟକ ୧୯୯୪ରୁ ୨୫ ବର୍ଷ ଧରି ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ କାମ କରୁଥିଲେ। ଏହାପୂର୍ବରୁ ସେ ୧୯୭୭ରୁ ୧୯୯୨ପର୍ଯ୍ୟନ୍ତ ବାୟୁସେନାରେ କାର୍ଯ୍ୟରତ ଥିଲେ। ଶ୍ରୀଲଙ୍କାରେ ଭାରତୀୟ ଶାନ୍ତିରକ୍ଷା ବାହିନୀରେ ମଧ ସେ କାମ କରିଥିଲେ। ଆକାଶବାଣୀ ରିକ୍ରିଏସନ୍ କ୍ଲବ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

### ସାହସପୁର ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୩୧।୧(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସାହସପୁର ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମାନେଶ୍ୱର ବ୍ଲକ ଏମ୍‌ପିଙ୍କ ନୋମିନି ଗୋପୀରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ତିଲୋତ୍ତମା ବାଗ, ସମିତି ସଭ୍ୟା ବୀଣାପାଣି ବେହେରା, ଜିଲାପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୋଲି, କେଶବ ସେଠ, କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବୈଜୟନ୍ତୀମାଲା ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଳିକା ଶିକ୍ଷା ଉପରେ ଏକ ଇଂଲିଶ ନାଟକ ପରିବେଷଣ ହୋଇଥିଲା।

### ଗୁଲୁମେଶ୍ୱରୀ ମନ୍ଦିର ପ୍ରତିଷ୍ଠା

ପଡିଆବାହାଲ, ୩୧।୧(ଡି.ଏନ.ଏ.,)- ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବଡସାହି ଗୁଲୁମେଶ୍ୱର ଘାଟିରେ ନିର୍ମାଣ ହୋଇଥିବା ଗୁଲୁମେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଗୋକୁଳାନନ୍ଦ ମହାକୁର ଏବଂ ତାଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ ମହାକୁରଙ୍କ ନେତୃତ୍ୱରେ ଭୂମି ପୂଜନ, ବେଦ୍ୟାରମ୍ଭ ଓ ରତ୍ନମୋଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଆଗାମୀ ୫ ତାରିଖ ମଙ୍ଗଳବାର କଳସ ଅଧିବାସ, ଅଙ୍କୁରାରୋପଣ, ୬ତାରିଖରେ କଳସ, ମଣ୍ଡଳ ପୂଜା, ବିଗ୍ରହ ସ୍ଥାପନ, ୭ ତାରିଖରେ ଗୋପୂଜା, ପୂର୍ଣ୍ଣାହୁତି ମା' ଗୁଲୁମେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା, ମନ୍ଦିର ପ୍ରବେଶ ପରେ ଅନୁଷ୍ଠିତ ହେବ । ଏନେଇ ଶ୍ରଦ୍ଧାଳୁମାନଙ୍କୁ ଯୋଗଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରେଙ୍ଗାଲି,୩୧।୧(ଡି.ଏନ.ଏ)- ଠେଲକୁଲି ଥାନା ଅଧୀନ ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୀରମହାରାଜପୁର ଥାନା ଅଧୀନ ନୂଆଁଗଡ଼ର ସୁନୀଲ ପ୍ରଧାନ (୨୮)। ମିଳିଥିବା ସୂଚନା ମୁତାବକ, ସୁନୀଲ ଏକ ନୂଆଁ ଆପାଚି ଗାଡିରେ ସମ୍ବଲପୁର ଯାଉଥିବା ବେଳେ ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଠେଲକୁଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ହୀରାକୁଦରେ ରୋପ ୱେ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ

ହୀରାକୁଦ, ୩୧।୧ (ଡି.ଏନ.ଏ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଗାନ୍ଧୀମିନାରଠାରୁ ନେହେରୁ ଉଦ୍ୟାନ ପର୍ଯ୍ୟନ୍ତ ରୋପ ୱେର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଭିଡିଓ କନଫେରେନ୍ସିଂ ଜରିୟାରେ ସମ୍ବଲପୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାର ପ୍ରସ୍ତୁତି କରାଯାଇଛି। ଅନ୍ୟପକ୍ଷେ ଲୋକେ ଏହାର ମଜା ନେବା ପାଇଁ ଅପେକ୍ଷା କରିଛନ୍ତି।

# ବିଜୁ ଯୁବ ସମାବେଶ ଚୂଡ଼ାନ୍ତ ପ୍ରସ୍ତୁତି

ସମ୍ବଲପୁର,୩୧।୧(ବ୍ୟୁରୋ)

ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମଠାରେ ଶୁକ୍ରବାର ବିଜୁ ଯୁବ ସମାବେଶ ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ଜିଲା ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ ଦେଇଛନ୍ତି। ଜିଲାପାଳ ବର୍ମା ଓ ଅଧିକାରୀମାନଙ୍କୁ ନେଇ ଷ୍ଟାଡିୟମରେ ଏକ ବୈଠକ ହୋଇଥିଲା। ବୈଠକରେ ଟ୍ରାଫିକ ସମସ୍ୟା, ଗାଡି ପାର୍କିଂ, ବାହାର ଜିଲାରୁ ଆସୁଥିବା ଯୁବକମାନଙ୍କ ପାଇଁ ରହିବା, ଖାଇବା ସହ ଟିକିନିଖି ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଏପରି କି ଅନୁଗୋଳ, ଦେବଗଡ଼ ଜିଲାରୁ ଆସିଥିବା ଯୁବ ଗୋଷ୍ଠୀଙ୍କ ପାଇଁ ଗୁରୁବାର ହୋଇଥିବା ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ମହାନଦୀ ଦ୍ୱିତୀୟ ସେତୁ, ହୀରାକୁଦ ରୁପ ୱେ, ଜିଲା ସଦର ଡାକ୍ତରଖାନରେ ନିର୍ମାଣ ହୋଇଥିବା କୋଠା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଷ୍ଟାଡିୟମରେ ଆୟୋଜିତ ବିଜୁ ଯୁବ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନା ଯୋଗ୍ୟ, ଏହି ସମାବେଶରେ ସମ୍ବଲପୁର ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ, ଦେବଗଡ଼, ଅନୁଗୋଳ ଜିଲାରୁ ୩୫ ହଜାରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପରି କି ସ୍ଥାନୀୟ କଳାକାରମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି।



ସମ୍ବଲପୁର ବିଜୁ ଯୁବ ସମାବେଶ କାର୍ଯ୍ୟକ୍ରମକୁ ନେଇ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

- ପ୍ରଶାସନିକ ଅଧିକାରଙ୍କ ସହ ଜିଲାପାଳଙ୍କ ବୈଠକ
- ଟ୍ରାଫିକ, ଖାଦ୍ୟ, ପାନୀୟରେ ସମୀକ୍ଷା

## ସିଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସମ୍ବଲପୁର ଜେସିସି ଚାମ୍ପିୟନ

ରେଢ଼ାଖୋଲ,୩୧।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୨୬ତମ ଶୀଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ସମ୍ବଲପୁର ଜେସିସି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ବୌଦ୍ଧ ଦଳ ଏବଂ ସମ୍ବଲପୁର ଜେସିସି ମଧ୍ୟରେ ହୋଇଥିଲା। ବୌଦ୍ଧ ଦଳ ଟସ ଜିଣି ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ଜେସିସି ଦଳ ୯ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରି ଟୁର୍ନାମେଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ବିବେଚିତ ହୋଇଥିଲ। ଖେଳକୁ ସଞ୍ଜୟ ସାହୁ ଏବଂ ସୁନିଲ ରାଉତ ପରିଚାଳାନା କରିଥିଲେ। ଆୟୋଜକ କ୍ଲବ ସଭାପତି ତଥା ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବଂଶାଜାଲ ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦୀତ ତ୍ରିପାଠୀ, ମୁର୍ଚ୍ଛୁଣି ସରପଞ୍ଚ ଲବ ସାହୁ, ସମିତି ସଭ୍ୟ ସୁଶାନ୍ତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ମହାଲିକ, ମିଳନ ପ୍ରଧାନ, ମନୋରଞ୍ଜନ ସାହୁ, ବିକ୍ରମ ପ୍ରଧାନ, ରାଜେଶ ପ୍ରଧାନ, ନଗେନ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

# ଶହୀଦ ପଦ୍ମଲୋଚନଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୩୧।୧

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲ ପରିସରରେ ଗୁରୁବାର ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଛି । ଏହି ଦିବସକୁ ସ୍କୁଲରେ ଶହୀଦ ଦିବସ ଭାବେ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ତରଫରୁ ପୂର୍ବତନ ଛାତ୍ର ଶହୀଦ ପଦ୍ମଲୋଚନ ମାଝୀ, ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶ ଏବଂ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଅବସରପ୍ରାପ୍ତ ସୈନିକ ବିଦ୍ୟୁତ୍ ଦାଶ, ଭାଗବତିଆ ପରୁଆ ଏବଂ ସାମାଜିକ କର୍ମୀ ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଗୁଣଗାନ କରିବା ସହିତ ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ଯବାନଙ୍କ ବଳିଦାନ ଗାଥା ବଖାଣିଥିଲେ ।



ଅତିଥିମାନେ ଶହୀଦଙ୍କ ସ୍ମୃତିଚାରଣ କରୁଛନ୍ତି ।

## ୩ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ପ୍ରଧାନ ଶିକ୍ଷକଙ୍କୁ ଲଣ୍ଡାକଲେ ଗ୍ରାମବାସୀ

ବାରିପଦା ଅଫିସ, ୩୧।୧

ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନ ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ତିନି ଛାତ୍ରୀଙ୍କୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଗୁରୁବାର ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ଲଣ୍ଡା କରିଛନ୍ତି। ଖବର ପାଇ ଥାନା ଅଧିକାରୀ ସଞ୍ଜୟ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଛାତ୍ରୀମାନଙ୍କ ଅଭିଭାବକ ଥାନାରେ ଲିଖିତ ଅଭିଯୋଗ କରି ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ। ପ୍ରଧାନଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ସଞ୍ଜୟ କହିଛନ୍ତି।

ଅଭିଭାବକ ଅଭିଯୋଗ କରିଛନ୍ତି ଯେ, ଗତ ୨୯ ତାରିଖରେ ସମ୍ପୃକ୍ତ ଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀମାନେ ନିଜ ଘରେ ଘଟଣା ସମ୍ପର୍କରେ ଜଣାଇଥିଲେ। ସେହିଦିନଠାରୁ ପ୍ରଧାନଶିକ୍ଷକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସ୍କୁଲକୁ ଆସୁ ନ ଥିଲେ। ଗୁରୁବାର ବିଦ୍ୟାଳୟକୁ ପ୍ରଧାନଶିକ୍ଷକ ଆସିବା ପରେ ଗ୍ରାମବାସୀ ତାଙ୍କୁ ଘେରିଯାଇଥିଲେ। ପରେ ଅଟକ ରଖି ତାଙ୍କୁ ନଣ୍ଡା କରିଥିଲେ।

# ବାମରାଠାରେ ଦୋଳ ଉତ୍ସବ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୩୧।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଯାଦବ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ ପାଳନ ନେଇ ବାମରା ପଣ୍ଡରୀପଥରଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିରଞ୍ଚି ଦର୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୧୭ ତାରିଖରେ ଦୋଳ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ସାଂସ୍କୃତିକ ଶୋଭାଯାତ୍ରା, ପ୍ରଭୁ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ସ୍ଥିର ହୋଇଛି । ଦୋଳ ଉତ୍ସବ ମଞ୍ଚରେ ମାଟ୍ରିକ ଓ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଯାଦବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି । ଦୋଳ ଉତ୍ସବ ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି । ଏଥିରେ ରବିନାଥ ଘୋଷି, ପ୍ରଶାନ୍ତ ରାଉତ, ସରୋଜ ପରୁଆ, ଶଶୀ ଗୌଡ, କିଶୋର ଭଇଁଷା, କନ୍ଦର୍ପ ପୂଜାରୀ, କିଶୋର ଗୋପାଳ, ମହେଶ୍ୱର ମାକର, ଜନ୍ମ ବାଘ, ହରିଶ୍ଚନ୍ଦ୍ର ଭଇଁଷା, ରାଜେନ୍ଦ୍ର କର୍ସେଲ, ମନବୋଧ କର୍ସେଲ, ଖଗେଶ୍ୱର ଭଇଁଷା, ପ୍ରତିମା କର୍ସେଲ, ଫୁଲ ରକ୍ସା, ଶୁକାନ୍ତି ପୂଜାରୀ ପ୍ରମୁଖ ସଭ୍ୟା ସଭ୍ୟ ରହିଛନ୍ତି । ଦୋଳ ଉତ୍ସବକୁ ଆଡମ୍ବରରେ ପାଳନ କରିବାକୁ ସଭାପତି ଦର୍କା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଜିଲା ଉପସଭାପତି ସନାତନ ଭଇଁଷା, ଜିଲା ନେତ୍ରୀ ଚିନୁପମା ଭଇଁଷା, କୁଶ ଚନ୍ଦ୍ର ଭଇଁଷା, ଅଶୋକ ବଗର୍ତ୍ତି, ଲବଣୀଧର ନିଉଡି, ନରୋତ୍ତମ ଭଇଁଷାଙ୍କ ସମେତ ବ୍ଲକ ଅଧୀନ ୧୭ଟି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଏମ୍‌ୟୁ ଫାଟକରେ କ୍ୟାଣ୍ଡେଲ ଶୋଭାଯାତ୍ରା

ସମ୍ବଲପୁର,୩୧।୧(ବ୍ୟୁରୋ)

ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଠାରେ ଖୋର୍ଦ୍ଧା ବେଗୁନିଆର ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ଆରମ୍ଭ ହୋଇ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆସିଥିଲା। ପରେ ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ଭାରତ ଓ ପାକିସ୍ତାନ ସୀମାରେ ଶହୀଦ ହେବା ସଂଖ୍ୟା ବଢୁଥିବା ଯୋଗୁ ଯୁବ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆବାହକ ସଙ୍ଗୀତ ମହାନ୍ତି, ମିଳନ ହୋତା, ଲକ୍ଷ୍ମୀ ମହାପାତ୍ର, ପ୍ରକାଶ ଡାଙ୍ଗ, ଦେବଜ୍ୟୋତି ପଟ୍ଟନାୟକ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ସେଲମା, ଚୁମନ ପ୍ରଧାନ, ଚିନ୍ମୟ ପଣ୍ଡା, ଶୁଭମ ସାହୁ, ସୁରଜ ନେଗୀ, ଏନ୍ ବିଶ୍ୱାଳ, ପୂର୍ଣ୍ଣ ବିଶ୍ୱାଳ, ଚିଣ୍ଟୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।




ଗୁରୁବାର ସମ୍ବଲପୁର ଜିଏମ୍‌ୟୁ ମୁଖ୍ୟ ଫାଟକରେ ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିରେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ଗଞ୍ଜାମ ଜିଲାକୁ ଫେରୁଛି କୁଷ୍ଠ

# ୬ବର୍ଷରେ ୪ହଜାର ରୋଗୀ ଚିହ୍ନଟ

ଆଶୀର୍ବାଦ ରାଉତ
ବ୍ରହ୍ମପୁର ଅଫିସ,୩୧।୧

ସରକାରୀ ଏବଂ ବେସରକାରୀ ସ୍ତରରେ ବହୁ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ, କୁଷ୍ଠକୁ ନେଇ ଆଜି ମଧ୍ୟ ସାମାଜିକ ଦୃଷ୍ଟିକୋଣ ବଦଳି ନାହିଁ। କୁଷ୍ଠରୋଗୀଙ୍କୁ ଜଣେ ରୋଗୀ ଭାବେ ନୁହଁ, ବରଂ ଜଣେ ଅଭିଶପ୍ତ ମଣିଷରେ ଗଣାଯାଏ। ତାଙ୍କୁ ଛୁଇଁବା କିମ୍ବା ତାଙ୍କ ପାଖରେ ବସିବାକୁ ଆଜି ଯାଏ ପାପ ବୋଲି କୁହାଯାଏ। ଅନ୍ୟପଟେ ଦେଖିବାକୁ ଗଲେ, ଗତ ଏକ ଦଶନ୍ଧି ହେଲା କୁଷ୍ଠ ରୋଗ ଗଞ୍ଜାମରେ କାୟାବିସ୍ତାର କରିବାରେ ଲାଗିଛି। ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ୁଛି। ଯେଉଁ କୁଷ୍ଠ ଗଞ୍ଜାମ ଜିଲାରୁ ମୂଳପୋଛ ଆଡ଼କୁ ଅଗ୍ରସର ହେଉଥିଲା, ଗତ କିଛିବର୍ଷ ହେଲା ସେହି କୁଷ୍ଠ ପୁଣିଥରେ ଜିଲାକୁ ଫେରୁଛି। ମାତ୍ର ୬ବର୍ଷ ଭିତରେ ୩ ହଜାର ୯୩୨ଜଣ ନୂତନ କୁଷ୍ଠରୋଗୀ ଚିହ୍ନଟ, ଏ ଉକ୍ତିକୁ ପ୍ରମାଣିତ କରୁଛି।

ସରକାରୀ ତଥ୍ୟ କହୁଛି, ୨୦୦୯-୧୦ ରେ ଗଞ୍ଜାମ ଜିଲାରେ ମାତ୍ର ୨୭୯ ନୂତନ କୁଷ୍ଠରୋଗୀ ଚିହ୍ନଟ ହୋଇଥିଲେ। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇବଢ଼ିଛି। ୨୦୧୭-୧୮ରେ ୭୩୧ ନୂତନ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୮ ଏପ୍ରିଲ୍‌ରୁ ଡିସେମ୍ବର ଭିତରେ ୫୭୨ ରୋଗୀ ଚିହ୍ନଟ ହୋଇ ସାରିଲେଣି। ବର୍ଷ ସରିବାକୁ ଆହୁରି ୩ ମାସ ଥିବା ବେଳେ ରୋଗୀଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରିକି ଶିଶୁରୋଗୀଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି। ୨୦୦୯-୧୦ ରେ ଚିହ୍ନଟ ହୋଇଥିବା ମୋଟ ରୋଗୀଙ୍କ ମଧ୍ୟରୁ ଶିଶୁଙ୍କ ସଂଖ୍ୟା ଥିଲା ୪୩ ଅର୍ଥାତ୍ ୧୫.୪ପ୍ରତିଶତ। ୨୦୧୭-୧୮ରେ ଶିଶୁ ରୋଗୀଙ୍କ ସଂଖ୍ୟା ହେଉଛି ୫୪। ୨୦୧୮ ଏପ୍ରିଲ୍‌ରୁ ଡିସେମ୍ବର ଭିତରେ ୪୮ଶିଶୁ କୁଷ୍ଠ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

ଏହି ସଂଖ୍ୟା ଗଞ୍ଜାମ ଜିଲାରେ ମାରାତ୍ମକ ହେଉଥିବା କୁଷ୍ଠ ରୋଗକୁ ଦର୍ଶାଉଛି। କୁଷ୍ଠ ରୋଗୀଙ୍କୁ ସମାଜରେ ଏକ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ରୋଗୀମାନେ ସାମାଜିକ ବାସନ୍ଦର ଶିକାର ହୁଅନ୍ତି। ଏନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଜାନୁୟାରୀ ୩୦ ତାରିଖରୁ ଫେବୃୟାରୀ ୧୪ତାରିଖ ପର୍ଯ୍ୟନ୍ତ 'ସ୍ପର୍ଶ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗାଁ କଲ୍ୟାଣ ସମିତି ତରଫରୁ ପ୍ରତ୍ୟେକ ଗ୍ରାମ ଏବଂ ସ୍କୁଲଗୁଡ଼ିକରେ ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। କୁଷ୍ଠମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଶପଥପାଠ କରାଯାଉଛି। ନିଜ ଆଖପାଖରେ କୁଷ୍ଠ ରୋଗୀ ଥିଲେ, ତାଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଦିଗରେ ସାହାଯ୍ୟ ପ୍ରଦାନ ସହ ତାଙ୍କୁ ସାମାଜିକ ଭେଦଭାବରୁ ବଞ୍ଚାଇବା ପାଇଁ ସମସ୍ତେ ଶପଥ ନେଉଛନ୍ତି।

ଅନ୍ୟପଟେ ବୃଦ୍ଧି ପାଉଥିବା ସଂଖ୍ୟାକୁ ନେଇ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ତୃପ୍ତିମୟୀ ମହାପାତ୍ରଙ୍କ ଭିନ୍ନମତ ରହିଛି। ତାଙ୍କ କହିବାନୁଯାୟୀ, ପୂର୍ବରୁ କୁଷ୍ଠ ରୋଗୀ ଚିହ୍ନଟ ଶିବିରଗୁଡ଼ିକର ଆୟୋଜନରେ ତ୍ରୁଟି ରହୁଥିଲା। ଫଳରେ ନୂତନ ରୋଗୀ ଚିହ୍ନଟ ହୋଇପାରୁ ନ ଥିଲେ। କିନ୍ତୁ ଗତ କିଛି ବର୍ଷ ହେଲା ଶିବିର ବ୍ୟାପକ ଭାବେ ଆୟୋଜିତ ହେଉଛି। ସେଥି ପାଇଁ ରୋଗୀଙ୍କ ସଂଖ୍ୟା ବଢ଼ିଛି। ରୋଗୀ ଚିହ୍ନଟ ହେବା ପରେ ତାଙ୍କର ଚିକିତ୍ସା ସୁବିଧା କରାଯାଉଛି। ଆବଶ୍ୟକ ଔଷଧ ପ୍ରଦାନ କରାଯାଉଛି। ଆସନ୍ତା ଫେବୃୟାରୀ ୧୫ରୁ ୨୮ତାରିଖ ପର୍ଯ୍ୟନ୍ତ କୁଷ୍ଠରୋଗୀ ଚିହ୍ନଟ ଶିବିର(ଏଲ୍‌ସିଡିସି) ଆୟୋଜନ ହେବ। ଜିଲାର ମୋଟ ୩୮ଲକ୍ଷ ୫୮ହଜାର ୫୮୦ଙ୍କ ପାଖରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୩ ହଜାର ୫୦୨ ଦଳ ଚିହ୍ନଟ ପ୍ରକ୍ରିୟାରେ ସାମିଲ୍ ହେବେ। ଏହି ଦଳରେ ଜଣେ ଆଶା ଏବଂ ଜଣେ ପୁରୁଷ ସ୍ୱେଚ୍ଛାସେବୀ ରହିବେ। ଏମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୭ଶହ ସୁପରଭାଇଜର୍ ରହିବେ। ଘରକୁ ଘର ଯାଇ ରୋଗୀଙ୍କୁ ଚିହ୍ନଟ କରାଯିବ। ଯେଉଁ ଲୋକମାନଙ୍କ ପାଖରେ କୁଷ୍ଠ ଲକ୍ଷଣ ଦେଖାଦେବ ଆଶାକର୍ମୀ ଏବଂ ପୁରୁଷ ସ୍ୱେଚ୍ଛାସେବୀ, ସେମାନଙ୍କ ତାଲିକା ପ୍ରସ୍ତୁତ କରିବେ। ସୁପରଭାଇଜର୍‌ମାନେ ପହଞ୍ଚି ଆବଶ୍ୟକ ପରୀକ୍ଷା କରିବେ। କୁଷ୍ଠ ରୋଗ ଚିହ୍ନଟ ହେଲେ ଏନେଇ ମେଡିକାଲ୍ ଅଫିସର୍‌ଙ୍କୁ ସୂଚନା ଦେବେ। ସମ୍ପୃକ୍ତ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯିବ ବୋଲି ଡା. ମହାପାତ୍ର ପ୍ରକାଶ କରିଛନ୍ତି।



ବ୍ରହ୍ମପୁର ସହରସ୍ଥିତ ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ କୁଷ୍ଠମୁକ୍ତ ଭାରତ ଗଠନ ପାଇଁ ଶପଥ ନେଉଛନ୍ତି ।

## ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ

# ଆଜିଠୁ ଅଦାଲତ ଅଚଳ କରିବେ ଓକିଲ

ବରଗଡ଼ ଅଫିସ୍,୩୧।୧

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଗୁରୁବାର ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଗତ ୭ତାରିଖରୁ କୋର୍ଟ, କଚେରୀ, ରାଜସ୍ୱ ବିଭାଗ ଆଦିକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇଥିବା ପ୍ରକ୍ରିୟା ବଳବତ୍ତର ରଖାଯିବା ସହିତ ଆସନ୍ତା ଫେବୃୟାରୀ ୧ତାରିଖରୁ ସାଧାରଣ ନିର୍ବାଚନ ବିଜ୍ଞାପନ ପ୍ରକାଶ ପାଇବା ପର୍ଯ୍ୟନ୍ତ ପିକେଟିଂ କରି ଅଦାଲତ ଗୁଡ଼ିକୁ ଅଚଳ କରାଯିବା ଭଳି ଚରମ ନିଷ୍ପତ୍ତି ନିଆଯାଇଛି । ଏହାସହିତ ପ୍ରତିଦିନ ବେଞ୍ଚ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନାତ୍ମକ ପନ୍ଥାକୁ ସମୀକ୍ଷା କରି ତଦନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ସଂଘ ସାଧାରଣ ସମ୍ପାଦକ ଲିପସିତ୍ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।



ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଦୋକାନ ଆଜବେଷ୍ଟସ ଭାଙ୍ଗି ଚୋରି

**ବଡଗାଁ, ୩୧।୧ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଏକ ହୋଟେଲର ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ହୋଟେଲ ମାଲିକ ଯୋଗିନ୍ଦ୍ର ସାହୁ ରାତିରେ ଦୋକାନ ବନ୍ଦ କରି ଗଲାପରେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଶି ଟଙ୍କା, ସିଗାରେଟ, କୁରକୁରେ ଆଦି ବିଭିନ୍ନ ସାମଗ୍ରୀ ନେଇଯାଇଛନ୍ତି।

### ଦୀନଦୟାଲ ଗ୍ରାମୀଣ ବିଦ୍ୟୁତ୍ ଯୋଜନା ଦିଗହରା

**ସୁନ୍ଦରଗଡ, ୩୧।୧ (ଡି.ଏନ୍.ଏ.):** ସମସ୍ତଙ୍କୁ ବିଜୁଳି ଆଲୁଅ ପହଞ୍ଚାଇବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାର ଅଭାବ ନାହିଁ। ଗ୍ରାମାଞ୍ଚଳର ବିଦ୍ୟୁତ୍ ସେବା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ ଯୋଜନା ଓ ପରବର୍ତ୍ତୀ ସମୟରେ କେନ୍ଦ୍ରର ଏନଡିଏ ନେତୃତ୍ୱାଧୀନ ସରକାର ଅମଳରେ ଆରମ୍ଭ ହୋଇଛି ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ୍ ଯୋଜନା। ହେଲେ ଏବେସୁଦ୍ଧା ସୁନ୍ଦରଗଡ ଜିଲାର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳଗୁଡିକରେ ବିଜୁଳି ଆଲୁଅ ଅପହଞ୍ଚ ହୋଇରହିଛି। ଜିଲାର ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଛଟେନପାଲି ଗ୍ରାମପଞ୍ଚାୟତର ସୁର୍ଗୁଡା, ଲେଫ୍ରିପଡା ଗ୍ରାମପଞ୍ଚାୟତର ଚମ୍ପିଆ, ମନଭୂଲାପଡା, ମଶାବିରା ଗ୍ରାମପଞ୍ଚାୟତର ବୁଡା ପାହାଡ, ରାଜବାହାଲ ପଞ୍ଚାୟତର ବନଡେଗା ଆଦି ବହୁ ଗ୍ରାମରେ ଏହି ଯୋଜନାରେ କେଉଁଠି ବିଦ୍ୟୁତ୍ ତାର ଟଣାହୋଇଛି ତ ଆଉ କେଉଁଠି କେବଳ ବିଦ୍ୟୁତ୍ ଖୁମ୍ବ ପୋତାରେ ସୀମିତ ରହିଛି। ସେହିଭଳି ବଡଗାଁ ବ୍ଲକର ଝାଡଖଣ୍ଡ ସୀମାବର୍ତ୍ତୀ ରୁନଗାଁ ଗ୍ରାମପଞ୍ଚାୟତର ସରପଞ୍ଚ ରାଜୀବ ଏକ୍କା କହନ୍ତି, ଏହି ପଞ୍ଚାୟତର ଲକ୍ରାଘରା, ଚୁହୁରା, ଲିମ୍‌ଗୁଡା, ଚେଠଲାପଡା, ଗୀର୍ଜାପଡା ଗ୍ରାମଗୁଡିକରେ ପ୍ରାୟ ୫/୬ବର୍ଷ ହେବ ଖମ୍ବ ପଡିରହିଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ଏହି ସବୁ ଗ୍ରାମଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ହେଁ ଏଦିଗରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ପାଇଁ କୌଣସି ପ୍ରକାର ବିଭାଗୀୟ ତତ୍ପରତା ପ୍ରକାଶ ପାଉନାହିଁ।

### ବ୍ରାହ୍ମଣୀ ଅସୁରକ୍ଷିତ, ଦୃଷ୍ଟି ଦିଆଯାଉନି

**ରାଉରକେଲା ଅଫିସ,୩୧।୧-** ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ବ୍ରହ୍ମଣୀ ସ୍ରୋତସ୍ୱିନୀ ମହୋତ୍ସବ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ତେବେ ଯେଉଁ ବ୍ରାହ୍ମଣୀ ନଦୀ ନାଁରେ ଏ ସବୁ ଆୟୋଜନ କରାଯାଉଛି ତା'ର ଦୁରବସ୍ଥା ନେଇ ଦୃଷ୍ଟି ଦିଆଯାଉନି ବୋଲି ରାଉରକେଲା ଜନ ଅଧିକାର ମଞ୍ଚ ଆବାହକ ତଥା ଆଇନଜୀବୀ ସଦାନନ୍ଦ ସାହୁ ଏକ ବିବୃତିରେ ପ୍ରକାଶ କରିଛନ୍ତି। ପ୍ରଦୂଷିତ ବ୍ରାହ୍ମଣୀ ନଦୀର ସୁରକ୍ଷା ପ୍ରତି ଅବହେଳା ନେଇ ସଂଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୩୧।୧-** ଅଧକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ତତ୍ତ୍ୱାବଧାନରେ ଗୁରୁବାର ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପ୍ରଦର୍ଶକ ଅକ୍ଷୟ ଦାସ, ଉଦ୍ଭିଧ ବିଜ୍ଞାନ ବିଭାଗ ପ୍ରଦର୍ଶିକା ମଞ୍ଜୁ ନନ୍ଦ, ରସାୟନ ବିଜ୍ଞାନ ବିଭାଗ ବିଜ୍ଞାନାଗାର ରକ୍ଷକ ବ୍ରଜସୁନ୍ଦର ମିଶ୍ରଙ୍କ ଉଦ୍ଦେଶ୍ୟରେ ମିଳିତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଛାତ୍ର ବିକାଶ ବାରିକ, ସତ୍ୟସ୍ୱରୂପ ଦାସ ଓ ଶ୍ରଦ୍ଧାଞ୍ଜଳି ଚାନ୍ଦ ବକ୍ତବ୍ୟ ପ୍ରଦାନ ରଖିଥିଲେ। ପ୍ରଧାପକ ଲଳିତ ଷଡ଼ଙ୍ଗୀ, କର୍ମଚାରୀ ସଂଘ ସଭାପତି ରାଜେନ୍ଦ୍ର ସାହୁ, ଏସ୍.ଏସ୍. ରହେମନ, ଅର୍ପିତା ମହାପାତ୍ର, ଡ. ନମିତା ରଥ, ଡ. ଅଶୋକ ବେଉରା ଓ ସୁଜାତା ହୋତା ପ୍ରମୁଖ ଏଥିରେ ସାମିଲ ହୋଇ ବିଦାୟ କାଳୀନ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ କର୍ମଚାରୀ ନନ୍ଦକିଶୋର କୁଅଁର, କୈଳାସ ଛୋଟରାୟ, ନୀଳମଣି ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାବଗ୍ରାହୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପକ ବିଜୟ ରାୟ ଓ ଡ. ଚନ୍ଦ୍ରିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାଫିକ ସମସ୍ୟା ନିୟନ୍ତ୍ରଣରେ ପ୍ରଶାସନ ବିଫଳ

**ବେଦବ୍ୟାସ, ୩୧।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଦେଇ ଯାଇଥିବା ୧୪୩ନଂ ଜାତୀୟ ରାଜପଥ ବ୍ରାହ୍ମଣୀ ପୋଲ ପାନପୋଷଠାରୁ ୧୦ନଂ. ରାଜ୍ୟ ରାଜପଥର ବେଦବ୍ୟାସ ପର୍ଯ୍ୟନ୍ତ ଦୈନନ୍ଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଛନ୍ତି। ଟ୍ରାଫିକ ସମସ୍ୟା ଯୋଗୁ ସାଧାରଣ ଜନତାଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଯୋଗେ ଯାଉଥିବା ଗୁରୁତର ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ରାସ୍ତାରେ ଅଟକିବାକୁ ପଡୁଛି। ବେଳେ ବେଳେ ଟ୍ରାଫିକ ଭିଡ଼ରେ ରହି ରୋଗୀଙ୍କ ଜୀବନ ଯିବାର ଆଶଙ୍କା ଥାଏ। ଶିଳ୍ପନଗରୀ ରାଉରକେଲା ଉପରେ ପଶ୍ଚିମ ଓଡିଶାର ପ୍ରାୟ ଜିଲା ସମେତ ପଡୋଶୀ ରାଜ୍ୟର ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। ତେଣୁ ଦୈନନ୍ଦିନ ହଜାର ହଜାର ଯାନବାହାନ ଯାତାୟତ କରିଥାଏ। ହେଲେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଦିଗରେ ଜିଲା ପ୍ରଶାସନ ତରଫରୁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଏହି ପଥଦେଇ ବିଧାୟକ, ଏମ୍‌ପି, ମନ୍ତ୍ରୀ, ଜିଲାପାଳ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯାତାୟତ କ୍ଷେତ୍ରରେ ଟ୍ରାଫିକ ସମସ୍ୟାର ସମ୍ମୁଖିନ ହେଉଥିବାବେଳେ ଏହାର ପ୍ରତିକାରମୂଳକ ପଦକ୍ଷେପ ନ ନେବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ବିଷୟରେ ଯୁବନେତା ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ପ୍ରମୋଦ କୁମାର ପ୍ରଧାନ କହନ୍ତି, ଟ୍ରାଫିକ ସମସ୍ୟା ପାଇଁ ହଜାର ହଜାର ଲୋକ ହଇରାଣ ହେଉଛନ୍ତି। ପ୍ରଶାସନିକ ସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବା ଉଚିତ। ଏ ସଂକ୍ରାନ୍ତରେ ଭାଜପାର ଯୁବ ନେତା ଇଂ. ଦାଶରଥି କିଷାନ କହନ୍ତି, ରାସ୍ତାର ଦୁଇ ପାର୍ଶ୍ୱରେ ଭାରିଯାନ ଘଣ୍ଟାଘଣ୍ଟା ବେଆଇନ ଭାବେ ପାର୍କିଂ କରାଯାଉଥିବାସ୍ଥଳେ ପ୍ରଶାସନ ତରଫରୁ ସେଭଳି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁଃଖର ବିଷୟ। ବେଆଇନ ପାର୍କିଂ ଟ୍ରାଫିକ ସମସ୍ୟା ଉପୁଜିଥିବାର ଅନ୍ୟତମ କାରଣ। ଏ ବିଷୟରେ ବିଜୁ ଜନତା ଦଳର ଯୁବନେତା ଶୁକଦେବ ନନହାର କହନ୍ତି, ଗାଡି ଚାଳକମାନଙ୍କ ବେଆଇନ ପାର୍କିଂ, ଓଭରଟେକ୍ ଆଦି ଯୋଗୁ ଟ୍ରାଫିକ ସମସ୍ୟା ସମେତ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର ନିମନ୍ତେ ପ୍ରଶାସନିକ ସ୍ତରରେ ସଚେତନତା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରିବା ଉଚିତ। ଏ ବିଷୟରେ ରାଜଗାଙ୍ଗପୁର ବିଧାୟକଙ୍କ ରାଉରକେଲା ପ୍ରତିନିଧି ଶ୍ରୀକାନ୍ତ ଦାଶ କହନ୍ତି, ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ପ୍ରଥମେ ଜନସାଧାରଣ ସଚେତନ ହେବା ଏବଂ ସରକାରଙ୍କର ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରିବା ଉଚିତ। ମାନସିକ ସ୍ତରରେ ଯେପର୍ଯ୍ୟନ୍ତ ସଚେତନ ନ ହେବା, ସରକାରଙ୍କୁ ଦୋଷ ଦେବା କୌଣସି ଯୁକ୍ତିଯୁକ୍ତ ହେବ ନାହିଁ। ଏ ବିଷୟରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ କୁମାର ସ୍ୱାଇଁ କହନ୍ତି ବ୍ରାହ୍ମଣୀତରଙ୍ଗ ଥାନା ପକ୍ଷରୁ ବିଭିନ୍ନ ସମୟରେ ବେଆଇନ ପାର୍କିଂ, ବେଆଇନ ଗାଡିଚାଳନା, ବିନା ଡ୍ରାଇଭିଂ ଲାଇସେନ୍ସ, ହେଲମେଟ ଯାଞ୍ଚ ଆଦି କାର୍ଯ୍ୟକ୍ରମ ବିଭିନ୍ନ ଛକରେ କରାଯାଉଛି। ଟ୍ରାଫିକ ସମସ୍ୟା ସମାଧାନ ନିମନ୍ତେ ଜିଲା ପ୍ରଶାସନର ହସ୍ତକ୍ଷେପ ଖୁବଶୀଘ୍ର ଆବଶ୍ୟକ ବୋଲି ବୃଦ୍ଧିଜୀବି ତଥା ସାଧାରଣ ଜନତାଙ୍କ ତରଫରୁ ମତପ୍ରକାଶ ପାଇଛି।



ବେଦବ୍ୟାସ ଛକରେ ଗାଡ଼ିମୋଟର ଅଟକି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି।

**ବେଦବ୍ୟାସ ଛକ**

- ସାଧାରଣ ଲୋକ, ରୋଗୀ ରାସ୍ତାରେ ଅଟକି ହନ୍ତସନ୍ତ ହେଉଛନ୍ତି
- ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଅଧିକ ହେଉଛି

## ଚିକିତ୍ସାଧୀନ ଦୁଇ ଆହତଙ୍କ ମୃତ୍ୟୁ

**ଲହୁଣୀପଡା, ୩୧।୧ (ଡି.ଏନ.ଏ)**

ଲହୁଣୀପଡା ଥାନା କଲେଇପୋଷ-ବାହାଡାପଷି-୧୦ (କ) ରାଜ୍ୟ ରାଜପଥ ଖୁଣ୍ଟଗାଁ ନିକଟସ୍ଥ ସାଧୁବାହାଲ ତାରିଣୀ ମନ୍ଦିର ଗୋଲେଇଠାରେ ବୁଧବାର ରାତି ପ୍ରାୟ ୭ଟା ବେଳେ ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ଆହତ ବାଇକ ଆରୋହୀ ମଧ୍ୟରୁ ଚିକିତ୍ସାଧିନ ଅବସ୍ଥାରେ ପୃଥକ ପୃଥକ ଡାକ୍ତରଖାନାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ତାରିଣୀ ମନ୍ଦିର ଗୋଲେଇଠାରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଥିଲା । ସେଥିମଧ୍ୟରୁ ଓଡି ୧୪ କ୍ୟୁ- ୩୪୯୮ ବାଇକ ଆରୋହି ମାନସ କୁମାର ବଡନାୟକ (୨୦)କୁ ବଣେଇ ଡାକ୍ତରଖାନାରୁ ରାଉରକେଲା ଆଇଜିଏଚକୁ ସ୍ଥାନାନ୍ତର କରାଯାଇଥିଲେ ମଧ ଗୁରୁବାର ସକାଳ ପ୍ରାୟ ୯ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସିଜି ୧୪ ଏମଜି- ୯୮୭୨ ବାଇକରେ ଥିବା ମହମ୍ମଦ ମୁଲାଅଲି ସେକ୍ ଓ ମହମ୍ମଦ ମାସିସେକ୍ ଆହତ ହୋଇଥିଲେ ମଧ ମହମ୍ମଦ ମୁଲାଅଲିର ଅବସ୍ଥା ଶୋଚନୀୟ ଥିଲା ବେଳେ ତାକୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

## ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଶହୀଦ ଦିବସ

**ବେଦବ୍ୟାସ, ୩୧।୧ (ଡି.ଏନ.ଏ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବୁଧବାର ଶହୀଦ ସ୍ମୃତି କମିଟି ଆନୁକୂଲ୍ୟରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଦବ୍ୟାସ ଶହୀଦ ସ୍ମୃତି କମିଟିର ଅଧକ୍ଷ ତଥା ସାମାଜିକ କର୍ମୀ ରମେଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେ ତାଙ୍କ ବକ୍ତବ୍ୟ ମାଧମରେ ଗାନ୍ଧିଜୀ ସ୍ୱାଧୀନ ଭାରତର ସ୍ୱପ୍ନ ସାକାର କରିବା ପାଇଁ ନିଜକୁ ବଳିଦାନ ଦେଇ ଏକ ଅମ୍ଳାନ ଭିତ୍ତିସ୍ତମ୍ଭ ସ୍ଥାପନା କରିଛନ୍ତି। ଅସଫାକ ଉଲ୍ଲାଖାନ ଆଜାଦୀ ଲଢ଼ାଇରେ ମୁଖ୍ୟଭୂମିକା ଗ୍ରହଣ କରି କ୍ରାନ୍ତିକାରୀମାନଙ୍କୁ ଗୋଳାବାରୁଦ ଯୋଗାଇବା ପାଇଁ ଟ୍ରେନ ଲୁଟ କରିଥିଲେ। ସେଥିପାଇଁ ତାଙ୍କୁ ଏ ଦେଶ ପାଇଁ ଫାଶିଦଣ୍ଡ ମିଳିଥିଲା ବୋଲି ଶହୀଦମାନଙ୍କ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦବ୍ୟାସ ଗୁରୁକୁଳ ବୈଦିକ ସଂସ୍କୃତ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡ. ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀ, ଅସଫକ ଉଲ୍ଲାଖାନ୍‌ଙ୍କର ଅବଦାନ ଅତୁଳନୀୟ ଓ ମହାତ୍ମାଙ୍କ ଦେଶର ସଂଘତି ପାଇଁ ବଳିଦାନ ଆଧୁନିକ ଯୁବ ସମାଜର ପଥ ପ୍ରଦର୍ଶକ ହେବା ଉଚିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଓ ଛାତ୍ର ବେଦପାଠ ଗାନ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଅଧାପିକା ଜ୍ୟୋତ୍ସ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଶହୀଦ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଅତିଥି।

## କନ୍ତର-କୋଇଡା-ଜଳଡିହି କଂକ୍ରିଟ ରାସ୍ତା ଲୋକାର୍ପିତ

**ଟେନସା, ୩୧।୧ (ଡି.ଏନ.ଏ)**

କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ଡେଙ୍ଗୁଳା ଗ୍ରାମ ପଞ୍ଚାୟତ ଅଧିନସ୍ଥ କନ୍ତର- କୋଇଡା- ଜଳଡିହି କଂକ୍ରିଟ ରାସ୍ତାକୁ ବଣାଇ ଉପଜିଲାପାଳ ଡ. ବିଜୟ ୟେଦ୍ଦୁଲ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟ ମେସର୍ସ ସୁରେନ୍ଦ୍ର ମହାନ୍ତି ଏଣ୍ଡ ପ୍ରବୋଧ ମହାନ୍ତି ଖଣିର ପରିଚାଳକ ପବିତ୍ର ମୋହନ ମହାନ୍ତି, ସିଡିଏମ ଟୁଏଲ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଡେଙ୍ଗୁଳା ଗ୍ରାମ ପଞ୍ଚାୟତର ସିଡିମ୍ବା, ସିଡିଏମ ଟୁଏଲ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଡେଙ୍ଗୁଳା ଗ୍ରାମ ପଞ୍ଚାୟତର ସିଡିମ୍ବା, ଜଳଡିହି, ତନ୍ତା ୪ଟି ଗ୍ରାମର ୪ ହଜାରରୁ ଉର୍ଦ୍ଧ୍ୱ ଲୋକ କନ୍ତର- କୋଇଡା- ଜଳଡିହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତାର ୫.୨ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା। ଯାହାକି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ରାସ୍ତାକୁ ନିର୍ମାଣ ପାଇଁ ଗ୍ରାମବାସୀ ମେର୍ସସ ସୁରେନ୍ଦ୍ର ମହାନ୍ତି ଏଣ୍ଡ ପ୍ରବୋଧ ମହାନ୍ତି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରି ଆସୁଥିଲେ। ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଖଣି ମାଲିକ ପ୍ରବୋଧ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ମେସର୍ସ ସୁରେନ୍ଦ୍ର ମହାନ୍ତି ଏଣ୍ଡ ପ୍ରବୋଧ ମହାନ୍ତି କମ୍ପାନୀର କର୍ପୋରେଟ ସାମାଜିକ ଉତ୍ତରଦାୟୀତ୍ୱ, ପାଣ୍ଠିରୁ ୧୭ କୋଟି ଟଙ୍କା ବ୍ୟୟଅଟକଳରେ ଏହି ୫.୨ କିମି ରାସ୍ତାକୁ କଂକ୍ରିଟ କରାଯାଇ ଗ୍ରାମବାସୀଙ୍କ ପାଇଁ ନିର୍ମାଣ କରାଯାଇଥିଲା । ଏହି ରାସ୍ତାକୁ ବଣାଇ ଉପଜିଲାପାଳ ଡ. ବିଜୟ ୟେଦ୍ଦୁଲ୍ଲା ଆନୁଷ୍ଠାନିକ ଭାବେ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଲୋକାର୍ପିତ କରିଥିଲେ। କମ୍ପାନୀ ପକ୍ଷରୁ ଜଳକି ଖଣି ପରିଚାଳକ ଚନ୍ଦ୍ରକାନ୍ତ ରଥ, କୀର୍ତ୍ତନ ବାରିକ, ଜ୍ୟୋତି ରଞ୍ଜନ ରାଉତ ଓ ଖଣି କର୍ମଚାରୀ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆଇଟିଆଇରେ ଡିଜିଟାଲ ଶିକ୍ଷା ସଚେତନତା ଶିବିର

**ବଡ଼ଗାଁ, ୩୧।୧ (ଡି.ଏନ.ଏ)**

ବଡଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ସଭାଗୃହରେ ବୁଧବାର ଡିଜିଟାଲ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଅନୁସୂଚୀତ ଜନଜାତି ଆର୍ଥିକ ବିକାଶ ସଂସ୍ଥା (ଏନ୍‌ଏସ୍‌ଟିଏଫ୍‌ଡିସି) ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ଏନ୍‌ଏସ୍‌ଟିଏଫ୍‌ଡିସିର ଜେନେରାଲ ମ୍ୟାନେଜର ଅନୀଲ ଜୁଏଲ, ଆଞ୍ଚଳିକ ମ୍ୟାନେଜର ସୁନୀଲ କୁମାର ସାହୁ, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଓ ବଡ଼ଗାଁ ଡିଗ୍ରୀ କଲେଜ ଅଧକ୍ଷା ବନଜାରାଣୀ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଟିଏଫ୍‌ଡିସିର ଜେନେରାଲ ମ୍ୟାନେଜର ଜୁଏଲ, କେନ୍ଦ୍ର ସରକାରଙ୍କ ଡିଜିଟାଲାଇଜେସନ୍ ମାଧ୍ୟମରେ ଆଜିର ଯୁଗରେ ସାଧାରଣ ଲୋକେ କିପରି ଇଣ୍ଟରନେଟ ମୋବାଇଲ ଓ କମ୍ପ୍ୟୁଟର ମାଧ୍ୟମରେ ବିନା କାଗଜପତ୍ରରେ ବିଭିନ୍ନ ଆପ (ଆପ୍ଲିକେସନ୍) ଦ୍ୱାରା ସମସ୍ତ କାର୍ଯ୍ୟ ଘରେ ବସି କରିପାରିବେ। ଏହା ଆଜିର ଯୁବତୀଯୁବକ, ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବଶ୍ୟକ ଅଟେ ବୁଝାଇଥିଲେ। ଆଞ୍ଚଳିକ ମ୍ୟାନେଜର ସାହୁ, ମୋବାଇଲରେ ଆପ୍ ମାଧ୍ୟମରେ କିପରି ଶିକ୍ଷିତ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ଉପଯୋଗ କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ନାୟକ, ବର୍ତ୍ତମାନ ଯୁଗରେ ସମସ୍ତେ ଯୁଗପଯୋଗୀ ହେବା ସହିତ କମ୍ପ୍ୟୁଟର ଏବଂ ଇଣ୍ଟରନେଟ ବ୍ୟବହାରକରି ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଜାଣିବା, ଜ୍ଞାନ ଆହରଣ କରିବା ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ଶିବିରରେ ସ୍କୁଲ ଏବଂ କଲେଜର ୩୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆଇଟିସିର କର୍ମଚାରୀ କେଶବ ଚନ୍ଦ୍ର ସାହୁ, ନରହରି ନାୟକ, ମମତା ବଡପଣ୍ଡା, ଦିବ୍ୟଲୋଚନ ପୃଷେଟ, ସରିତା କମାର, ଶରତ ଚନ୍ଦ୍ର ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଡିଜିଟାଲ ଶିକ୍ଷା ସଚେତନତା ଶିବିରରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

## ପଥରଖଣିରେ ପୋକ୍‌ଲେନ୍ ମେଶିନକୁ ଜାଳିଦେଲେ ଦୁର୍ବୃତ୍ତ

**ରାଜଗାଙ୍ଗପୁର, ୩୧।୧ (ଡି.ଏନ.ଏ)**

ରାଜଗାଙ୍ଗପୁର ଥାନା ଅଧିନ ଭଗତଟୋଲାଠାରେ ଥିବା ନମୀ ସନ୍ୟାସିଙ୍କ ପଥର ଖଣିରେ ବୁଧବାର ବିଳମ୍ବିତ ରାତିରେ ଏକ ଏକ୍ସାଭେଟର୍ (ପୋକଲେନ୍) ମେଶିନରେ ନିଆଁ ଲଗାଇ ଜାଳି ଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମେଶିନଟି ଜଳି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାବେଳେ ବ୍ୟବସାୟରେ ହିଂସାପରାଣୟ ହୋଇ କେହି ମେଶିନକୁ ଜାଳିଦେଇଥିବା ଖଣି ମାଲିକ ସନ୍ଦେହ କରୁଛନ୍ତି। ରାଜଗାଙ୍ଗପୁର ସହରକୁ ଲାଗି ରହିଥିବା ମହାବୀର ପାହାଡରେ ବହୁ ଗୁଡାଏ ବେଆଇନ ପଥର ଖଣି ରହିଛି। ଏହି ବେଆଇନ ଖଣିରୁ ପ୍ରତିଦିନ ଶହଶହ ଟ୍ରକ ପଥର ଓ ମେଟାଲ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀ ଓ ପଥର ମାଫିଆଙ୍କ ମଧୁଚନ୍ଦ୍ରିକାରେ ଏହି ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି। ସହରର ଭଗତଟୋଲାଠାରେ ଥିବା ପାହାଡରେ ନମୀ ସନ୍ୟାସିଙ୍କ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ପଥର ଖଣି ରହିଛି। ଖଣିରେ ବ୍ୟବହୃତ ହେଉଥିବା ବିଭିନ୍ନ ମେଶିନ ଛାଡି କର୍ମଚାରୀ ଓ ମାଲିକ ଘରକୁ ଚାଲିଯାନ୍ତି। ବହୁ ବର୍ଷ ହେବ ଏଭଳି ଖଣିକାମ ଚାଲୁଥିବା ବେଳେ ବୁଧବାର ବିଳମ୍ବିତ ରାତ୍ରିରେ ଖଣିରେ ରଖାଯାଇଥିବା ୮୦ଲକ୍ଷ ଟଙ୍କା ମୂଲ୍ୟର ମେଶିନରେ ନିଆଁ ଲଗାଇ କେହି ପୋଡି ଦେଇଥିବା ନମି ସନ୍ୟାସି ଗୁରୁବାର ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟବସାୟିକ ଶତ୍ରୁତା ନେଇ କେହି ଏଭଳି କାମ କରିଥାଇପାରେ ବୋଲି ନମି ପ୍ରକାଶ କରିଥିଲେ। ଏବାବଦରେ ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରୁ ନମି ସନ୍ୟାସୀ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଥିବା ବେଳେ ଏହାର ତଦନ୍ତ କରାଯାଉଥିବା କହିଛନ୍ତି।



ମେଶିନରେ ନିଆଁ ଲଗାଇ ଜାଳି ଦିଆଯାଇଛି।

## ଲ୍ୟାମ୍ପସ୍‌ର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲେଫ୍ରିପଡା, ୩୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଲ୍ୟାମ୍ପସ୍‌ର ନବନିର୍ମିତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଡିଆରସିଏସ୍ ଜେରମ୍ କେର୍କେଟା ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲ୍ୟାମ୍ପସ୍ ସଭାପତି ସୁନିଲ କୁମାର କାଲୋ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏଆରସିଏସ୍ ସାନନ୍ଦ ସାହୁ, ସମବାୟ ସମ୍ପ୍ରସାରଣ ଅଧିକାରୀ ରବିଶଙ୍କର ଭିତ୍ରିଆ ପ୍ରମୁଖ ଯୋଗଦାନ କରିଥିଲେ। ଗତ ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସେବା ଯୋଗାଇବା ଦିଗରେ ପୁରସ୍କୃତ ହୋଇଥିବାରୁ ଅତିଥିଗଣ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ଦିଗରେ କାର୍ଯ୍ୟଧାରାକୁ ବଜାୟ ରଖିବାକୁ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ଲ୍ୟାମ୍ପସ୍ ପକ୍ଷରୁ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ଉପରେ ଅବଗତି କରିଥିଲେ। ଏଥିରେ ସମବାୟ ବିଭାଗର ଜିଲାସ୍ତରୀୟ ଅଧିକାରୀ ଶିବ ପ୍ରଧାନ, ପ୍ରଦୀପ ପ୍ରଧାନ, ଭବାନୀ ନାଏକ, ସମର କୁମାର ଦତ୍ତ ଏବଂ ଲ୍ୟାମ୍ପସ୍‌ର ନିର୍ଦ୍ଦେଶକ ସମେତ ଅଞ୍ଚଳ ଚାଷୀଗଣ ପ୍ରମୁଖ ଉପସ୍ଥିତ ଥିଲେ।




ଲ୍ୟାମ୍ପସ୍‌ର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଧିକାରୀ ଓ ଅତିଥି।

## ଆଧୁନିକ ମେଟାଲିକ୍ସ କାରଖାନାରେ ଶ୍ରମିକ ଆନ୍ଦୋଳନ

**କୁଆଁରମୁଣ୍ଡା, ୩୧।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଡ୍ରି ହରିପୁର ନିକଟରେ ଥିବା ଆଧୁନିକ ମେଟାଲିକ୍ସ କାରଖାନା ଗେଟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନଠାରୁ ଶ୍ରମିକ, କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ବିକ୍ଷୋଭ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସେମାନେ ୭ ମାସର ବକେୟା ଦରମା ଦେବାକୁ ଦାବି କରିଛନ୍ତି। ଏହି କାରଖାନା ବର୍ଷେରୁ ଅଧିକ ଦିନ ହେବ ବନ୍ଦ ରହିଛି। ଫଳରେ ଦରମା ନ ପାଇ ଶ୍ରମିକ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ ଭୋକ ଓପାସରେ କାଳାତିପାତ କରୁଛନ୍ତି। ପ୍ରତ୍ୟେକ୍ଷ ଭାବେ ୧୨ଶହ କର୍ମଚାରୀ ଓ ପରୋକ୍ଷ ଭାବେ ୫ ହଜାର ଲୋକ ଏହା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ସେମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଫଳରେ ଶ୍ରମିକ କର୍ମଚାରୀ ତୁରନ୍ତ କାରଖାନା ଚାଲୁ କରିବା ସହ ବକେୟା ଦରମା ଦେବାକୁ ଦାବି କରିଛନ୍ତି। ପ୍ରଶାସନ ଓ କାରଖାନା କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଚଟେତ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବ ବୋଲି ଚେତାବନୀ ଦେଇଛନ୍ତି। ତରୁଣକାନ୍ତ ଜାଲ, ଏମଡ଼ି ମଞ୍ଜୁର, ରବିନାରାୟଣ ପଣ୍ଡା, ପ୍ରଶାନ୍ତ ପାଢୀ, କ୍ରିଷ୍ଣା କିଷାନ, ଉଦୟ ଓରାମ, ଧୀରେନ ସାହୁ, ଆଲୋକ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଆଧୁନିକ ମେଟାଲିକ୍ସ କାରଖାନା ଗେଟ ସମ୍ମୁଖରେ ଶ୍ରମିକ ଆନ୍ଦୋଳନ କରୁଛନ୍ତି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ



### କୁଷ୍ଠ ରୋଗ ନିରାକରଣ ପାଇଁ ରୁଦ୍ର ବାରିକ୍ ପୁରସ୍କୃତ

**ସେରଗଡ଼,୩୧।୧(ଡି.ଏନ.ଏ.)**
କୁଷ୍ଠ ରୋଗ ନିରାକରଣରେ ରାଜ୍ୟସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ବୁଧବାର କୁଷ୍ଠ ରୋଗ ନିରାକରଣ ଦିବସରେ ରାଜ୍ୟପାଳଙ୍କଠାରୁ ରୁଦ୍ର ଚରଣ ବାରିକ ପୁରସ୍କୃତ ହୋଇଛନ୍ତି । ଏହି ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟ ସଚିବଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ। ରୁଦ୍ର ବରିକ ଏମ୍.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରିଦର୍ଶକ ଭାବେ କାର୍ଯ୍ୟରତ ଅଛନ୍ତି । ରୁଦ୍ରଙ୍କ ଘର ନର୍ଲା ବ୍ଲକ ସେରଗଡଠାରେ । ସେ ନିଜ ଦାୟିତ୍ୱ ଓ କୁଷ୍ଠ ରୋଗ ନିରାକରଣରେ ଅଧିକ ସଚେତନତା ପାଇଁ ଆଇଇସି କାର୍ଯ୍ୟକ୍ରମରେ ମଧ୍ୟ ସଫଳତା ହାସଲ କରିଛନ୍ତି। ଏବେ ଜିଲାରେ ଏମ୍.ରାମପୁର ବ୍ଲକରେ ୩୫ ଜଣ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଔଷଧ ଖାଉଛନ୍ତି ବୋଲି ରୁଦ୍ର ପ୍ରକାଶ କରିଛନ୍ତି। ରୁଦ୍ର ପୁରସ୍କାର ପାଇବା ଖବର ପ୍ରକାଶ ପରେ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି ।



### ଆଦର୍ଶ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

**ତୁଣ୍ଡଲା,୩୧।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ହାତୀଖୋଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବରିଷ୍ଠ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ଶିକ୍ଷକ ଜିତେନ୍ଦ୍ର ପଧାନଙ୍କୁ ଅବସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଟିକଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ସହକାରୀ ଶିକ୍ଷକ ରାଜେନ୍ଦ୍ର ପଧାନ ଯୋଗଦେଇଥିବା ବେଳେ ବିପିନ ବିହାରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ସେ ଜଣେ ସୁସାହିତ୍ୟକ, କ୍ରୀଡାବିତ, ଲେଖକ ଭାବରେ ଅଞ୍ଚଳରେ ପରିଚିତ । ଦୀର୍ଘ ସମୟ ଚାକିରୀ କାଳରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସୁନ୍ଦର ଭାବରେ ଶିକ୍ଷା ଦେଇଥିଲେ। ଏହି ଅବସରରେ ଚର୍ତୁଭୂଜ ଦାଶ, ବେଦବର ସାହୁ, ସଭାକର ଭୋଇ, ଜିତ ସାହୁ, ହରିଶ୍ଚନ୍ଦ୍ର ଭୋଇ, ବିଦ୍ୟାଳୟ ନୂତନ ପୁରାତନ ଛାତ୍ରୀଛାତ୍ର ତଥା ଗ୍ରାମର ଭଦ୍ରବ୍ୟକ୍ତି, ନାଏବ ସରପଞ୍ଚ, ସମିତି ସଭ୍ୟ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ହାତୀଖୋଜ କ୍ଲଷ୍ଟରର ସିଆରସିସିମାନେ ଉପସ୍ଥିତ ଥିଲେ ।

ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଭବାନୀପାଟଣା,୩୧।୧(ଡି.ଏନ.ଏ.)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଜିଲା ଆଦିବାସୀ ସଂଘର ମହାସମାବେଶ ।

- ବିଚାର ବିଭାଗୀୟ ତଦନ୍ତ ଦାବି
- ଜିଲା ଆଦିବାସୀ ସଂଘ ତରଫରୁ ସମବେଶ

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅନ୍ତର୍ଗତ ସିରିମସ୍କା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଗୁରୁବାର କଳାହାଣ୍ଡି ଜିଲା ଆଦିବାସୀ ସଂଘ ତରଫରୁ ଏକ ବିରାଟ ଆଦିବାସୀ ସମାବେଶ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଦିବାସୀମାନେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଓ ବେଶଭୁଷାରେ ସଜ୍ଜିତ ହୋଇ ସ୍ଥାନୀୟ କଲେଜ ପଡିଆଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ର ହୋଇଥିଲେ। ସସେଠାରେ ସିରିମସ୍କା ଶ୍ରେଣୀ ଛାତ୍ରୀ ଓ ଅନ୍ୟ ଆଦିବାସୀ ଛାତ୍ରୀମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଓ ଅନ୍ୟାୟ ଘଟଣାରେ ସମ୍ପୃକ୍ତ ରାଜନେତା ତଥା ବରିଷ୍ଠ ଅଧିକାରୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଦୋଷୀ ବିରୋଧରେ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲାପାଳ ଓ ଏସ୍ପିଙ୍କ କାର୍ଯ୍ୟାଳୟକୁ ଆଦିବାସୀ ସଂଘ ତରଫରୁ ତାଲାବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲା ଆଦିବାସି ସଂଘ ସଭାପତି କିଶୋର ଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ସାଧାରଣ ସମ୍ପାଦକ ରମେଶ ମାଝି ପରିଚାଳନା କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି, ସାଧାରଣ ସମ୍ପାଦକ ତଥା ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ପୂର୍ବତନ ବିଧାୟକ ଶିବାଜି ମାଝି, ଆଦିବାସୀ ମହିଳା ନେତ୍ରୀ ଦୌପଦୀ ମାଝି, ଆଦିବାସୀ ସଂଘ ଉପଦେଷ୍ଟା ପରମାନନ୍ଦ ମାଝି, କାର୍ତ୍ତିକ ମଲ୍ଲିକ, ଭାନୁପ୍ରତାପସିଂ ମାଝି ସଭାପତି ନୂଆପଡା ଜିଲା, ଅଷ୍ଟରତ୍ନ ବରିଆ ପାଟଣାଗଡ, ରାମ ମାଝି ସଭାପତି ଥୁ.ରାମପୁର ବ୍ଲକ, ଚୁଡାମଣି ମାଝି ପ୍ରମୁଖ ଯୋଗଦେଇ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ବିଚାର ବିଭାଗୀୟ ତଦନ୍ତ କରାଯାଇ ସିରିମସ୍କା ଅସଦାଚରଣ ଘଟଣାରେ ଜଡିତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରି ଦଣ୍ଡିତ କରିବା ପାଇଁ ଦାବି କରିଥିଲେ। ଜିଲା ଶିଶୁ ମଙ୍ଗଲ କଲ୍ୟାଣ କମିଟି ତରଫରୁ ଏହି ଘଟଣାକୁ ଅତି ହାଲୁକା ଭାବେ ନିଆଯାଇ ତ୍ୱରତା ପ୍ରକାଶ ନ କରି ନିରବ ରହିବା ଘଟଣାକୁ ଆଦିବାସୀ ସଂଘ ତରଫରୁ ନିନ୍ଦା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ଗିରଫ ହୋଇ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର ଏବେ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ତାଙ୍କ ସହଯୋଗୀମାନେ ବାହାରେ ବୁଲୁଥିବା ନେଇ ଆଦିବାସୀ ସଂଘ କ୍ଷୋଭ ପ୍ରକାଶ କରିବା ସହ ବିଚାର ବିଭାଗ ତଦନ୍ତ ଆଦେଶ ତୁରନ୍ତ ଦେବା ପାଇଁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବି ମଧ୍ୟରେ ନକଲି ଆଦିବାସୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ, ଆଦିବାସୀ ଆବାସୀକା ବିଦ୍ୟାଳୟରେ ମହିଳା ଶିକ୍ଷୟିତ୍ରୀ ନିଯୁକ୍ତି ଓ ପ୍ରତିସପ୍ତାହରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ମହିଳା ଡାକ୍ତରାଣୀଙ୍କ ଦ୍ୱାରା ପରୀକ୍ଷା, ଜମି ଦଲାଲ ଓ ମୁଷ୍ଟିମେୟ ଜମି ବେପାରି ମାନଙ୍କଠାରୁ ଆଦିବାସୀମାନଙ୍କୁ ସୁରକ୍ଷା ପ୍ରଦାନ ଓ ଜମି ହୀନ, ଭୂମି ହୀନ ଆଦିବାସୀମାନଙ୍କ ଚିହ୍ନଟ କରି ତାର କାରଣ ଓ ନିରାକରଣ କରିବା ଆଦି ରହିଛି । ଜିଲାପାଳ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇଥିବାରୁ ସହକାରୀ ଜିଲାପାଳ ସୁରେନ୍ଦ୍ରନାଥ ତ୍ରିପାଠୀ ସମାବେଶ ସ୍ଥଳକୁ ଆସି ୫ ଦଫା ଦାବିପତ୍ର ଗ୍ରହଣ କରିଥିଲେ।

## କୁଲିହାରିରେ ବିଜେଡିର କର୍ମୀ ସମ୍ମିଳନୀ

**ଜୁନାଗଡ,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇ ଗାଁ ପଞ୍ଚାୟତ କୁଲିହାରି ଗ୍ରାମରେ ଗୁରୁବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସଭାନେତ୍ରୀ ରୀନା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ସ୍ୱତନ୍ତ୍ର ସଚିବ ସୁଜିତ କୁମାର ସେଠ, ଜୁନାଗଡ ବିଧାୟକ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ, ବ୍ଲକ ସଭାପତି ପ୍ରମୋଦ କୁମାର ବେହେରା, କଲେଇଗାଁ ସରପଞ୍ଚ ବିରଞ୍ଚି ଖମାରୀ, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ପରମା ପୂଝାରୀ, ଅନ୍ତରାମ ବାଗ, ସୁଦାମ ପାତ୍ର, ପ୍ରଦ୍ୟୁମ୍ନ ରାଉତ, ଲୋଚନ ପ୍ରଧାନୀ, ଭୋଳାନାଥ ନାଏକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ସେହିପରି ବିକାଶ ପାଇଁ ବିଜେଡିକୁ ଭୋଟ ଦେବା ପାଇଁ ବିଧାୟକ ମିଶ୍ର ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଏନଏସି ଅଧକ୍ଷ ମହେଶ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳାପୁରୁଷ ଯୋଗଦେଇଥିଲେ।



କୁଲିହାରିରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡିର ନେତୃବୃନ୍ଦ ।

## ଭବାନୀପାଟଣା ପୋଲିସ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭବାନୀପାଟଣା,୩୧।୧(ଡି.ଏନ.ଏ.)**

ଭବାନୀପାଟଣା ସହରରେ ଥିବା ପୋଲିସ ରିଜର୍ଭ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରୋଜା ମହାନ୍ତିଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ (ଟି) ଅଶୋକ କୁମାର ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସିଆର୍‌ପିଏଫ୍ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ଶୁରେସ କୁମାର, ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୟରାମ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷୟିତ୍ରୀ ରମା ହୋତା ଏବଂ ଭ୍ରମରୀ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ମୁଡିଙ୍ଗ ଚାମ୍ପିୟନ

**ରିଷିଡା,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଚାଲିଥିବା ମା' ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମୁଡିଙ୍ଗ ଦଳ ଟାଇବ୍ରେକରରେ ୪-୩ ଗୋଲରେ ରାସତାମାଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମନୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ପରମେଶ୍ୱର ଶବର ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ଖେଳକୁ ବିନୋଦ ହେର୍ଣ୍ଣା ପରିଚାଳନା ଏବଂ ମକୁନ୍ଦ ନାଏକ ଓ ପିଙ୍କୁ ଚନ୍ଦନ ସହଯୋଗ କରିଥିଲେ। ସ୍କୋରର ଥିଲେ ମହେନ୍ଦ୍ର ପଧାନ। ଧାରାବିବରଣୀ ପ୍ରଦାନ କରିଥିଲେ ସୌଭାଗ୍ୟ ସାହୁ, ଶିଶିର ଗହୀର, ଜ୍ୟୋତିରଞ୍ଜନ ପଧାନ, ପ୍ରମୋଦ ଭୋଇ ପ୍ରମୁଖ ସହାୟତା କରିଥିଲେ ।



ଟ୍ରଫି ସହ ଚାମ୍ପିୟନ ମୁଡିଙ୍ଗ ଦଳର ଖେଳାଳି ।



ଭାରତୀୟ ସିଭିଲ ସର୍ଭିସେସ୍ ଆଥଲେଟିକ

### ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଲଙ୍ଗ୍ ଜମ୍ପରେ ରୌପ୍ୟ ପଦକ

**ଭବାନୀପାଟଣା,୩୧।୧(ଡି.ଏନ.ଏ.)**

ଛତିଶଗଡର ରାୟପୁରଠାରେ ଅନୁଷ୍ଠିତ ସର୍ବ ଭାରତୀୟ ସିଭିଲ ସରର୍ଭିସ ଆଥଲେଟିକ୍ ପ୍ରତିଯୋଗିତାରେ ବିଶିଷ୍ଟ ଯୁବ କ୍ରୀଡାବିତ୍ ଶୁଭାଶିଷ ନାୟକଙ୍କୁ ଲଙ୍ଗଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ମିଳିଥିବା ଜାଣାପଡିଛି। ନାୟକ ସମ୍ପ୍ରତି କାଳାହାଣ୍ଡି ଜିଲା କ୍ରୀଡା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି ସଫଳତା ନେଇ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଜିଲା ପ୍ରଶାସନ ଓ କ୍ରୀଡା ସଙ୍ଗଠନ ମାନଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଆମପାଣି ବୁଢ଼ାରଜା ନୋଡାଲ ଉଚ୍ଚ ବିଦ୍ୟାଳୟ

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**କୋକସରା,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବୁଢାରଜା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଆମପାଣିଠାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୌସୁଧି ବାଗଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବୁଢାରଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ପଦ୍ମଲୋଚନ ମାଝି, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପୂର୍ବତନ ଛାତ୍ର ତ୍ରିନାଥ ପ୍ରଶନ୍ନ ରାୟ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ୟପତି ମାଝି, ଗୋପିଚନ ନାଏକ, ବିଦ୍ୟୁତ୍ ପୂଝାରୀ, ପର୍ଶୁରାମ ଦୁର୍ଗା, କେ.ନାଗେଶ୍ୱର ମହାପାତ୍ର, କେଦାର ନାଏକ, ଜିତେନ୍ଦ୍ର ପଣ୍ଡା, ନରସିଂ ନାଏକ, ଜୟଶଙ୍କର ପାଠୀ, ନରେଶ ମାଝି, ମୋହିତ ମାଝି, ରାମପ୍ରସାଦ ଅଗ୍ରୱାଲ, ଦୀପକ ବାଣୁଆ, ସୁଜାତା ଜାଲ, ମଞ୍ଜୁଲତା ସିଂ, ପୂଜା ବାଣୁଆ ଯୋଗଦେଇଥିଲେ । ସ୍କୁଲର ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଠାକୁର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବିଷୟରେ କହିଥିବାବେଳେ ସଂସ୍କୃତ ଶିକ୍ଷକ ବିରଞ୍ଚି ବିଶ୍ୱାଳ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ଏବଂ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଛି । ସଂଘ ସଭାପତି ଭାବେ ତ୍ରିନାଥ ପ୍ରସନ୍ନ ରାୟଙ୍କୁ ଚୟନ କରାଯାଇଥିଲା। ଏହି ସଂଘ ଜରିଆରେ ପୂର୍ବତନ ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ୧୦ ହଜାର ଟଙ୍କା ସ୍କୁଲର ଉନ୍ନତି ପାଇଁ ସଂଗ୍ରହ ହୋଇଥିଲା । ଏହି ବିଦ୍ୟାଳୟରେ ଅଧ୍ୟୟନ କରି ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପ୍ରମୋଦ କୁମାର ପୁରୋହିତ, ରାମସିଂ ମାଝି, ବୈଚକ୍ର ମାଝି, ହିନ୍ଦୀ ଶିକ୍ଷକ ଅଶ୍ୱିନୀ କୁମାର ଦାସ, ଭାଗ୍ୟବାନ ବାଗ, ଲୋକନାଥ ରାଉତ, ପରିକ୍ଷିତ ମାଝି, ସତ୍ୟପ୍ରକାଶ ଦାସ, ବୈଷ୍ଣବ ମୁଣ୍ଡ, ଗୋପବନ୍ଧୁ ନାଏକ, କପିଲ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଦ୍ୱିଦିବସୀୟ ଭଲିବଲ: ଏମ୍.ରାମପୁର ଚାମ୍ପିୟନ

**କୋକସରା,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଗୁଡହାଣ୍ଡି ପଡିଆଠାରେ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଭଲବଲ କଳାହାଣ୍ଡି କପ ବୁଧବାର ଉଦଯାପିତ ହୋଇଯାଇଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଏମ.ରାମପୁର ଦଳ ଚାମ୍ପିୟନ ଏବଂ ଟିଟ୍‌କେଲା ଦଳ ରନର୍ସଅପ ହୋଇଥିଲା । ଫାଇନାଲ ଖେଳକୁ ଅଜୟ କୁମାର ନାଏକ, ଏମ.ରାଜକୁମାର ଖର୍ସେଲ, ଅମିତ କୁମାର ମହାନ୍ତି, ଚନ୍ଦ୍ର ମୋହନ ବିଶ୍ୱାଳ, ନବିନ ନାଏକ ଓ ମଳୟ କୁମାର ବିଶ୍ୱାଳ ପରିଚାଳନା କରିଥିଲେ । ସ୍କୋର ଦାୟିତ୍ୱରେ ଚନ୍ଦ୍ରଭାନୁ ସୁନା ଓ ଧାରା ବିବରଣୀ ସୁନିଲ କୁମାର ପ୍ରଧାନୀ ଦେଇଥିବା ବେଳେ ସ୍ପୋର୍ଟସ କ୍ଲବ ସଦସ୍ୟ ତ୍ରିଲୋଚନ ମହାପାତ୍ର, ମହେଶ କୁମାର ଗୁପ୍ତା, ଜୟନ୍ତ ରାଉତ, ସନ୍ତୋଷ ନାଏକ, ମହେନ୍ଦ୍ର ନେଗୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, କ୍ଷୀରସିନ୍ଧୁ ନେଗୀ, ବନମାଳୀ ପ୍ରଧାନୀ, ବାଦଳ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଟୁର୍ନାମେଣ୍ଟ ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଯୁକ୍ତ ୨ କଲେଜ ଅଧକ୍ଷ ଗୋବର୍ଦ୍ଧନ ବାଗ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଉପାଧକ୍ଷ ପର୍ଶୁରାମ ପ୍ରଧାନୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ମଲ୍ଲିକ, କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ହରଲାଲ ଗୁପ୍ତା ପ୍ରମୁଖ ଯୋଗଦେଇ ଭଲିବଲ ଖେଳ କୋକସରା ଅଞ୍ଚଳ ପାଇଁ ଅତିତରେ ସୁନାମ ଆଣିଦେଇଥିବା ବେଳେ ପୁଣିଥରେ ଏହି ଖେଳ ଯୁବ ଖେଳାଳମାନଙ୍କ ଉତ୍ସାହ ବଢିବ ବୋଲି କହିଥିଲେ। ଏହି ଅବସରରେ କୋକସରା ବ୍ଲକ ପୂର୍ବତନ ଭଲିବଲ ଖେଳାଳି ଶିବପ୍ରସାଦ ପ୍ରଧାନୀ, ଧର୍ମାନନ୍ଦ ପଟ୍ଟନାୟକ, ସିତାରାମ ନେଗୀ, କୈଳାସ ନାଏକ, ନିରଞ୍ଜନ ନେଗି ଓ ଜାତୀୟ ବାଳିକା ବର୍ଗରେ କୋକସରା ହାଇସ୍କୁଲରୁ ପ୍ରିତନିଧିତ୍ୱ କରିଥିବା ଛାତ୍ରୀ ଶ୍ୱେତାରାଣୀ ପ୍ରଧାନୀଙ୍କୁ ସମ୍ମାନିତ କରାଯାଇଥିଲା। ଦିବାରାତ୍ରୀ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଶଂ ଗ୍ରହଣ କରିଥିଲେ ।



ଚାମ୍ପିୟନ ମ.ରାମପୁର ଦଳ ସହ ଅତିଥିବୃନ୍ଦ ।

ପ୍ରଧାନ ଶିକ୍ଷକଙ୍କ ବଦଳି, ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବି ଘଟଣା

# ୪ ଦିନ ହେଲା ସ୍କୁଲକୁ ଆସୁନାହାନ୍ତି ଛାତ୍ରୀଛାତ୍ର

**ସେରଗଡ଼,୩୧।୧(ଡି.ଏନ.ଏ.)**



କନକପୁର ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁ ନ ଥିବାରୁ ସ୍କୁଲ ଖାଲି ପଡିଛି ।

**କନକପୁର ଉଚ୍ଚ ପ୍ରାକକଥିକ ବିଦ୍ୟାଳୟ**
- ଆଜିଠୁ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲା ପଡ଼ିବ
- ଅଭିଭାବକ, ଗ୍ରାମବାସୀଙ୍କ ନିଷ୍ପତ୍ତି

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବାଲିସିଂଗା ପଞ୍ଚାୟତ ଅନ୍ତର୍ଗତ କନକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ଦେଖାଦେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଗତ ସୋମବାରଠୁ ଗୁରୁବାର ପର୍ଯ୍ୟନ୍ତ ଅଭିଭାବକ ଓ ଗ୍ରାମବାସୀ ନିଜ ପୁଅଝିଅଙ୍କୁ ବିଦ୍ୟାଳୟକୁ ପାଠପଢିବାକୁ ଛାଡୁ ନାହାନ୍ତି । ଏଭଳିସ୍ଥିତିରେ ଗତ ୪ ଦିନ ହେଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ସମାଧାନ ପାଇଁ ପଦକ୍ଷେପ ନେଉ ନ ଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାରଠୁ ସ୍କୁଲରେ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲା ପକାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଡିପିସି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ନର୍ଲା ଥାନାରେ ଏ ସମ୍ପର୍କରେ ଅଭିଭାବକ ଓ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ଠିକ ଭାବେ ପାଠପଢା ଯାଉ ନ ଥିବା, ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବା ନେଇ ଅଭିଯୋଗ ହେଉଛି । କିନ୍ତୁ ଏଯାଏ କୌଣସି ଶିକ୍ଷା ବିଭାଗର ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ପ୍ରଧାନ ଶିକ୍ଷକଙ୍କୁ ଜଣାଇଲେ ସେ ଅଭିଭାବକ ଓ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ବିଜ୍ଞାନ ଶିକ୍ଷକଙ୍କ ଆବଶ୍ୟକତା ଥିବା ନେଇ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ଦାବି ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୩ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଓ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ନର୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯାଇଛି । କିନ୍ତୁ ପ୍ରଧାନ ଶିକ୍ଷକଙ୍କ ବଦଳି ଉପରିସ୍ଥ ଅଧିକାରୀଙ୍କ ନିର୍ଣ୍ଣୟ କରି ପାରିବେ ବୋଲି କହିଛନ୍ତି । ଏପଟେ ୪ ଦିନ ହେଲା ପିଲାମାନ ସ୍କୁଲକୁ ନ ଯିବାରୁ ତାଙ୍କ ଶିକ୍ଷାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି । ଫଳରେ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ୪ ଦିନ ବିତି ଯାଇଥିଲେ ବି ଆମ କଥା ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଆମେ ବାଧ୍ୟ ହୋଇ ଶୁକ୍ରବାରଠାରୁ ସ୍କୁଲରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବୁ ବୋଲି ସ୍କୁଲ କମିଟି ସଭାପତି ବନିତା ମାଝି, ସବିତା ପଟ୍ଟନାୟକ, ପୁଷ୍ପାଞ୍ଜଳୀ ସୁନା, ସନାତନ ସାହୁ, ନୃପତିମାଝି, ତରୁଣ ସୁନା, ସୁମିତ୍ରା ସାହୁ, ଫଗୁନୁ ମାଝି, ସତ୍ୟବାଦୀ ମାଝି, ବିଷ୍ଣୁ ମାଝି, ସୁବାଷ ମାଝି, ଖିରୋଦିନୀ ଭୋଇ ପ୍ରମୁଖ ଗ୍ରାମବାସୀ ଓ ଅଭିଭାବକ ପ୍ରକାଶ କରିଛନ୍ତି।